ସାମସନଙ୍କ ସ୍ଥାନରେ ରିୟାନ ହେଲେ ଅଧିନାୟକ

ପୃଷ୍ଠା ୬

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 354 | ଭାଗ ୩୨ | ସଂଖ୍ୟା ୩୫୪ | Bhubaneswar | Friday 21 March 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୨୧ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ସୁରକ୍ଷା ବାହିନୀକୁ ବଡ଼ ସଫଳତା, ଲାଲ୍ ବାହିନୀକୁ ଶକ୍ତ ଧକ୍କା

ଏନକାଉଣ୍ଟରରେ ୩୦ ନକ୍ସଲ ନିପାତ

- ଜଣେ ଯବାନ ଶହୀଦ
- ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ନକ୍ସଲମୁକ୍ତ ଭାରତ: ଶାହ

ମାଲକାନଗିରି, ୨୦ମାର୍ଚ୍ଚ(ସଂଚାର ବ୍ୟୁରୋ): ଚଳିତ ବର୍ଷ ପ୍ରାରମ୍ଭରୁ ସୁରକ୍ଷା ବାହିନୀ ଲାଲ୍ ବାହିନୀର ବିଭିନ୍ନ କ୍ୟାମ୍ପକୁ ଧ୍ୱଂସ କରିବା ନିୟମିତ ଭାବେ ଏନ୍‌କାଉଣ୍ଟର୍ କରିଚାଲିଛି। ଏହି ଏନ୍‌କାଉଣ୍ଟର୍‌ରେ ସୁରକ୍ଷା ବାହିନୀକୁ କ୍ରମାଗତ ସଫଳତା ମଧ୍ୟ ମିଳିଚାଲିଛି। ଏହି କ୍ରମରେ ଆଜି ପ୍ରାତଃ ସମୟରେ ଛତିଶଗଡ଼ର ବିଜାପୁର ଓ କାଙ୍କେରରେ ସୁରକ୍ଷାବାହିନୀ ଏକ ବଡ଼ ଧରଣର ନକ୍ସଲ ବିରୋଧୀ ଅଭିଯାନରେ ସଫଳତା ପାଇଛି। ସୁରକ୍ଷା ବାହିନୀ ଓ ନକ୍ସଲଙ୍କ ମଧ୍ୟରେ ହୋଇଥିବା ଏକ ଭୟଙ୍କର ଏନକାଉଣ୍ଟରରେ ମୋଟ ୩୦ ଜଣ ନକ୍ସଲ ନିପାତ ହୋଇଛନ୍ତି। ଏନେଇ ବିଜାପୁର ପୁଲିସ ପକ୍ଷରୁ ସବିଶେଷ ସୂଚନା ପ୍ରଦାନ ପୂର୍ବକ କୁହାଯାଇଛି ଯେ ବିଜାପୁର-ଦାନ୍ତେୱାଡ଼ା ସୀମାନ୍ତରେ ଗଙ୍ଗାଲୁର ପୁଲିସ ଷ୍ଟେସନ ଅଧୀନସ୍ଥ ଜଙ୍ଗଲ ଅଞ୍ଚଳରେ ଏକ ଏନକାଉଣ୍ଟର ହୋଇଛି, ଯେଉଁଥିରେ ୨୬ ଜଣ ନକ୍ସଲ ନିହତ ହୋଇଛନ୍ତି। ଏଥିସହ କାଙ୍କେରରେ ୪ ଜଣ ନକ୍ସଲ ମଧ୍ୟ ନିପାତ ହୋଇଛନ୍ତି। ଏହି ଏନ୍‌କାଉଣ୍ଟର୍‌ରେ ନକ୍ସଲଙ୍କ ଗୁଳିର ଶିକାର ହୋଇ ଜଣେ ଯବାନ ଶହୀଦ ହୋଇଥିବା ବସ୍ତର ଆଇଜି ସୁନ୍ଦରରାଜ ପି. ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ କୁହାଯାଇଛି ଯେ ଅଭିଯାନ ସମୟରେ ଆଜି ସକାଳ ପ୍ରାୟ ୭ଟାରୁ ନକ୍ସଲ ଓ ସୁରକ୍ଷା ବାହିନୀ ମଧ୍ୟରେ ନିରନ୍ତର ଗୁଳିଚାଳନା ହୋଇଥିଲା। ଏହି ଏନକାଉଣ୍ଟର ବିଜାପୁରର ଗଙ୍ଗାଲୁର ଅଞ୍ଚଳର ଆଣ୍ଡ୍ରି ଜଙ୍ଗଲରେ ଘଟିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନକାଉଣ୍ଟର ଜାରି ରହିଥିବା ଏସପି ଜିତେନ୍ଦ୍ର ଯାଦବ କହିଛନ୍ତି। ସୁରକ୍ଷା ବାହିନୀର ଏକ ମିଳିତ ଦଳ ଗଙ୍ଗାଲୁର ପୁଲିସ ଷ୍ଟେସନ ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନରେ ସାମିଲ୍ ଥିବା ସମୟରେ ଏହି ଏନକାଉଣ୍ଟର ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି। ଏହି ନକ୍ସଲ ବିରୋଧୀ ଅଭିଯାନରେ ପୁଲିସ୍ ସହ ଡିଆରଜି, ଏସଟିଏଫ ଓ ସିଆରପିଏଫର ଯବାନମାନେ ସାମିଲ୍ ଅଛନ୍ତି। ଏଥିସହ ଘଟଣାସ୍ଥଳରୁ ବ୍ୟାପକ ପୃଷ୍ଠା-୬

ଆଜିଠୁ ସକାଳୁଆ ସ୍କୁଲ୍

- ସାଢ଼େ ୧୦ ପର୍ଯ୍ୟନ୍ତ ଚାଲିବ
- ନିଷ୍ପତ୍ତି ବଦଳାଇଲେ ସରକାର
- ଖରାକୁ ଦେଖି ତ୍ୱରିତ ପଦକ୍ଷେପ

ଭୁବନେଶ୍ୱର, ୨୦ମାର୍ଚ୍ଚ(ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲ୍ ୨ ତାରିଖରୁ ସମସ୍ତ ସ୍କୁଲ୍ ସକାଳୁଆ ହେବା ନେଇ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ଆଜି ଅଚାନକ ଏହି ନିଷ୍ପତ୍ତି ବଦଳିଛି ଓ ତ୍ୱରିତ ନିଷ୍ପତ୍ତି ପୂର୍ବକ ଆସନ୍ତାକାଲିଠାରୁ ସମସ୍ତ ସ୍କୁଲ୍‌କୁ ସକାଳୁଆ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଗଣଶିକ୍ଷା ସଚିବ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଉପରୋକ୍ତ ନିଷ୍ପତ୍ତିକୁ ତୁରନ୍ତ ଲାଗୁ କରିବା ସକାଶେ କହିଛନ୍ତି। ଏହି ନିଷ୍ପତ୍ତି ଅନୁସାରେ, ଆସନ୍ତାକାଲିଠାରୁ ସକାଳ ସାଢ଼େ ୬ଟାରେ ସ୍କୁଲ୍ ଆରମ୍ଭ ହେବ ଓ ୪ ଘଣ୍ଟା ଧରି କ୍ଲାସ୍ ଚାଲିବା ପରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଛାତ୍ରଛାତ୍ରୀମାନେ ଘରକୁ ଫେରିବେ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ନିର୍ଦ୍ଦେଶନାମା ଲାଗୁ ହେବ।

ସୂଚନାଯୋଗ୍ୟ ଯେ ଏପ୍ରିଲ ୨ରୁ ରାଜ୍ୟରେ ସକାଳୁଆ ସ୍କୁଲ୍ ହେବ ବୋଲି ଗତକାଲି ସରକାର ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆଜିଠାରୁ ସକାଳୁ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ସକାଳ ୭ଟାରୁ ୯ଟା ଯାଏଁ ଚାଲିବା ପାଇଁ ଗତକାଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଆବଶ୍ୟକ ସ୍ଥଳେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିଜ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଛୁଟି କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଥିଲା।

କଂଗ୍ରେସ ବନ୍ଧୁକରେ ବିଜେଡି ଗୁଳି!

ଭୁବନେଶ୍ୱର, ୨୦ମାର୍ଚ୍ଚ: ବିଧାନସଭା ଲବିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ କଂଗ୍ରେସ ବିଧାୟକଙ୍କ ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଫଟୋରେ କଂଗ୍ରେସର କିଛି ବିଧାୟକଙ୍କ ସହ କଳାପଟି ପିନ୍ଧି ଛିଡା ହୋଇଛନ୍ତି ବିଜେଡିର କିଛି ବିଧାୟକ। ବର୍ତ୍ତମାନ ବିଧାନସଭାରେ କଂଗ୍ରେସ ବିଜେପି ତଣ୍ଟିରେ କଣ୍ଟା ଭଳି ଲାଗିଥିବା ବେଳେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ ହୋଇପାରୁନି।

ନବୀନଙ୍କ ସହ ଫଟୋକୁ ନେଇ ଚର୍ଚ୍ଚା

ଏଭଳି ଏକ ଦ୍ୱନ୍ଦ୍ୱାତ୍ମକ ରାଜନୈତିକ ସ୍ଥିତିରେ ନବୀନ ପଟ୍ଟନାୟକଙ୍କ ସହ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ବିଧାୟକ ରାଜେନ ଏକ୍କା, ଅଶୋକ ଦାସଙ୍କ ସହ ବିଜେଡି ବିଧାୟକ ପ୍ରତାପ ଦେବ, ରୋମାଞ୍ଚ ରଂଜନ ବିଶ୍ୱାଳ ପ୍ରମୁଖ ଛିଡା ହୋଇଛନ୍ତି। ଏହି ଫଟୋର ପୃଷ୍ଠଭୂମୀ କହୁଛି ଯେ ଏହା ବିଧାନସଭା ଲବି ମଧ୍ୟରେ ଅପରାହ୍ନ ଅଧିବେସନ ସମୟର। କାରଣ ଅପରାହ୍ନ ଅଧିବେଶନରେ ପଂଚାୟତିରାଜ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେଉଥିବା ବେଳେ ବିଜେଡି ବିଧାୟକମାନେ କଳାପଟି ପିନ୍ଧି ପ୍ରତିବାଦ କରିଥିଲେ। ପଂଚାୟତିରାଜ ଖର୍ଚ୍ଚ ଦାବି ଆଲୋଚନା ହେଉଥିବା ବେଳେ ଏବର୍ଷ ବିଜୁ ପଟ୍ଟନାୟକ ଜୟନ୍ତିରେ ପଂଚାୟତିରାଜ ଦିବସ ପାଳନ ନହେବାରୁ ବିଜେପି ବିଧାୟକମାନେ କଳାପଟି ପିନ୍ଧି ପ୍ରତିବାଦ କରିଥିଲେ। ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ଯେହେତୁ ବିଜେଡି ରାଜ୍ୟ ସରକାରଙ୍କ ବିରୋଧରେ ଆକ୍ରମଣାତ୍ମକ ଭୂମୀକାକୁ ଓହ୍ଲାଇପାରୁନି, କଂଗ୍ରେସକୁ କାନ୍ଧରେ ବନ୍ଧୁକ ରଖି ଚଳାଉଛି। ଯେଉଁଥିପାଇଁ କଂଗ୍ରେସ ପୃଷ୍ଠା-୬

ନବ ଦାସ ହତ୍ୟା ଘଟଣାରେ ନୂଆ ମୋଡ଼

ମୂଳରୁ ତଦନ୍ତ ଆରମ୍ଭ କଲା କ୍ରାଇମବ୍ରାଞ୍ଚ

ଏଯାଏଁ ମିଳିନି ନବଙ୍କ ଛାତି ଭେଦିଥିବା ଗୁଳି

ଭୁବନେଶ୍ୱର, ୨୦ମାର୍ଚ୍ଚ(ସଂଚାର ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡରେ କ୍ରାଇମବ୍ରାଞ୍ଚ ପୁଣି ଥରେ ତଦନ୍ତ ଆରମ୍ଭ କରିଛି। ବ୍ରଜରାଜନଗର ଗାନ୍ଧି ଛକରେ ଦିନ ପ୍ରାୟ ୧୧ଟା ସମୟରେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ହୋଇଥିଲା ଗୁଳିମାଡ଼। ତେଣୁ ସେଇଠି ପ୍ରଥମେ ଛାନବିନ୍ କରିଛି କ୍ରାଇମବ୍ରାଞ୍ଚ। ପୂର୍ବ ଟିମ୍ ଇନଭେଷ୍ଟିଗେସନ୍ ଯେଉଁଠି ଶେଷ କରିଥିଲା ନୂଆ ଟିମ୍ ସେଇଠୁ ଖିଅ ଧରୁଛି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀଙ୍କୁ ନବ ଦାସଙ୍କ ପରିବାର ସଦସ୍ୟଙ୍କ ସାକ୍ଷାତ, ଅନ୍ୟପଟେ ନବ ହତ୍ୟା ରହସ୍ୟ ଭେଦିବାକୁ କ୍ରାଇମବ୍ରାଞ୍ଚର ତନାଘନା।

ଗୁଳି କେଉଁ ପଟୁ ନବଙ୍କ ଶରୀରକୁ ବିଦ୍ଧ କରିଥିଲା, ଅଭିଯୁକ୍ତ ଗୋପାଳ କେଉଁଠୁ ଥାଇ ଗୁଳି ମାରିଥିଲା, ଏସବୁକୁ ପୁଣି ଥରେ ଯାଞ୍ଚ କରିଛି କ୍ରାଇମବ୍ରାଞ୍ଚର ନୂଆ ଟିମ୍। ଏସବୁ ଛାନବିନ୍ କରିବା ସହ ଟିମ୍ ସେତେବେଳେ ଗୋପାଳ ଚାକିରି କରୁଥିବା ଗାନ୍ଧି ଛକ ଫାଣ୍ଡି ଯାଇ ପଚରାଉଚରା କରିଛି। ସେଠିକାର କିଛି କର୍ମଚାରୀଙ୍କୁ ଗୋପାଳ ସମ୍ପର୍କରେ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚର ନୂଆ ଟିମ୍।

ଗାନ୍ଧି ଛକ ପାଖରେ ଥିବା ଗୋପାଳର ଭାଇ କରିଥିବା ହୋଟେଲକୁ ବି ଯାଇଥିଲା ତଦନ୍ତକାରୀ ଦଳ। ହୋଟେଲର ଘର ମାଲିକକୁ ଡାକି ପଚରାଉଚରା କରିଛି। ବ୍ରଜରାଜନଗରରେ ଖୋଳତାଡ଼ ପରେ ଟିମ୍ ବାହାରିଥିଲା ଝାରସୁଗୁଡ଼ା ସଦର ହସ୍ପିଟାଲ। ଗୁଳି ମାଡ଼ ପରେ କେଉଁ ସ୍ଥିତିରେ ନବ ଦାସ ମେଡିକାଲ ଆସିଥିଲେ, ସେତେବେଳେ ମନ୍ତ୍ରୀଙ୍କ ଅବସ୍ଥା କେତେ ପୃଷ୍ଠା-୬

ଗନ୍ଧମାର୍ଦ୍ଦନ ଦୁର୍ନୀତି ମାମଲା

ରିମାଣ୍ଡରେ ରାଜା, ସହଯୋଗୀ ଗିରଫ

ଭୁବନେଶ୍ୱର, ୨୦ମାର୍ଚ୍ଚ(ସଂଚାର ବ୍ୟୁରୋ): ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ପ୍ରଥମେ ରାଜା ଚକ୍ରଙ୍କୁ ଗିରଫ କରିବା ପରେ ଆଜି ଏହି ମାମଲାରେ ଦ୍ୱିତୀୟ ଗିରଫଦାରୀ ହୋଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ରାଜାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲଙ୍କୁ ଗିରଫ କରାଯାଇଛି। ବେଆଇନ ସମ୍ପତ୍ତି ଲୁଚାଇ ରଖିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଅର୍ଥନୈତିକ ହେରଫେରରେ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତାଙ୍କୁ ଗିରଫ କରିଛି। ଅର୍ଥନୈତିକ ହେରଫେରରେ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଗିରଫ କରିଛି। ଏଥିସହ ରାଜା ଚକ୍ରଙ୍କୁ ଆଜି ତିନିଦିନିଆ ରିମାଣ୍ଡରେ ମଧ୍ୟ କ୍ରାଇମବ୍ରାଞ୍ଚ ନେଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ରାଜା ଚକ୍ରର ୪୨ଟି ବଡ଼ ଗାଡ଼ି ଜବତ କରାଯାଇଛି। କେନ୍ଦୁଝରରେ ଥିବା ୨ ପ୍ଲାଣ୍ଟକୁ ବି ସିଜ୍ କରାଯାଇଛି। ତା' ଆକାଉଣ୍ଟରେ ଥିବା ୨୫ ଲକ୍ଷ ଟଙ୍କା ବି ଫ୍ରିଜ୍ କରାଯାଇଛି। ୨୦୧୭-୧୮ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ୧୮୫ କୋଟି ଆୟ କରିଥିଲା ରାଜା ଚକ୍ରଙ୍କ ଏଜେନ୍ସି। ଏହି ଆୟ ଏହାଠାରୁ ଅଧିକ ବି ହୋଇପାରେ। ତେବେ ଅଡିଟ୍ ହେଲେ ସବୁକିଛି ସ୍ପଷ୍ଟ ହେବ। ପାରିପାର୍ଶ୍ୱିକ ପୃଷ୍ଠା-୬

ବିଧାନସଭା ପରିସରରେ ପଖାଳ ଦିବସ ପାଳୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ।

ଭିନ୍ନ ଭିନ୍ନ ତିଥିରେ ରଥଯାତ୍ରା ଆୟୋଜନ ବିବାଦ

ଇସ୍କନ ସହ ଗଜପତିଙ୍କ ବୈଠକ ନିଷ୍ଫଳ

ଭୁବନେଶ୍ୱର, ୨୦ମାର୍ଚ୍ଚ(ସଂଚାର ବ୍ୟୁରୋ): ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଆଜି ରାଜ୍ୟ ସରକାର ଇସ୍କନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଦୀର୍ଘ ସମୟ ଧରି ଗଜପତିଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲେ ବି କୌଣସି ନିଷ୍କର୍ଷ ବାହାରିପାରିନଥିଲା। କାରଣ ଦେଶ ଭିତରେ ନିଷ୍ପତ୍ତି ନେବାର ଅଧିକାର ଗୋଟିଏ ସଂଗଠନର ଥିବା ବେଳେ ବିଦେଶରେ ଇସ୍କନର କାର୍ଯ୍ୟକ୍ରମ ନେଇ ଏହି ସଂଗଠନର କୌଣସି କର୍ତ୍ତୃତ୍ୱ ନାହିଁ। ତେବେ ବିଦେଶର ଇସ୍କନ ସଂଗଠନ ଆମେରିକାରେ ନିୟନ୍ତ୍ରିତ ହୋଇଥାଏ। ତେଣୁ ସେମାନଙ୍କ ଗଭର୍ଣ୍ଣିଂ ବଡିକୁ ଏ ବାବଦରେ ଅବଗତ କରାଯିବ ବୋଲି ଇସ୍କନ ପକ୍ଷରୁ କୁହାଯାଇଥିଲା।

ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଇସ୍କନ ପ୍ରତିନିଧି, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ଶ୍ରୀଜଗନ୍ନାଥ ଗବେଷକ ଓ ବିଶେଷଜ୍ଞ ପ୍ରମୁଖ ଯୋଗଦେଇ ନିଜ ନିଜ ପକ୍ଷ ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନ କର୍ତ୍ତୃପକ୍ଷଙ୍କୁ ଶ୍ରୀମନ୍ଦିର ନୀତି ନିୟମ ଅନୁସାରେ ଦେଶରେ ଓ ବିଦେଶରେ ରଥଯାତ୍ରା କରିବାକୁ ନିବେଦନ କରାଯାଇଥିଲା। ହେଲେ ଏହି ନିବେଦନକୁ ଇସ୍କନ ମାନିବ କି ପୃଷ୍ଠା-୬

ବିଦେଶୀ ଇସ୍କନ ଉପରେ ନାହିଁ ଭାରତୀୟ ଇସ୍କନର ନିୟନ୍ତ୍ରଣ

ଜାନ ଡେରିଥା

ଧନୀ ଆଜି ଖାଏ ଦହିକୁ ପଖାଳ
ଉଠେଇ ଉଠେଇ ଫୋଟ
ଗରୀବର ଏହା ଦୈନନ୍ଦିନ ଖାଦ୍ୟ
ପୁରେଇବା ପାଇଁ ପେଟ
ପେଟ ପାଇଁ ନାଟହାଟ...
ପଖାଳେ ଦି ଗୁଣ୍ଡା ଖାଇପିଇ ଦେଇ
ବାଉଳି ଖୋଜିଲେ ଖଟ।

■ ଦେବାଶିଷ

ଲିକୁ ଖୋଲିଲେ ଧର୍ମଶାଳା ଲୁଟ୍‌ର କଳାଚିଠା

- ଏବେ ଜିତୁଙ୍କ ପାଳି
- ଜୋର ଧରିଲା ଯାଜପୁର ରାଜନୀତି

ଭୁବନେଶ୍ୱର, ୨୦ମାର୍ଚ୍ଚ(ସଂଚାର ବ୍ୟୁରୋ): ରାଜା ଚକ୍ର ଗିରଫ ପରେ ଖଣି ଚୋରି ଘଟଣାରେ ଗୋଟିଏ ପରେ ଗୋଟିଏ ପର୍ଦ୍ଦାଫାସ ହେଉଥିବା ବେଳେ ଏହି ଘଟଣାରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ପାଳି ପଡ଼ିବା କ୍ଷମତାରେ ଥିବା ବେଳେ ଯେଭଳି ଭାବେ ଯାଜପୁର ଜିଲ୍ଲାରେ ଖଣି ତାଡ଼ିଛନ୍ତି, ସେହି ଅପରାଧରେ ସେ ରାଜା ଚକ୍ର ଭଳି ଜେଲର ଚାରିକାନ୍ଥ ଭିତରେ ରହିବେ। ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଓରଫ ସାହୁ ଆଜି ବିଧାନସଭାରେ ଏଭଳି ରଣହୁଙ୍କାର ଦେବା ସହ ଧର୍ମଶାଳା ନିର୍ବାଚନମଣ୍ଡଳୀର ବହୁଚର୍ଚ୍ଚିତ ଡଙ୍କାରୀ, ରାହାଡ଼ପୁର, ବିଛାଖଣ୍ଡି, ବାଘୁଆ, ଅଞ୍ଜିରା, କୁସୁନପୁର, ବାଜବାଟି ଓ ଆରୁହାରେ ବିଗତ ସରକାରରେ ରାଜସ୍ୱ ବିଭାଗ ଦ୍ୱାରା ୭୦/୮୦ ଜଣ ଖଣି ମାଫିଆ ଓ ଠିକାଦାରଙ୍କୁ କିଭଳି ଟେକି ଦେଇଥିଲେ, ତା'ର ଗୋଟି ଗୋଟି ଚିଠା ଖୋଲିଛନ୍ତି। ଲିକୁ କହିଛନ୍ତି ଯେ ରାଜସ୍ୱ ବିଭାଗ ପକ୍ଷରୁ ଧାର୍ଯ୍ୟ ପରିମାଣକୁ ଉତ୍ତୋଳନ ସମୟରେ ଖଣି ମାଫିଆମାନେ ଭୁଲିଯାଇଛନ୍ତି। ବିଗତ ସରକାରରେ ଥିବା ସ୍ଥାନୀୟ ପୂର୍ବତନ ବିଧାୟକ ଓ ତାଙ୍କ ସମର୍ଥକମାନେ ମିଶି ମନଇଚ୍ଛା ତାଡ଼ି ଖୋଳି ହଜାର ହଜାର କୋଟି ଟଙ୍କାର କଳାପଥର ରପ୍ତାନି ମଧ୍ୟ କରୁଥିଲେ। ସେଠାରେ ଥିବା ବହୁଳ ଜଙ୍ଗଲ ଜମିକୁ ତାଡ଼ି ପୋଖରୀ କରି ୬୦୦/୭୦୦ ଫୁଟ୍ ଜଙ୍ଗଲ ଜମି ମଧ୍ୟ ଧ୍ୱଂସ କରିଦେଇଛନ୍ତି। ଏହି ନିର୍ଦ୍ଧାରିତ ଖଣିକୁ ବିଜେଡିର ବର୍ତ୍ତମାନର ୧୨ ନଂ ଜୋନ୍‌ର ଜିଲ୍ଲା ପରିଷଦର ସଭ୍ୟାଙ୍କ ସ୍ୱାମୀ, ପୂର୍ବତନ ଜିଲ୍ଲା ପରିଷଦ ଓ ନିର୍ଦ୍ଦିଷ୍ଟ କେତେକ ସରପଞ୍ଚ କବ୍‌ଜା କରି ନିଜ ହିସାବରେ ଚଳାଉଥିଲେ। ସେତେବେଳେ ଯଦି କେହି ବି ପ୍ରଶ୍ନ ଉଠାଉଥିଲେ, ତାଙ୍କୁ ଚୁପ୍ କରିବା ପାଇଁ କେତେବେଳେ ବୋମାମାଡ଼ ତ ଆଉ କେତେବେଳେ ଗାଡ଼ି ଚଢ଼ାଇ ମାରିଦେବାକୁ ପଛାଉନଥିଲେ।

ଅନିୟମିତତା ଖଣି ଖନନ ଦ୍ୱାରା ବହୁତ ନିରୀହ ଲୋକଙ୍କର ଜୀବନହାନି ହୋଇଛି। ବର୍ତ୍ତମାନ ୧୨ ନମ୍ବର ଜୋନର ବିଜେଡି ଜିଲ୍ଲା ପରିଷଦ ସଭ୍ୟା ଓ ତାଙ୍କ ସ୍ୱାମୀଙ୍କ ନାମରେ ୨୦ କୋଟି ଟଙ୍କାର ଜୋରିମାନା ରହିଛି। ତାହା ଯଦି ପୁଣିଥରେ ଖଣି ବିଭାଗ ପକ୍ଷରୁ ମପାଯାଏ, ତା'ହେଲେ ୩ ହଜାର କୋଟିରୁ ଅଧିକ ଟଙ୍କାର ଖଣି ଚୋରି ଦୁର୍ନୀତି ପଦାକୁ ଆସିବ। ଯେଉଁ ସରକାର ହଜାର ହଜାର କୋଟି ଟଙ୍କାର ଖଣି ଖାଇ ବ୍ୟାଙ୍କ ବାଲାନ୍ସ, ଭୂସମ୍ପତ୍ତି, ବିଶାଳ ଘର ଓ କଳାବେପାର ପରିସର ବଢ଼ାଇଛନ୍ତି, ତାଙ୍କ ଅମଳରେ କେତେ ଥର ପୂର୍ବତନ ବିଧାୟକ ପ୍ରେସ୍ ମିଟ୍ ଓ ପ୍ରଶାସନିକ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଯେ କେଉଁଝର ଜିଲ୍ଲାର ଆଗଧାଡ଼ି ବିଜେଡି ନେତା ଓ ରାଜ୍ୟ ସାଧାରଣ ସମ୍ପାଦକଙ୍କ (ରାଜା ଚକ୍ର) ଭଳି ଖଣି ମାଫିଆ ଗିରଫ ହୋଇଛନ୍ତି, ସେତେବେଳେ ପୂର୍ବତନ ବିଧାୟକଙ୍କ ଭାଳେଣି ପଡ଼ିଗଲାଣି। ଖଣି ଚୋରି ସହ ଜଡ଼ିତ ରହିଥିବା ବିଜେଡି ନେତାଙ୍କ ଭିତରେ ବି ଛାନିଆ ଓ ଭୟ ପଶିଲାଣି। ଅନେକ ଏବେ ଓଷଦ ବିକଳରେ ତାଟିଆ କାମୁଡ଼ିଲେଣି। କଳାକାର୍‌ନାମା ପଦାରେ ପଡ଼ିଲେ ୨୪ ବର୍ଷର ଖଣିଚୋରିଜନିତ ସମ୍ପତ୍ତି ବାଜ୍ୟାପ୍ତ ହୋଇଯିବ ବୋଲି ସେମାନେ ଭୟ କରୁଛନ୍ତି। ପୂର୍ବତନ ଧର୍ମଶାଳା ବିଧାୟକ ପୃଷ୍ଠା-୬

ବିଶ୍ୱ ପଖାଳ ଦିବସକୁ ନିଆରା ଢଙ୍ଗରେ ପାଳିଲେ ବିଜେପି ନେତା

ସାଲେପୁର,୨୦।୩ (ସଂଚାର ବ୍ୟୁରୋ): ଆଜି ସାରା ବିଶ୍ୱ ପଖାଳ ଦିବସ ପାଳନ କରୁଥିବା ବେଳେ,ସାଲେପୁର ଅଂଚଳ ର ଚମ୍ପତି କଲ୍ୟାଣ ମଣ୍ଡପ ଠାରେ ନିଆରା ଢଙ୍ଗରେ ପଖାଳ ଦିବସ ପାଳନ କରିଛନ୍ତି ବିଜେପି ନେତା ତଥା ସାଲେପୁରର ବିଜେପି ସଂଗଠକ ହିମାଂଶୁ ମହାନ୍ତି । ପଖାଳ ଶବ୍ଦର ଅର୍ଥ ଟି ସାରା ବିଶ୍ୱ ପାଇଁ ଅଲୋଡ଼ା ହୋଇଥିଲା ବେଳେ ଓଡ଼ିଆ ଜାତି ପାଇଁ ଏହାର ମାନେ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ଅବସରରେ ସେ ପାଖା ପାଖି ୫ଶହରୁ ଉର୍ଦ୍ଧ ଲୋକଙ୍କ ପାଇଁ ଦହି ପଖାଳ ସହ ୨୫ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଲୋକ ମାନଙ୍କୁ ଭୋଜନ ପାଇଁ ନିମନ୍ତ୍ରିତ କରିଥିଲେ । ସାରା ବିଶ୍ୱ ପଖାଳ ଦିବସ ପାଳନ କରୁଥିବା ବେଳେ ଓଡ଼ିଆ ଜାତିର ପ୍ରିୟ ଖାଦ୍ୟ ପଖାଳ ବୋଲି ପୁଣି ସେଇ କଥା ମନେ ପକାଇ ଦେଇଥିଲେ ।

ପାଳନ ହେଲା ବିଶ୍ୱ ପଖାଳ ଦିବସ

କେବେ ମିଳିବ ଜିଆଇ ଟ୍ୟାଗ ?

କେନ୍ଦ୍ରାପଡା,୨୦।୩ (ସଂଚାର ବ୍ୟୁରୋ): ଓଡ଼ିଆ ଜାତିର ଖାଦ୍ୟ ପରମ୍ପରାରେ ପଖାଳର ସ୍ୱତନ୍ତ୍ର ପରିଚୟ ରହିଛି । କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନାଥଙ୍କ ପ୍ରିୟ ଷାଠିଏ ପଉଟି ଭୋଗ ନୈବେଦ୍ୟ ମଧ୍ୟରେ ପଖାଳ ଅନ୍ୟତମ। ଏମିତି ଦେଖିବାକୁ ଗଲେ ବର୍ଷକ ବାର ମାସରେ ପଖାଳ ଘରେ ଘରେ ଏକ ଲୋକପ୍ରିୟ ଖାଦ୍ୟ । ଏହି ପଖାଳ ଖାଦ୍ୟ ଆଜି କେବଳ ଓଡିଶା ମଧ୍ୟରେ ସୀମିତ ନୁହେଁ ବରଂ ପଶ୍ଚିମବଙ୍ଗ, ଆସାମ, ଛତିଶଗଡ଼,ବିହାର ଭଳି ବିଭିନ୍ନ ରାଜ୍ୟରେ ଲୋକପ୍ରିୟ ହୋଇସାରିଛି। ଏବେ ସୁଦୂର ଦେଶ ବିଦେଶରେ ଏହି ଖାଦ୍ୟର ଚାହିଦା ବଢ଼ି ଚାଲିଛି । ସ୍ୱଳ୍ପ ଖର୍ଚ୍ଚରେ ପ୍ରସ୍ତୁତ ହୋଇପାରୁଥିବା ଏହି ଲୋକ ପ୍ରିୟ ଓଡ଼ିଆ ଖାଦ୍ୟ କେବଳ ସୁସ୍ୱାଦ୍ୟ ନୁହେଁ ଏହାର ଔଷଧୀୟ ଗୁଣକୁ ମଧ୍ୟ ଚିକିତ୍ସା ବିଜ୍ଞାନ ମାନି ସାରିଛି। ଏହି ପଖାଳ ଖାଦ୍ୟ ଏବେ ସମସ୍ତ ସୀମା ଅତିକ୍ରମ କରି ସମସ୍ତ ବର୍ଗର ଖାଦ୍ୟ ଚଳଣିରେ ଏକ ଲୋକପ୍ରିୟ ଖାଦ୍ୟରେ ରୂପାନ୍ତରିତ ହୋଇସାରିଛି। ପଖାଳ ଖାଦ୍ୟ କ୍ରମ ବର୍ଦ୍ଧିଷ୍ଣୁ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମାର୍ଚ୍ଚ ମାସ କୋଡିଏ ତାରିଖରେ ପାଳନ କରାଯାଉଛି ବିଶ୍ୱ ପଖାଳ ଦିବସ। ପଖାଳ ଦିବସରେ ଫଟୋ ଟିଏ ଦେଇ ପଖାଳ ଦିବସର ଶୁଭେଚ୍ଛା ବାର୍ତ୍ତାରେ ଏହି ଦିବସ ଏବେ ସୀମିତ ନାହିଁ। ଯୁବ ବର୍ଗଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଭଳିକି ଭଳି ବ୍ୟଞ୍ଜନ ସହିତ ପଖାଳ ଦିବସ ପାଳନ ପାଇଁ ପ୍ରତିଯୋଗୀତା ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ଏହି ଖାଦ୍ୟକୁ ଭୌଗଳିକ ମାନ୍ୟତା ଦେବାକୁ ଦାବି ହେଉଛି। କେନ୍ଦ୍ରାପଡା ଜିଲ୍ଲା ର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଉତ୍କଳମଣି ଯୁବକ ସଂଘ ର ସଭାପତି ଗୌତମ ବେହେରା, ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ସମ୍ପାଦକ ପ୍ରଭାତ ରଞ୍ଜନ ଜେନା, କେନ୍ଦ୍ରାପଡ଼ା ଶାଖା ଜାତୀୟ ଯୁବ ପ୍ରକଳ୍ପର ସଂଯୋଜକ ସତ୍ୟବ୍ରତ ପ୍ରଧାନ ପଖାଳକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦାବି କରିଛନ୍ତି।

ବିଶ୍ୱ ପଖାଳ ଦିବସ ପାଳନକଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

କେନ୍ଦ୍ରାପଡା,୨୦।୩ (ସଂଚାର ବ୍ୟୁରୋ) :ବିଶ୍ୱ ପଖାଳ ଦିବସ ଅବସରରେ କେନ୍ଦ୍ରାପଡ଼ାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପୁରୁଣା ମେଡିକାଲ ଛକ ନିକଟସ୍ଥ ମା ହୋଟେଲରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି । ଯେଉଁଥିରେ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ । ପଖାଳ ସହ ବହୁ ଓଡ଼ିଆ ନିରାମିଷ ବ୍ୟଞ୍ଜନ ପରସା ଯାଇଥିଲା। ବାଇଗଣ ଭଜା, ପୋଟଳ ଭଜା,ଗୋଟି କଲରା, ଆଳୁ ଭରଟା, ଛୁଇଁ ଆଳୁ, ଚଟଣି, ସାଗଭଜା ସହ ଚଟଣି, ପିଆଜ ଭଳି ଭଳିକି ଭଳି ବ୍ୟଞ୍ଜନର ମଜା ଉଠାଇଥିଲେ ପଖାଳ ପ୍ରେମୀ। ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି ଙ୍କ ସମେତ ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ, ସତ୍ୟବ୍ରତ ପ୍ରଧାନ, ମଳୟ ବାରିକ, ମଦନ କୁମାର ଦାସ, କେଦାର ସ୍ୱାଇଁ, ଗୋପିନାଥ ସ୍ୱାଇଁ, ବିଭୂତି ପ୍ରଧାନ, ସଂଗ୍ରାମ କୁମାର ଦାସ, ଲିଟୁ ମହାଳିକ, ଛୋଟୁ ଦାସ, ନଳିନୀକାନ୍ତ ବେହେରା, ପ୍ରଫୁଲ୍ଲ ଦାସ ଓ ନିହାର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ବିଶ୍ୱ ପଖାଳ ଦିବସ

ମାର୍ଶାଘାଇ,୨୦/୦୩(ସଂଚାର ବ୍ୟୁରୋ): ବିଶ୍ୱ ପଖାଳ ଦିବସ ଅବସରରେ ଫ୍ରେଣ୍ଡସ୍ ୟୁଥ୍ କ୍ଲବ୍ ଆନୁକୁଲ୍ୟରେ ପୋତାରି ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅକ୍ତେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ସେଠୀ ଏବଂ ସମ୍ମାନୀତ ଅତିଥି ଭାବେ ପୋତାରି ଦୟାନିଧି ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଇନଜୀବୀ ଦୟାନିଧି ପଟ୍ଟନାୟକ ଓ ପାରାଦୀପ ଇଫିକୋ ର କର୍ମଚାରୀ ଅଶୋକ କୁମାର ଦାସ ଯୋଗ ଦେଇଥିଲେ ଏହି କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ୨୬ ନଂ ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କୁମାର ମଲ୍ଲିକ । ଅତିଥି ପରିଚୟ ଓ ମଞ୍ଚ ସଂଯୋଜନା କରିଥିଲେ ସର୍ବେଶ୍ୱର ଦାସ । ବିଚିତ୍ରନନ୍ଦ ମଲ୍ଲିକ, ସଂଗ୍ରାମ ମଲ୍ଲିକ, ହେମନ୍ତ ଦାସ ସମ୍ବିତ ମଲ୍ଲିକ ,ଭରତ ଦାସ,ସୂର୍ଯ୍ୟକାନ୍ତ ଦାସ, କୁନ୍ ମୁନ୍ ପଟ୍ଟନାୟକ, କେଦାର ଦାସ, ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

ପାଳପାଟଣା-ମାସାହାଣୀ ସେତୁ ନିର୍ମାଣ ପାଇଁ ମିଳିଲା ସରକାରୀ ସ୍ୱୀକୃତି

ପଟ୍ଟାମୁଣ୍ଡାଇ,୨୦।୩ (ସଂଚାର ବ୍ୟୁରୋ) : ରାଜନଗର ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନଦୀ ନାଳ ଘେରା ଶ୍ରୀରାମପୁର ପଞ୍ଚାୟତବାସୀଙ୍କୁ ଉତ୍ତମ ଗମନାଗମନ ସୁବିଧା ଯୋଗାଇବା ସହିତ ଏହି ପଂଚାୟତକୁ ଆଳି ନିର୍ବାଚନ ମଣ୍ଡଳୀ ସହିତ ସଂଯୋଗ କରିବାକୁ ପାଳପାଟଣା-ମାସାହାଣୀ ସେତୁ ନିର୍ମାଣ କରିବା ପାଇଁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଚିଠି ନଂ ୨୮୫୪୧୫୦୦୦୪୨୦୨୪ରେ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଏଥି ପାଇଁ ସାଧାରଣରେ ଖୁସିର ଲହରୀ ଖେଳି ଯାଇଛି । ପ୍ରକାଶ ଯେ ଗମନା ଗମନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଏହି ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଅଂଚଳବାସୀ ଦୀର୍ଘଦିନ ହେଲା ଦାବୀ କରିଆସୁଥିଲେ । ରାଜନଗର ବିଧାୟକ ଭାବେ ଧ୍ରୁବ ସାହୁ ନିର୍ବାଚିତ ହେବା ପରେ ଏହି ସେତୁ ନିର୍ମାଣ ପାଇଁ ଗତ ବିଜେଡି ସରକାର ସମୟରେ ବାରମ୍ବାର ଦାବୀ କରିଥିଲେ । ଏହି ସେତୁ ନିର୍ମାଣ ସଂପୂର୍ଣ୍ଣ ହେଲେ ୧୫କିମି ଦୂରତା କମିବା ସହିତ ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକ ୧୦ଟି ପଂଚାୟତ ଲୋକ ଉପକୃତ ହୋଇପାରିବେ ।

ସରକାରୀ ନଳକୂପ କାଟି ସରପଞ୍ଚଙ୍କ ବ୍ୟକ୍ତିଗତ ପାଇପ୍ ସଂଯୋଗ ଘଟଣା

ବେଆଇନ ସଂଯୋଗ ହଟାଇବାକୁ ନିର୍ଦ୍ଦେଶ

ମହାକାଳପଡ଼ା,୨୦।୩ (ସଂଚାର ବ୍ୟୁରୋ): ବଳିପାଳ ସରପଞ୍ଚଙ୍କୁ ସରକାରୀ ନଳକୂପରୁ ବେଆଇନ୍ ପାଇପ୍ ସଂଯୋଗ ହଟାଇବାକୁ ବିଭାଗ ତରଫରୁ ଚିଠି ହୋଇଛି । ସଂଚାରରେ ଖବର ପ୍ରକାଶ ପରେ ବିଭାଗ ତରଫରୁ ତତ୍ପରତା ଦେଖିବାକୁ ମିଳିଛି। ବିନା କାହାରି ଅନୁମତିରେ ସରପଞ୍ଚ ମହୋଦୟ ସରକାରୀ ନଳକୂପରୁ ପାଇପ ଲଗାଇ ଘରକୁ ନେଇଥିଲେ ବ୍ୟକ୍ତିଗତ ସଂଯୋଗ।

ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତର ସରପଞ୍ଚ ସର୍ବସାଧାରଣଙ୍କ ପାଇଁ ଥିବା ନଳକୂପକୁ କାଟି ଓ ଚଟାଣକୁ ତାଡ଼ି ବ୍ୟକ୍ତିଗତ ଘରକୁ ପାଇପ୍ ସଂଯୋଗ ନେଇଥିବା ଖବର ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶ ପାଇବା ପରେ ବିଭାଗ ତରଫରୁ ବିଭାଗୀୟ ଚିଠି ସରପଞ୍ଚଙ୍କ ନିକଟକୁ ଯାଇଛି। ୭ ଦିନ ମଧ୍ୟରେ ପାଇପ ସଂଯୋଗ ହଟାଇବାକୁ ମହାକାଳପଡ଼ା ବିଡ଼ିଓ ନିର୍ଦ୍ଦେଶ ଦେଇଥିବା ଚିଠିରେ ଉଲ୍ଲେଖ ରହିଛି।

ସରପଞ୍ଚଙ୍କ ବେଆଇନ ପାଇପ୍ ସଂଯୋଗ ଏବେ ସାରା ମହାକାଳପଡ଼ାରେ ଚର୍ଚ୍ଚା ଜୋର୍ ଧରିଥିଲା। ସର୍ବସାଧାରଣ ଙ୍କ ବ୍ୟବହାର ପାଇଁ ଥିବା ନଳକୂପ ରୁ ବ୍ୟକ୍ତିଗତ ବ୍ୟବହାର ପାଇଁ ପାଇପ୍ ସଂଯୋଗ କରିଛନ୍ତି। ଖବର ପ୍ରକାଶ ପାଇବା ପରେ ଆକ୍ସନ ମୁଡ୍‌କୁ ଆସିଛି ବିଭାଗ। ଖବର ଆଧାରରେ ତଦନ୍ତ କରି ସତ୍ୟତା ଜାଣିବା ପରେ ସରପଞ୍ଚଙ୍କୁ ଚିଠି କରି ପାଇପ୍ ସଂଯୋଗ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ନଳକୂପ ରେ କୌଣସି ବି ପାଇପ୍ ସଂଯୋଗ କରିବାକୁ ହେଲେ ବିଡ଼ିଓ ଅଥବା ବିଭାଗୀୟ ଅଧିକାରୀଙ୍କ ନିକଟରୁ ଅନୁମତି ନେବା କଥା। ହେଲେ ବିନା କାହାରି ଅନୁମତିରେ ଏମିତି କାମ କରି ସରପଞ୍ଚ ଏବେ ସାଧାରଣରେ ଲଜ୍ଜିତ ହୋଇଛନ୍ତି। ନିଜକୁ ସରକାରଙ୍କ କ୍ଷମତା କେନ୍ଦ୍ର ଭାବିନେଇ ସରକାରୀ ନଳକୂପକୁ କଣା କରି ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଯେଉଁ କାମ କରିଥିଲେ ତାହା ପାଇଁ ତାଙ୍କୁ ପ୍ରଶାସନିକ ଛାଟ ବାଜିବା ପରେ ସରପଞ୍ଚ ବାବୁ କେବେ ପାଇପ୍ ସଂଯୋଗ ହରାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ଆଉ ଏକ ବଡ଼ କଥା ହେଉଛି ବିଭାଗ ତରଫରୁ ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ନଳକୂପ ସାମଗ୍ରୀ ମଧ୍ୟ ପଞ୍ଚାୟତରେ ଗଚ୍ଛିତ ରହିଛି। ଯାହାକୁ ତଦନ୍ତ ସମୟରେ ଜାଣି ତୁରନ୍ତ ଫେରାଇବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି।



ରାସ୍ତା କାମ ନିମ୍ନମାନର, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

କେନ୍ଦ୍ରାପଡା,୨୦।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହିନ୍ଦୁଳିଆ ପଂଚାୟତର ଖସାଡି ଠାରୁ ଟୁବିହୁଡା ଭାୟା ହିନ୍ଦୁଳିଆ ରାସ୍ତା ଅତି ନିମ୍ନମାନର ନିର୍ମାଣ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଏହି ରାସ୍ତା କାମ ନେଇଥିବା ଠିକାଦାର ଜଣକ ଅତି ନିମ୍ନମାନର କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ବିଭାଗୀୟ ଜେଇ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କେହି ରାସ୍ତା କାମ ତଦାରଖ କରିବାକୁ ଯାଉ ନାହାଁନ୍ତି । ଫଳରେ ଠିକାଦାର ଜଣକ ନିଜ ମନ ମୁତାବକ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ସରି ନଥିବା ବେଳେ ରାସ୍ତା ଫାଟି ଯାଇଥିବା ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଗହୀରମଥାରୁ ଗିଲନେଟର ଜବତ, ୧୩ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୦।୩ (ସଂଚାର ବ୍ୟୁରୋ) : ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧ ଅଞ୍ଚଳ ରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଗିଲନେଟର ଜବତ କରିବା ସହ ଏଥିରେ ଥିବା ୧୩ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାଇତ୍ୱ ଥିବା ଏସି ଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ଏକକୁଳା ନିକଟରେ ମା ଗାୟତ୍ରୀ -୧ ନାମକ ଗିଲନେଟର କୁ ଜବତ କରିଥିଲେ। ଜବତ ଟ୍ରଲର ରୁ ୬୦ କିଲୋ ମାଛ, ୨ ଟି ଜିପିଏସ, ୨ଟି ଭିଏଚଏଫ, ୧ଟି ଫିସଫାଇଣ୍ଡର, ୩ ଟି ଗିଲି ନେଟ ଜାଲ ଓ ୧ଟି ମୋବାଇଲ ଜବତ କରାଯାଇଛି।ଟ୍ରଲର ଥିବା ମତ୍ସ୍ୟଜୀବୀ ମାନେ ହେଲେ ରାମକୃଷ୍ଣ ମଣ୍ଡଳ, ଗୁରୁପଦ ଦଳାଇ, ଦୀନବନ୍ଧୁ କର, ଅଶୋକ ସତ୍ତର, ଚନ୍ଦ୍ରଶେଖର ମଣ୍ଡଳ, ସୁବାସ ଚନ୍ଦ୍ର ସିଂ, ସୁବାସ ଗୋଛାୟତ, ପ୍ରଭାତ ମଇତି, ଶିବରାମ ମଣ୍ଡଳ, ମଦନ ଜେନା, ଗୁରୁପଦ ମିର୍ଧା, ସଞ୍ଜୟ ମାଇତି, ଭାଗୀରଥି ମଣ୍ଡଳ ପ୍ରମୁଖ ୧୩ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଗିରଫ ମତ୍ସ୍ୟଜୀବ ମାନେ କେନ୍ଦ୍ରାପଡା ଜିଲ୍ଲା ତାଳବୁଆ ମେରାଇନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

ମାହାଙ୍ଗା ଥାନା ଅଞ୍ଚଳ ଏବେ ଅପରାଧୀଙ୍କ ଚରାଭୂଇଁ

ଗୁଣୁପୁରରେ ବନ୍ଧୁକ ଦେଖାଇ ଲୁଟ୍

ମାହାଙ୍ଗା,୨୦।୩ (ସଂଚାର ବ୍ୟୁରୋ) : କଟକ ଜିଲ୍ଲା ମାହାଙ୍ଗା ଥାନା ଅଞ୍ଚଳ ଏବେ ଅପରାଧିମାନଙ୍କ ଚରାଭୂଇଁ ପାଲଟିଛି। ପୁଣି ଥରେ ମାହାଙ୍ଗା ପୁଲିସକୁ ଡକାୟତମାନେ ଚାଲେଞ୍ଜ କରି ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟପାଟ୍ କରିଥିବା ଦେଖିବା ପାଇଁ ମିଳିଛି। ଗତକାଲି ରାତି ପ୍ରାୟ ୨ଟା ସମୟରେ ମାହାଙ୍ଗା ଥାନା ଗୁଣୁପୁର ଗ୍ରାମର ଶନି ମନ୍ଦିର ପାଖରେ ଥିବା ଅରକ୍ଷିତ ନାଥଙ୍କ ଘରେ ୪ଜଣ ସସସ୍ତ୍ର ଡକାୟତ ଘରର ମୁଖ୍ୟ ଫାଟକ ଗ୍ରିଲକୁ ଭାଙ୍ଗି ଘରେ ପଶିଥିଲେ। ଘରେ ଅରକ୍ଷିତ ନାଥଙ୍କ ସହିତ ତାଙ୍କ ବୋହୂ ଓ ସାନ ପୁଅ ଶୋଇଥିଲେ। ଏହି ସମୟରେ ଡକାୟତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସମସ୍ତଙ୍କୁ ରଶିରେ ବାନ୍ଧି ପକାଇଥିଲେ। ନିଜ ଜୀବନକୁ ବଞ୍ଚାଇବାକୁ ଯାଇ ଅରକ୍ଷିତ ନାଥ ଘରେ ଯାହାସବୁ ଥିଲା ସବୁ ଦେଇ ଦେଇଥିଲେ। ଡକାୟତମାନେ ୩ଲକ୍ଷ ନଗଦ ଟଙ୍କା ସହ ପ୍ରାୟ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ଦୁଇଟି ମୋବାଇଲ ଲୁଟି ନେଇଥିଲେ।

ଏହା ପରେ ଘଟଣାସ୍ଥଳରେ ମାହାଙ୍ଗା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଘର ପାଖରୁ ଡକାୟତମାନେ ଫୋପାଡି ଦେଇଥିବା ଦୁଇଟି ମୋବାଇଲ ଫୋନକୁ ପୁଲିସ ଜବତ କରିବା ସହ ଘଟଣା ସ୍ଥଳରେ ଅନୁସନ୍ଧାନକାରି କୁକୁର ସହ ସାଲେପୁର ଏସଡିପିଓ ମାହାଙ୍ଗା ଥାନା ଅଧିକାରୀ ପହଞ୍ଚି ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ଏହାରି ପୂର୍ବରୁ କିଛିଦିନ ହେବ ମାହାଙ୍ଗା ଥାନା ଅଞ୍ଚଳରେ ଚୋରି, ଡକାୟତି, ରାହାଜାନି ଭଳି ନାନା କାଣ୍ଡ ସୃଷ୍ଟି ହେଉଥିବା ବେଳେ ଏହି ଥାନା ଅଧୀନରେ ନିଶା କାରବାର ଗାଁଗହଳିରେ ଅବାଧରେ ଚାଲିଥିବା ବେଳେ ମାହାଙ୍ଗା ଥାନା ପୁଲିସ୍ ମାସିକିଆ ବଟି ନେଇ ଏମାନଙ୍କୁ ପ୍ରଶ୍ରୟ ଦେଉଥିବା କଥା ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଯାହା ଫଳରେ ଏଭଳି ଘଟଣା ଘଟିବାର ମୂଳ କାରଣ ନିଶା ବୋଲି ମଧ୍ୟ ସାଧାରଣରେ କୁହାଯାଉଛି। କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପି ଏଥି ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

ହୋଲି ଖେଳି ଗାଧୋଇବା ହେଲା କାଳ

ପାଣିରେ ବୁଡି ୨ ଜଣଙ୍କ ଜୀବନ ଗଲା

କେନ୍ଦ୍ରାପଡା,୨୦।୩ (ସଂଚାର ବ୍ୟୁରୋ) : ପ୍ରସିଦ୍ଧ ପଞ୍ଚୁଦୋଳ ହୋଲି ଖେଳ ହେଲା କାଳ । ପାଣିରେ ବୁଡି ଦୁଇ ଯୁବକଙ୍କ ଗଲା ଜୀବନ। ଏହି ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦ୍ରାପଡା ନିକିରାଇ ଥାନା ଅଞ୍ଚଳରେ। ତଳଘାଗରା ଗାଁର ସୌଭାଗ୍ୟ ପରିଡା(୧୭)ରଙ୍ଗ ଖେଳି ସାରି ବ୍ରହ୍ମାଣୀ ନଦୀରେ ଗାଧେଇବା ସମୟରେ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି। ସୌଭାଗ୍ୟ ଯୁକ୍ତ ଦୁଇ ଦିତୀୟ ବର୍ଷ ଛାତ୍ର ଥିଲେ।ସୌଭାଗ୍ୟ ଘରର ଏକ ମାତ୍ର ପୁଅ ଥିଲେ । ସୂଚନା ଅନୁସାରେ ସୌଭାଗ୍ୟଙ୍କ ଆଖି ଦାନ କରିଛନ୍ତି ପରିବାର ଲୋକ । ସେହିଭଳି କୁତରଙ୍ଗ ଗ୍ରାମର ଚନ୍ଦନ ସ୍ୱାଇଁ (୨୩)ରଙ୍ଗ ଖେଳି ସାରି ଗାଁ ପୋଖରୀରେ ଗାଧେଇବା ସମୟରେ ବୁଡିଯାଇ ମୃତ୍ୟୁ ବରଣ କରିଛନ୍ତି/ଚନ୍ଦନ ତିନି ଦିନ ପରେ ଓଡିଶା ପୋଲିସ ଚାକିରୀ ରେ ଯୋଗ ଦେଇଥାନ୍ତେ । ଦୁଇଜଣ ଙ୍କ ମୃତ୍ୟୁ ରେ ଉଭୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି/ଅନ୍ୟ ପକ୍ଷରେ ହୋଲି ପାଇଁ ଜିଲ୍ଲା ପ୍ରଶାସନ ଯେତେ ସଚେତନତା କରିଥିଲେ ମଧ୍ୟ ଦୁର୍ଘଟଣା ଦୁଇ ଯୁବକଙ୍କ ମୃତ୍ୟୁ ହୋଇଗଲା। ।

ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ

ଡେରାବିଶ,୨୦।୩ (ସଂଚାର ବ୍ୟୁରୋ) : ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମନ୍ଦିପଡ଼ା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ଏକ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଫଟୋଚିତ୍ରରେ ସ୍ମୃତି ଅର୍ଘ୍ୟ ପ୍ରଦାନ କରୁଛନ୍ତି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ। ଏହି ଅବସରରେ ସେ ଓ ତାଙ୍କ ଭାଇ ବିଶାଲ ଦାସ ସ୍ୱର୍ଗତଃ ପ୍ରଧାନଙ୍କ ସୁପୁତ୍ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି।

ସହରାଞ୍ଚଳରେ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ବୈଠକ

ଟିଟିଏସ୍ ଅଳିଆ ପ୍ରକ୍ରିୟାକରଣ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳରେ ପରିମଳ ଉନ୍ନତି ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ୫ଟି ନଗର ନିଗମ, ପୁରୀ-କୋଣାର୍କ କ୍ଲଷ୍ଟର ଓ ବୌଦ୍ଧଗଡ଼-ସୋନପୁର କ୍ଲଷ୍ଟରରେ ସିବିଜି ପ୍ଲାଣ୍ଟ ପ୍ରତିଷ୍ଠାର ସ୍ଥିତି ସମୀକ୍ଷା କରାଯାଇଛି। ମନ୍ତ୍ରୀ ଡକ୍ଟର ମହାପାତ୍ର ଅଧିକାରୀମାନଙ୍କୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ପରାମର୍ଶ ଦେଇଛନ୍ତି। ପୌର ନିଗମ ଓ ମନୋନୀତ ପୌରପାଳିକାରେ ସମନ୍ୱିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କମ୍ପ୍ଲେକ୍ସ ସ୍ଥାପନ ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ପରିବହନ ଓ ଭିତ୍ତିଭୂମି ଖର୍ଚ୍ଚ ହ୍ରାସ ପାଇଁ ଏହି କମ୍ପ୍ଲେକ୍ସଗୁଡ଼ିକରେ ସିବିଜି ପ୍ଲାଣ୍ଟ ସହ ସମସ୍ତ ପ୍ରକାରର ପ୍ରକ୍ରିୟାକରଣ ପ୍ଲାଣ୍ଟ ଅନ୍ତର୍ଭୁକ୍ତ ହେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ଡ. ମହାପାତ୍ର ପ୍ରାଥମିକତା ଭିତ୍ତିରେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ସମସ୍ତ ଅଚଳ ପୁରୁଣା ଶୌଚାଳୟ ଓ ଇ-ଶୌଚାଳୟଗୁଡ଼ିକର ନବୀକରଣ ଏବଂ ପୁନଃନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରର ସୌନିକ ସ୍କୁଲ ନିକଟସ୍ଥ ଟିଟିଏସ୍‌ରେ ଜମା ହୋଇଥିବା ଅଳିଆ ପ୍ରକ୍ରିୟାକରଣକୁ ତ୍ୱରାନ୍ୱିତ କରିବା ସହ ପଳାଶୁଣିରେ ମେଗା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆଗାମୀ ଦିନରେ ସମସ୍ତ ମହାନଗର ନିଗମ ଓ ନିର୍ଦ୍ଦିଷ୍ଟ ପୌରପାଳିକାରେ ପରିମଳ ମନିଟରିଂ ପାଇଁ ଡିଜିଟାଲ ଆପ୍ ମାଧ୍ୟମରେ କରାଯିବ। ଏଥିସକାଶେ ଆପ୍ଲିକେସନ୍‌ର ବିକାଶ କରିବା ସକାଶେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆପ୍ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବ୍ୟବହୃତ ହେଉଥିବା ଆପ୍ ଢାଞ୍ଚାରେ ହେବ। ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ବିନୟ ଦାଶ, କମିଶନର ସିଏମ୍‌ସି, ସିଟି ଇଞ୍ଜିନିୟର ବିଏମ୍‌ସି ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଏବଂ ବିକାଶ ଅଂଶୀଦାରମାନେ ଉପସ୍ଥିତ ଥିଲେ।

● ରାଜ୍ୟପାଳଙ୍କୁ ଭେଟିଲେ ଫାଇନାନ୍ସିଆଲ୍ ମ୍ୟାନେଜ୍‌ମେଣ୍ଟର ଶିକ୍ଷାନବୀଶ

ଓଟିଏଏସ୍ ଅଧିକାରୀମାନେ ଉତ୍ତରଦାୟୀ ହୁଅନ୍ତୁ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଓଡ଼ିଶା ଟ୍ୟାକ୍ସେସନ ଆଣ୍ଡ୍ ଆକାଉଣ୍ଟସ ସେବା (ଓଟିଏଏସ୍) ଅଧିକାରୀମାନେ ସେମାନଙ୍କ ସେବାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି। ଆଜି ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍ସିଆଲ ମ୍ୟାନେଜ୍‌ମେଣ୍ଟର ଶିକ୍ଷାନବୀଶମାନେ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଶିକ୍ଷାନବୀଶଙ୍କ ସହ ବାର୍ତ୍ତାଳାପ ସମୟରେ ରାଜ୍ୟପାଳ କହିଛନ୍ତି ଯେ ଟିକସ ରାଜସ୍ୱ ହେଉଛି ସରକାରୀ ପାଣ୍ଠିର ମେରୁଦଣ୍ଡ ଏବଂ ଓଟିଏଏସ ଅଧିକାରୀମାନେ ରାଜ୍ୟ ପାଇଁ ଓ ଜନକଲ୍ୟାଣ ପାଇଁ ସମ୍ବଳ ସଂଗ୍ରହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛନ୍ତି। ଅନେକ ସରକାରୀ ସେକ୍ଟର ଉଦ୍ୟୋଗ ସଠିକ୍ ହିସାବ ରଖିବା ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅଡିଟ୍ କରାଇବା ଦିଗରେ ଖିଲାଫ କରୁଥିବା ପରିଲକ୍ଷିତ ହୋଇଆସିଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଯୁବ ଅଧିକାରୀମାନେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏଥିସହ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବା ସହ ଅଡିଟ୍ ଉପରେ ପ୍ରାଥମିକତା ଦେବା ସକାଶେ ଶିକ୍ଷାନବୀଶମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଶିକ୍ଷାନବୀଶମାନଙ୍କଠାରୁ ରାଜ୍ୟପାଳ ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟରେ ପ୍ରଦାନ କରାଯାଇଥିବା ତାଲିମ ସମ୍ପର୍କରେ ପଚାରି ବୁଝିଥିଲେ।

ଗୁରୁଜୀ ପାଳିଲେ ପଖାଳ ଦିବସ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଆଜି ସବୁଠି ପଖାଳ ଦିବସ ପାଳିତ ହେଉଥିବା ବେଳେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅଧ୍ୟାତ୍ମିକ ଚିନ୍ତକ ଗୁରୁଜୀ. ଡ. ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଏହି ଦିବସ ପାଳନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ପଖାଳ ଆମର ନିଜସ୍ୱ ଖାଦ୍ୟ, ଆମ ସଂସ୍କୃତିର ଅଂଶବିଶେଷ। ତେଣୁ ସମସ୍ତେ ଗର୍ବର ସହିତ ଏହି ଦିବସ ପାଳନ କରିବା ଉଚିତ ବୋଲି ଗୁରୁଜୀ ମତ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ପଖାଳ ଖାଇଥାଆନ୍ତି। ପଖାଳ ପେଟ ପାଇଁ ଭଲ, ସ୍ୱାସ୍ଥ୍ୟପ୍ରଦ ମଧ୍ୟ। ସବୁ ବୟସର ଲୋକେ ଏହାକୁ ଖାଇପାରିବେ। ତେଣୁ ଆମେ ସମସ୍ତେ ସୁସ୍ଥ ରହିବା ସକାଶେ ପଖାଳ ନିୟମିତ ଭାବେ ସେବନ କରିବା ଉଚିତ। ଏପରି ଏକ ଦିବସ ପାଳନ ହେଉଥିବାରୁ ଓଡ଼ିଆମାନେ ଗର୍ବର ସହ ପଖାଳ ଖାଇବାକୁ ଗୁରୁଜୀ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ୧୩ ଆରଟିଓ ପଦବୀ ଖାଲି

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ରାଜ୍ୟରେ ୩୮ଟି ମଞ୍ଜୁରୀପ୍ରାପ୍ତ ଆରଟିଓ ପଦବୀ ଥିବାବେଳେ ଏଥିରୁ ୧୩ଟି ପଦବୀ ଖାଲି ପଡିଛି । ସେହିଭଳି ୧୦ଟି ସହକାରୀ ଆରଟିଓ ପଦବୀ ମଧ୍ୟ ଖାଲି ପଡିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ୬୪ଟି କନିଷ୍ଠ ଏମଭିଆଇ ପଦବୀ ମଧ୍ୟରୁ ୪୯ଟି ଓ ୩୨ଟି ସହକାରୀ ଏମଭିଆଇ ପଦବୀ ମଧ୍ୟରୁ ୩୧ଟି ଖାଲି ପଡିଛି । ତେବେ ଖାଲି ପଡିଥିବା ଆରଟିଓ ପଦବୀରେ ଅନ୍ୟ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ କାମ ଚଳାଇ ନିଆଯାଉଛି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୯-୨୦ ରୁ ୨୦୨୩-୨୪ ମଧ୍ୟରେ ରାଜ୍ୟରେ ୯୨୨୪ କୋଟି ୫୦ଲକ୍ଷ ଟଙ୍କାର ପରିବହନ ଟିକସ ଆଦାୟହୋଇଛି । ଏଥି ମଧ୍ୟରେ ସର୍ବାଧିକ ୨୩୭୭ କୋଟି ୯୪ଲକ୍ଷ ଟଙ୍କାର ଟିକସ ୨୦୨୩-୨୪ ବର୍ଷରେ ଆଦାୟ ହୋଇଛି । ୨୦୨୦-୨୧ ବର୍ଷରେ ସବୁଠାରୁ କମ୍ ୧୪୬୬ କୋଟି ୨୬ଲକ୍ଷ ଟଙ୍କାର ପରିବହନ ଟିକସ ଆଦାୟ ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ଗୁରୁବାର 'ପଖାଳ ଦିବସ' ଅବସରରେ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପଖାଳର ମଜା ନେଉଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ବିଧାନସଭା ଖବର

୪ ଜିଲ୍ଲାରେ ଚିହ୍ନଟ ହୋଇଛି ସୁନାଖଣି

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ରାଜ୍ୟରେ ଯଥେଷ୍ଟ ସୁନା ଗଚ୍ଛିତ ରହିଛି। କାରଣ ନିକଟ ଅତୀତରେ ରାଜ୍ୟର ୪ଟି ଜିଲ୍ଲାରେ ସୁନାଖଣି ଚିହ୍ନଟ ହୋଇଛି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୁଳ ଏବଂ କୋରାପୁଟରେ ଗୁରୁତ୍ୱପୂର୍ଣ୍ଣ ସୁନା ଭଣ୍ଡାର ଚିହ୍ନଟ କରାଯାଇଛି। ଏଥିସହ ପ୍ରାରମ୍ଭିକ ସର୍ଭେରୁ ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲ୍ଲାରେ ମଧ୍ୟ ସୁନା ଖଣି ଥିବା ସୂଚିତ ହେଉଛି। ତେବେ ଓଡ଼ିଶା ଦେବଗଡ଼ରେ ଏହାର ପ୍ରଥମ ସୁନା ଖଣି ବ୍ଲକ ନିଲାମ କରିବାକୁ ପ୍ରସ୍ତୁତ ହେଉଛି, ଯାହା ରାଜ୍ୟର ଖଣିଜ କ୍ଷେତ୍ର ପାଇଁ ଏକ ଐତିହାସିକ ପରିବର୍ତ୍ତନ। ଭାରତୀୟ ଭୂତତ୍ତ୍ୱ ସର୍ବେକ୍ଷଣ (ଜିଏସ୍‌ଆଇ) ଓ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଏକକାଳୀନ କେଉଁଝରର ମାଙ୍କଡ଼ବୁଆ, ସାଲେଇକାନା ଏବଂ ଡିମିରିମୁଣ୍ଡାର ସୁନା ସମ୍ଭାବନା ପାଇଁ ଅନୁସନ୍ଧାନ କରୁଥିବା ମନ୍ତ୍ରୀ କହିଛନ୍ତି।

୩ ବର୍ଷରେ ଚୀନ୍ ଯାଇଛି ୪ କୋଟି ମେଟ୍ରିକ୍ ଟନ୍ ଲୁହାପଥର

ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶା ଚାଇନାକୁ ୪,୧୮,୭୯,୦୫୦ ମେଟ୍ରିକ୍ ଟନ୍ ଲୁହାପଥର ରପ୍ତାନି କରିଛି, ଯାହା ରାଜ୍ୟ ପାଇଁ ଯଥେଷ୍ଟ ରାଜସ୍ୱ ଆଣିଛି। ଆଜି ବିଧାନସଭାରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁଯାୟୀ, ଏହି ରପ୍ତାନିରୁ ଆୟ ହୋଇଥିବା ରାଜସ୍ୱର ପରିମାଣ ୨,୪୧୮.୮୫ କୋଟି ଟଙ୍କା। ୨୦୨୨-୨୩ରେ ୩୨୧.୦୮ କୋଟି, ୨୦୨୩-୨୪ରେ ୧,୦୮୬.୯୬ କୋଟି, ୨୦୨୪ (ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ୧,୧୧୯.୧୦ କୋଟି ଟଙ୍କାର ଲୁହାପଥର ରପ୍ତାନି ହୋଇଛି। ଲୁହାପଥର ରପ୍ତାନିରୁ ରାଜସ୍ୱରେ ଉଲ୍ଲେଖନୀୟ ବୃଦ୍ଧି ଭାରତର ଖଣିଜ ବାଣିଜ୍ୟରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଲ୍ଲେଖ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅର୍ଦ୍ଧାଧିକ ପଦବୀ ଖାଲି

ସୂଚନା ଓ ଲୋକସମ୍ପର୍କ ବିଭାଗରେ ଥିବା ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟ ଅଧାରୁ ଅଧିକଖାଲି ପଡିଛି । କାମ ଚଳାଇବାପାଇଁ ବିଭାଗରେ ଜଣେ କନସଲଟାଣ୍ଟ, ୨୯ ଜଣ ଠିକା କର୍ମଚାରୀ, ୧୧ଜଣ ଆଉଟ୍‌ସୋର୍ସିଡ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ବିଭାଗରେ ଚାରି ବର୍ଗରେ ୧୦୫୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରୁ ୫୫୦ଟି ପଦବୀ ଖାଲି ପଡିଛି । କ ବର୍ଗରେ ଥିବା ୧୦୭ଟି ପଦବୀରୁ ୫୦ଟି ଖାଲି ପଡିଥିବାବେଳେ ଖ ବର୍ଗରେ ଥିବା ୩୦୭ଟି ପଦବୀରୁ ୧୬୮ଟି, ଗ ବର୍ଗରେ ଥିବା ୩୩୮ ପଦବୀରୁ ୧୬୭ ଟି ଓ ଘ ବର୍ଗରେ ଥିବା ୨୯୮ଟି ପଦବୀରୁ ୧୬୫ଟି ଖାଲି ପଡିଛି । ଠିକାରେ ଥିବା ଜଣେ କନସଲଟାଣ୍ଟଙ୍କ ମାସିକ ପାଉଣା ୭୦,୦୦୦ ଟଙ୍କା ହୋଇଥିବାବେଳେ ୨୯ଜଣ ଠିକା କର୍ମଚାରୀଙ୍କ ଦରମା ୧୦ ରୁ ୩୫ ହଜାର ଟଙ୍କା ମଧ୍ୟରେ ରହିଛି । ୧୧ ଜଣ ଆଉଟ୍‌ସୋର୍ସିଡ୍ କର୍ମଚାରୀଙ୍କ ମଧ୍ୟରୁ ୪ଜଣଙ୍କର ମାସିକ ବେତନ ମୂଳଦରମା ୪୯୩୦, ଗ୍ରେଡ୍ ପେ' ୧୭୭୫ ଟଙ୍କା ତଥା ଷଷ୍ଠ ବେତନ ଆୟୋଗ ଆଧାରରେ ମହଙ୍ଗା ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ପାଉଛନ୍ତି । ଅବଶିଷ୍ଟ ୭ଜଣଙ୍କର ମୂଳ ଦରମା ୫୨୦୦ ସହିତ ୧୯୦୦ ଟଙ୍କାର ଗ୍ରେଡ୍ ପେ ଓ ଷଷ୍ଠ ବେତନ ଆୟୋଗ ଆଧାରରେ ମହଙ୍ଗା ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ପାଉଛନ୍ତି । ତେବେ ୯ ଜଣ ଆଉଟସୋର୍ସିଡ୍ କର୍ମଚାରୀଙ୍କ ମଧ୍ୟରୁ ଜଣେ ପରାମର୍ଶଦାତା ମାସିକ ୯୦,୦୦୦ ଟଙ୍କା ପାଉଣା ପାଉଥିବାବେଳେ ଆଉ ଜଣେ ମାସକୁ ୭୫,୦୦୦ ଟଙ୍କା ଓ ଅନ୍ୟ ଜଣେ ମାସକୁ ୨୮,୪୦୦ ଟଙ୍କା ପାଉଛନ୍ତି। ଅବଶିଷ୍ଟ ୬ଜଣ କର୍ମଚାରୀ ମାସକୁ ୧୩,୯୦୦ ଟଙ୍କା କରି ପାଉଣା ପାଉଛନ୍ତି ।

ବିଜ୍ଞାପନ ବାବଦରେ ଖର୍ଚ୍ଚ ହୋଇଛି ୪୬୮ କୋଟି

ବିଗତ ୧୨ ବର୍ଷ ମଧ୍ୟରେ ବିଭିନ୍ନ ଗଣାମଧ୍ୟକୁ ବିଜ୍ଞାପନ ଆକାରରେ ୪୬୮ କୋଟି ଟଙ୍କାରୁ ଅଧିକ ଅର୍ଥ ପ୍ରଦାନ କରାଯାଇଛି । ଏଥି ମଧ୍ୟରେ ସର୍ବାଧିକ ଅର୍ଥ ଛାପା ଗଣମାଧ୍ୟମ ପାଇଥିବାବେଳେ ସବୁଠାରୁ କମ୍ ୱେବ ମିଡିଆ ପାଇଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୧୩-୧୪ ରୁ ୨୦୨୪-୨୫ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ବିଜ୍ଞାପନ ବାବଦରେ ବିଭିନ୍ନ ଗଣମାଧ୍ୟମକୁ ମୋଟ୍ ୪୬୮ କୋଟି ୮୬ଲକ୍ଷ ୯୯ହଜାର ୩୩୬ ଟଙ୍କା ପ୍ରଦାନ କରିଛି । ଏଥି ମଧ୍ୟରେ ମୁଦ୍ରିତ ଗଣମାଧ୍ୟମ ୪୧୬,୭୨,୩୧,୯୪୨ ଟଙ୍କା ପାଇଥିବାବେଳେ ଟିଭି ଚ୍ୟାନେଲମାନେ ୫୧,୨୧,୧୪,୪୯୦ ଟଙ୍କା ନେଇଛନ୍ତି । ଏହି ସମୟରେ ୱେବ ମିଡିଆ ପାଇଛି ୯୩,୫୨,୯୦୪ ଟଙ୍କା । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଗଣମାଧ୍ୟମକୁ ପ୍ରଦାନ ପାଇଁ ୪,୨୬,୯୭,୪୯୫ ଟଙ୍କାର ବକେୟା ରହିଛି । ଏଥି ମଧ୍ୟରେ ଚଳିତ ବର୍ଷର ବକେୟା ପରିମାଣ ୩,୩୦,୫୩,୧୨୩ ଟଙ୍କା ରହିଛି । ମୁଦ୍ରିତ ଗଣମାଧ୍ୟମ ଓ ଟିଭି ଚ୍ୟାନେଲମାନେ ୨୦୧୮-୧୯ ବର୍ଷରେ ସର୍ବାଧିକ ବିଜ୍ଞାପନ ପାଇଥିବାବେଳେ ଏହି ବର୍ଷ ୱେବ ମିଡିଆ କୌଣସି ବିଜ୍ଞାପନ ପାଇନାହାନ୍ତି। ୱେବ ମିଡିଆମାନଙ୍କୁ ଏହି ୧୨ ବର୍ଷରେ ମାତ୍ର ୩ ବର୍ଷ ପାଇଁ ବିଜ୍ଞାପନ ପ୍ରଦାନ କରାଯାଇଛି ।

ଧରାପଡିଛନ୍ତି ୨୨ ହଜାରରୁ ଅଧିକ ମଦୁଆ ଗାଡ଼ିଚାଳକ

୨୦୨୦ରୁ ୨୦୨୩ ମଧ୍ୟରେ ନିଶା ସେବନ କରି ଗାଡି ଚଳାଉଥିବା ଯୋଗୁଁ ୨୧୯୭ଟି ଦୁର୍ଘଟଣା ଘଟିଥିବାବେଳେ ୨୨,୬୭୨ ଜଣ ମଦୁଆ ଗାଡି ଚାଳକ ଧରାପଡିଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ପରିବହନ ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ ୨୦୨୦ର ୨୦୨୩ମଧ୍ୟରେ ୨୨,୬୭୨ ଜଣ ମଦୁଆ ଗାଡି ଚାଳକଙ୍କୁ ଧରାଯିବା ସହିତ ୧୧,୩୭୬ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି । ନିଶାପାନ କରି ଗାଡି ଚଳାଉଥିବା ଚାଳକମାନଙ୍କ ଠାରୁ ଜୋରିମାନା ଆଦାୟ କରିବାର କ୍ଷମତା ବିଚାର ବିଭାଗୀୟ କୋର୍ଟର ପରିସରଭୁକ୍ତ ଅଟେ । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ୨୦୨୦ ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୫୬,୮୩୧ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୨୭,୧୬୭ ଜଣ ମୃତ୍ୟୁବରଣ କରଛନ୍ତି । ସର୍ବାଧିକ ୬୧୪୨ ଜଣ ଗତବର୍ଷ ସଡକ ଦୁର୍ଘଟଣାରେ ମରିଛନ୍ତି । ସେହିଭଳି ଏହି ସମୟ ମଧ୍ୟରେ ୫୦ହଜାରରୁ ଅଧିକ ବ୍ୟକ୍ତି ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି।

ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସାଂସଦଙ୍କ ସମୀକ୍ଷା

ଉତ୍କଳ ଦିବସରୁ ଗାଁ ବୁଲିବେ ଅପରାଜିତା

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଏଥର ଉତ୍କଳ ଦିବସରୁ ରାଜଧାନୀରେ ଗାଁକୁ ଗାଁ ବୁଲିବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଆଜି ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା ଅବସରରେ ଏପରି ଘୋଷଣା କରିଛନ୍ତି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ। ଲୋକଙ୍କ ସମସ୍ୟା କିଭଳି ଦୂର ହେବ, ସେଥିପାଇଁ ଭୁବନେଶ୍ୱର ବିଡିଓ, ତହସିଲଦାର, ବିଇଓ, ଲାଇନ୍ ଅଫିସର ଏବଂ ଅନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ସେ ସବିଶେଷ ଆଲୋଚନା କରିଛନ୍ତି। ଆସନ୍ତା ୧ ତାରିଖ ଉତ୍କଳ ଦିବସରୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ତାଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଗାଁ ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହି ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଗାଁଗୁଡିକରେ ବିଭିନ୍ନ ସମସ୍ୟା ନିଜେ ବୁଝିବା ସହ କିଭଳି ସେସବୁର ତୁରନ୍ତ ସମାଧ

SANCHAR
ସଂଚାର

୪ ଶୁକ୍ରବାର ୨୧ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Friday 21 March 2025 Bhubaneswar

ଜୀବନ ଅମୃତ ଅନୁଚିନ୍ତା

ଧର୍ମର ମୂଳତତ୍ତ୍ୱ-ବିଶ୍ୱର ସବୁ ଧର୍ମର ମୂଳତତ୍ତ୍ୱ ସମାନ। ସବୁ ଧର୍ମର ମୂଳ ତତ୍ତ୍ୱ ହେଲା ମାନବିକତା। ଈଶ୍ୱରଙ୍କୁ ଉପାସନାର ଢଙ୍ଗ ଭିନ୍ନ ହୋଇପାରେ, କିନ୍ତୁ ଉଦ୍ଦେଶ୍ୟ ସମାନ। ଅନ୍ୟାୟ, ଅନୀତିକୁ କୌଣସି ଧର୍ମ ସ୍ୱୀକୃତି ଦିଏନାହିଁ।

ସିବିଆଇ ତଦନ୍ତକୁ ଅପେକ୍ଷା

ନବ ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ନିମନ୍ତେ ତାଙ୍କ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଛି। ସ୍ୱର୍ଗତ ନବ ଦାସଙ୍କ ପତ୍ନୀଳ ପୁଅ ବିଶାଳ ଏବଂ ଝିଅ ଦୀପାଳି ଦାସ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ନିବେଦନ ରଖିଛନ୍ତି। ସେମାନଙ୍କୁ ନିଶ୍ଚିତ ଭାବେ ନ୍ୟାୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଏହା ସହିତ ସେମାନେ ପରିବାର ସଦସ୍ୟଙ୍କ ସୁରକ୍ଷା ଲାଗି ମଧ୍ୟ ସରକାରଙ୍କ ସହାୟତା ମାଗିଛନ୍ତି। କାରଣ ସେମାନେ ଆଶଙ୍କା କରୁଛନ୍ତି, ନବ ଦାସଙ୍କ ହତ୍ୟା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଛି ଏବଂ ଷଡ଼ଯନ୍ତ୍ରକାରୀମାନେ ସବୁ ପ୍ରମାଣ ନଷ୍ଟ କରିବାକୁ ଚାହୁଁଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ନବ ଦାସଙ୍କ ହତ୍ୟା ଘଟଣାକୁ ଦୀର୍ଘ ଦୁଇ ବର୍ଷ ଦୁଇ ମାସ ବିତିଗଲାଣି। ଏତେ ଦିନ ପରେ ସିବିଆଇ ତଦନ୍ତରୁ କ'ଣ ସୁଫଳ ମିଳିବ, ପ୍ରକୃତ ଅପରାଧୀ ବା ଷଡ଼ଯନ୍ତ୍ରକାରୀ ଧରାପଡ଼ିବେ କି ନାହିଁ ତାହା ସନ୍ଦେହରେ। କିନ୍ତୁ ଯାହା ବି ହେଲେ ହତ୍ୟା ରହସ୍ୟ ଉପରୁ ପରଦା ହଟିବା ଉଚିତ। ସତ କ'ଣ ତାହା ଓଡ଼ିଶାବାସୀ ଜାଣିବା ଉଚିତ। ଇତିମଧ୍ୟରେ ନବ ଦାସ ହତ୍ୟା ମାମଲାର ତଦନ୍ତ ଫାଇଲ ପୁନର୍ବାର ଖୋଲିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଝାରସୁଗୁଡ଼ାରେ ଏହାର ସାନି ତଦନ୍ତ ଆରମ୍ଭ କରାଯାଇଛି। ନବ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳ ଏବେ ଜେଲରେ। ସେ ଡ୍ୟୁଟିରେ ଥିବା ବେଳେ ନିଜ ସର୍ଭିସ ରିଭଲଭରରୁ ଗୁଳି କରି ନବ ଦାସଙ୍କୁ ହତ୍ୟା କରିଥିଲା। ଝଟଣାସ୍ଥଳରୁ ହିଁ ସେ ରିଭଲଭର ସହ ଧରାପଡ଼ିଥିଲା। ହତ୍ୟାକାରୀକୁ ଧରିବା ପାଇଁ ପୋଲିସକୁ କିଛି କଷ୍ଟ କରିବାକୁ ପଡ଼ିଡ଼ଥିଲା। ତାର ପଲିଗ୍ରାଫିକ ଯେଷ୍ଟ ମଧ୍ୟ କରାଯାଇଥିଲା। ସବୁ ତଥ୍ୟ ଏବେ କ୍ରାଇମବ୍ରାଞ୍ଚ ନିକଟରେ ରହିଛି। କିନ୍ତୁ ସରକାର ବଦଳିବା ପରେ ଘଟଣାର ସାନି ନିର୍ଦ୍ଦେଶ ଦିଆଯାଇଛି। ଏବେ ପ୍ରଶ୍ନ ଉଠୁଛି ହତ୍ୟା ଘଟଣା ପରେ ନବ ଦାସଙ୍କ ପରିବାର ପକ୍ଷରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାହିଁକି ଅନୁରୋଧ କରାଗଲା ନାହିଁ। ନବୀନଙ୍କ ଉପରେ ସେମାନଙ୍କର ଭରସା ନଥିଲା ନା ସିବିଆଇ ତଦନ୍ତ ଦାବି ନକରିବାକୁ ସେମାନଙ୍କ ଉପରେ ଚାପ ଥିଲା। ନା କିଛି ଭୟ ରହିଥିଲା? ଏ ସମ୍ପର୍କରେ ନବ ଦାସଙ୍କ ପରିବାର ସଦସ୍ୟମାନେ ସ୍ପଷ୍ଟ କରିବା ଉଚିତ। ଏଥିନେଇ ସେମାନେ ଚାହିଁଥିଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇପାରିଥାନ୍ତେ। ସିବିଆଇ ତୁଳନାରେ ରାଜ୍ୟ ପୋଲି କ୍ରାଇମବ୍ରାଞ୍ଚର ଦକ୍ଷତା ଯେ, କମ ସେ କଥା ନୁହେଁ। କିନ୍ତୁ ସମ୍ଭବତଃ ତଦନ୍ତରେ ନିରପେକ୍ଷତା ଏବଂ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସେମାନେ ସିବିଆଇର ସହାୟତା ଚାହିଁଛନ୍ତି। ଯଦି ସିବିଆଇ ବାସ୍ତବରେ ତଦନ୍ତ ଭାର ହାତକୁ ନିଏ ତେବେ ହତ୍ୟା ରହସ୍ୟ ଯେ, ଉନ୍ମୋଚିତ ହେବ ତାହାର ବି କିଛି ଗ୍ୟାରେଣ୍ଟି ନାହିଁ। ଅତୀତରେ ଏଭଳି ଅନେକ ଘଟଣାରେ ସିବିଆଇ ତଦନ୍ତ ବିଫଳ ହୋଇଛି। ତଥାପି ସିବିଆଇ ତଦନ୍ତ ନିମନ୍ତେ ଏହି ମାମଲା ପୁରା ଫିଟ। ଯଦି ମୂଳରୁ ଏହାର ସିବିଆଇ ତଦନ୍ତ ହୋଇଥାଆନ୍ତା ତେବେ ଏତେ ବେଳକୁ ହତ୍ୟା ରହସ୍ୟ ଉନ୍ମୋଚିତ ହୋଇସାରନ୍ତାଣି। ଯିଏ ବି ଏଥିରେ ସମ୍ପୃକ୍ତ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ରାଜ୍ୟର ଜଣେ ପ୍ରଭାବଶାଳି ନେତା, ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଜଣେ ସାଧାରଣ ଏଏସଆଇ ଦିନ ଦ୍ୱିପ୍ରହରରେ ସର୍ବ ସମକ୍ଷରେ ଗୁଳି କରି ହତ୍ୟା କରିବା ଅତ୍ୟନ୍ତ ବିସ୍ମୟଜନକ ଏବଂ ଏକ ଅସ୍ୱାଭାବିକ ଘଟଣା। ହତ୍ୟାର କାରଣ ସମ୍ପର୍କରେ ଗୋପାଳ ଯାହା କହିଛି ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। କାଳେ ନବ ଦାସଙ୍କ ଲୋକେ ତାଙ୍କୁ ମାରିଦେବେ ସେଥିପାଇଁ ସେ ତାଙ୍କୁ ଆଗୁଆ ମାରିଦେଲା ବୋଲି ଗୋପାଳ ଯାହା କହିଛି ତାହା ଗ୍ରହଣୀୟ ନୁହେଁ। ଗୋପାଳ ଜଣେ ପାଗଳ ନୁହେଁ। ଏଭଳି ପରିସ୍ଥିତିରେ ହତ୍ୟା ରହସ୍ୟ ଟିକେ ଜଟିଳ ଲାଗୁଛି। ହତ୍ୟା ପରେ ତଦନ୍ତ ମଧ୍ୟ ଠିକ ବାଟରେ ଚାଲିନି। ଅନେକ ତଥ୍ୟ ପ୍ରମାଣକୁ ଲୁଚାଇବାକୁ ପ୍ରୟାସ କରାଯାଇଛି। ନବ ଦାସଙ୍କ ହତ୍ୟା ସମୟରେ କୋଭିଡ କଟକଣା ହଟିଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ତାଙ୍କ ରକ୍ତ ଭିଜା ସାର୍ଟକୁ କାହିଁକି ପୋଡ଼ି ଦିଆଗଲା ତାହା ଏକ ବଡ଼ ପ୍ରଶ୍ନ। ଗୁଳି ନବଙ୍କ ଛାତିରେ ଲାଗିବା ପରେ ତାଙ୍କର ତତ୍କାଳ ମୃତ୍ୟୁ ହୋଇଯିବା କଥା। ତାଙ୍କୁ ହସ୍ପିଟାଲ ନିଆଗଲା। ସେଠାରେ ଦୀର୍ଘ ସମୟ ରହିବା ପରେ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଗଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କୁହାଗଲା। ତାଙ୍କ ମୃତ୍ୟୁ ଘୋଷଣା ବିଳମ୍ବ ହେବାରେ କିଛି ଅସ୍ୱାଭାବିକତା ନାହିଁ। କିନ୍ତୁ ଅନେକଙ୍କ ମତରେ ତାଙ୍କର ସ୍ପଟରେ ବା ଝାରସୁଗୁଡ଼ା ହସ୍ପିଟାଲରେ ହିଁ ମୃତ୍ୟୁ ହୋଇଥିବ। ସେଠାରୁ ତାଙ୍କ ଶବକୁ କାହିଁକି ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଗଲା? ଏହା ପଛରେ କ'ଣ କାରଣ ଥାଇପାରେ? ସମ୍ଭବତଃ ନବ ଦାସଙ୍କ ହତ୍ୟା ପଛରେ ଏକ ବିରାଟ ଷଡ଼ଯନ୍ତ୍ର ଲୁଚି ରହିଛି। ଏଥିରେ ଗୋପାଳକୁ କେବଳ ମୋହରା ବନାଯାଇଛି। ଗୋପାଳ ଗୁଳିରେ ନବଙ୍କ ମୃତ୍ୟୁ ଘଟିଛି ସତ୍ୟ, ମାତ୍ର ତାଙ୍କୁ କେହି ଏଥିପାଇଁ ପ୍ରରୋଚିତ ବା ଭୟଭୀତ କରିଥାଇପାରେ। ଗୋପାଳର ପଲିଗ୍ରାଫ ଟେଷ୍ଟ ରିପୋର୍ଟରେ ଏଭଳି କିଛି ତଥ୍ୟ ମିଳିଛି ଯାହା ସନ୍ଦେହକୁ ଆହୁରି ଘନୀଭୂତ କରିଛି। ହତ୍ୟାର କାରଣ କ'ଣ ତାହା ବି ଆଉ ଏକ ପ୍ରଶ୍ନ। ରାଜନୈତିକ ଦୃଷ୍ଟିରୁ ଗୋପାଳକୁ ହତ୍ୟା କରାଯାଇଛି ନା ଏହା ପଛରେ କିଛି ବ୍ୟବସାୟିକ ଶତ୍ରୁତା ରହିଛି? ନବ ଦାସଙ୍କର ଏକ ବିରାଟ ଆର୍ଠଥକ ସାମ୍ରାଜ୍ୟ ରହିଥିଲା। ସେ ନିଜେ ଜଣେ ବିବାଦୀୟ ବ୍ୟକ୍ତି ଥିଲେ। କେବଳ ଜଣେ କ୍ୟାବିନେଟ ମନ୍ତ୍ରୀଭାବେ ତାଙ୍କର ସୁରକ୍ଷା ବ୍ୟବସ୍ଥା ନଥିଲା। ତାଙ୍କର ବ୍ୟକ୍ତିଗତ ସୁରକ୍ଷା କର୍ମୀ ମଧ୍ୟ ଥିଲେ। ଏହା ସତ୍ତ୍ୱେ ତାଙ୍କୁ କିପରି ହତ୍ୟା କରାଗଲା? ଏ ସମ୍ପର୍କରେ ବିରୋଧୀ ମୂଳରୁ ସିବିଆଇ ତଦନ୍ତ ଦାବି କରୁଥିଲେ। କିନ୍ତୁ ତାଙ୍କ ପରିବାର ସଦସ୍ୟଙ୍କ ସମର୍ଥନ ବା ସହଯୋଗ ନମିଳିବାରୁ ଏହା ସମ୍ଭବ ହେଲା ନାହିଁ। ନବଙ୍କ ସ୍ଥାନରେ ଝାରସୁଗୁଡ଼ା ବିଧାନସଭା ଆସନ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ତାଙ୍କ ଝିଅ ଦୀପାଳି ଦାସ ବିଧାୟିକା ହୋଇଥିଲେ। ସେ ମଧ୍ୟ ନିଜ ବାପାଙ୍କ ହତ୍ୟା ରହସ୍ୟ ଉନ୍ମୋଚନ ନେଇ ସେତେଟା ଆଗ୍ରହ ପ୍ରକାଶ କରିନଥିଲେ। କିନ୍ତୁ ଗତ ନିର୍ବାଚନରେ ସେ ପରାଜିତ ହେବା ପରେ ନିଜ ବାପାଙ୍କ ହତ୍ୟା ରହସ୍ୟ ଉନ୍ମୋଚନ ଲାଗି ଦାବି କରୁଛନ୍ତି। ସେତେବେଳେ ସେ କାହିଁକି ମୁହଁ ଖୋଲୁନଥିଲେ? ତାଙ୍କ ଉପରେ କିଛି ରାଜନୈତିକ ଚାପ ରହିଥିଲା କି? ତାଙ୍କୁ କ୍ଷମତାର ଲୋଭ ଦେକାଇ ବା ଭୟଭୀତ କରି କେହି ତାଙ୍କ ମୁହଁ ବନ୍ଦ କରିବାକୁ କେହି ଚେଷ୍ଟା କରିଥିଲେ ବୋଲି ମନେ ହେଉଛି। ଯଦି କେହି ସେଭଳି କରିଥିବେ ତେବେ ସେ ନିଶ୍ଚୟ ଜଣେ ପ୍ରଭାବଶାଳି ଏବଂ କ୍ଷମତାଶାଳି ବ୍ୟକ୍ତି ହୋଇଥିବେ। ସେ ନିଜ କ୍ଷମତା ବଳରେ ହତ୍ୟା ରହସ୍ୟକୁ ଚାପି ରଖିଥାଇପାରନ୍ତି। ତେଣୁ ଘଟଣାର ସିବିଆଇ ତଦନ୍ତ ନିହାତି ଜରୁରୀ। ଅଧିକ କାଳ ବିଳମ୍ବ ନକରି ହତ୍ୟା ଘଟଣାର ସିବିଆଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେଲେ ସତ୍ୟ ପଦାକୁ ଫିଟିବ।

ଜନପ୍ରିୟ ଜନନେତା ଓ ମୂଲ୍ୟବୋଧର ନୀତିନିଷ୍ଠ ବ୍ୟକ୍ତିତ୍ୱ

ସୌରଚନ୍ଦ୍ର ମହାପାତ୍ର

ଦୁଇଦିନ ଭିତରେ ଓଡ଼ିଶା ଦୁଇଜଣ ବରପୁତ୍ରଙ୍କୁ ହରାଇବା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି। ଗତ ରବିବାର ଦିନ ଓଡ଼ିଆ କବିତାର ଶିଖର ପୁରୁଷ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପରଲୋକ ଖବର ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଓଡ଼ିଶାରେ ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜନପ୍ରିୟ ଜନନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ ଓଡ଼ିଶାବାସୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି। ଓଡ଼ିଶାରେ ବିଜେପିର ମୂଳଦୁଆ ପକାଇବା ଓ ପ୍ରସାରରେ ତାଙ୍କ ଗୁରୁତ୍ୱ ଓ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଥିଲା। ଓଡ଼ିଶାବାସୀ କେବେ ବି ଭୁଲି ପାରିବେ ନାହିଁ ଯେ ରାଜ୍ୟରେ ଜାତୀୟ ରାଜପଥକୁ ଦ୍ୱିଗୁଣ କରିବାରେ ଦେବେନ୍ଦ୍ର ବାବୁଙ୍କ ଅବଦାନକୁ କେହି କେବେ ଭୁଲି ପାରିବେ ନାହିଁ। ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ।

୧୯୪୧ ମସିହା ସେ ସମୟର ଢେଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗାଁରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୬୬ରେ ଏସସିବିରୁ ଏମବିବିଏସ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଡେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ। ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ। ସେ ୧୯୮୮-୯୦, ୧୯୯୦-୯୩, ୧୯୯୫-୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ। ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ। ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୧ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ମଧ୍ୟ ହୋଇଥିଲେ।

ଓଡ଼ିଶାବାସୀଙ୍କୁ ଚିରକାଳ ମନେପକାଇବା ପାଇଁ ସେ ଏପରି କାର୍ଯ୍ୟ କରିଯାଇଛନ୍ତି ଯେ ତାହା ବାସ୍ତବିକ ତାଙ୍କ ବ୍ୟକ୍ତିତ୍ୱ

ଏବଂ ଓଡ଼ିଶା ପ୍ରତି ଭଲ ପାଇବାର ବଡ଼ ଉଦାହରଣ। ଓଡ଼ିଶାର ଜାତୀୟ ରାଜପଥର ପରିମାଣକୁ ସେ ଦୁଇଗୁଣ କରିଦେଇଥିଲେ। ସେତେବେଳେ ଓଡ଼ିଶାର ଜାତୀୟ ରାଜପଥ ୧୬୦୦ କିଲୋମିଟର ଥିଲା କିନ୍ତୁ ଲଗାତର ଦୁଇଟି ପାଳିରେ ଭୂପୃଷ୍ଠ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ନିର୍ବାହ ସମୟରେ ସେ ଏହାକୁ ଗୋଟିଏ ନିଷ୍ପତ୍ତିରେ ହିଁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ। ତାଙ୍କ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ ଲାଭବାନ ହୋଇଥିଲା। ତେବେ ଓଡ଼ିଶା ରାଜନୀତିରେ ବିଜୁ ପଟ୍ଟନାୟକଙ୍କ ପରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଓ ଉଲ୍ଲେଖନୀୟ ସଫଳତା ରଖିଛନ୍ତି ତାହା ହେଉଛି ଉଭୟଙ୍କ ଦୁଇପିଢ଼ି କେନ୍ଦ୍ର ମନ୍ତ୍ରୀ ହୋଇଛନ୍ତି। ବିଜୁବାବୁ ଅଣକଂଗ୍ରେସ ଜନତା ପାର୍ଟି ସରକାରରେ କେନ୍ଦ୍ରରେ ମନ୍ତ୍ରୀ ଥିଲାବେଳେ ତାଙ୍କ ପୁଅ ନବୀନ ପଟ୍ଟନାୟକ ଅଣକଂଗ୍ରେସ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରରେ ମନ୍ତ୍ରୀ ହୋଇଥିଲେ। ବିଜୁ ବାବୁ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ଆଉ ନବୀନ ବାବୁ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ସେହିପରି ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଜପେୟୀଙ୍କ ନେତୃତ୍ୱାଧୀନ

ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ଏନଡ଼ିଏ ସରକାରରେ ମନ୍ତ୍ରୀ ହୋଇଥିଲେ। ୧୯୯୮-୨୦୦୦ ଦୁଇଟି ପର୍ଯ୍ୟାୟରେ ସେ ମନ୍ତ୍ରୀ ପଦ ପାଇଥିଲେ। ତାଙ୍କ ପୁଅ ଧର୍ମେନ୍ଦ୍ର ପ୍ରଧାନ ୨୦୧୪ରୁ ମନ୍ତ୍ରୀ ଅଛନ୍ତି।

ଓଡ଼ିଶାରେ ଭାଜପାକୁ ସୁଦୃଢ଼ କରିବା ସଂଗଠନକୁ ମଜଭୁତ ସହ ଅଧିକରୁ ଅଧିକ ଲୋକଙ୍କୁ ଦଳ ସହ ଯୋଡ଼ିବାରେ ଦେବେନ୍ଦ୍ର ବାବୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ। ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି। ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ। ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି। ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବ ନେତା ମାନଙ୍କୁ ନୂଆ ମାର୍ଗ ଦେଖାଉ ଏହା ହିଁ କାମନା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋବାଇଲ୍: ୯୪୩୭୦୦୪୪୬୬

ମହାକାଶ ପରୀ ସୁନୀତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ମହାକାଶରେ ଚିକିତ୍ସା ବ୍ୟବସ୍ଥା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଦୀର୍ଘ ନଅ ମାସରୁ ଅଧିକ ସମୟ ଧରି ମହାକାଶରେ ଅଟକି ରହିଥିବା ଭାରତୀୟ ବଂଶଦ୍ଭୋଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମସ୍ ଓ ବୁଚ୍ ୱିଲମୋର ଫେରିଛନ୍ତି। ତେବେ ମହାକାଶରେ ଲମ୍ବା ସମୟ ବିତାଇବା ପରେ ସୁନୀତା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପୃଥିବୀରେ ମଧ୍ୟ ତାଙ୍କୁ ଅନେକ ଶାରୀରିକ ଓ ମାନସିକ ସମସ୍ୟା ସାମ୍ନା କରିବାକୁ ପଡ଼ିବ। ସୂକ୍ଷ୍ମ ମାଧ୍ୟାକର୍ଷଣ ପରିବେଶରେ ଦୀର୍ଘ ସମୟ ରହିବା ଦ୍ୱାରା ମାଂସପେଶୀ ଓ ହାଡ଼ ଉପରେ ପ୍ରଭାବ ପଡ଼େ। ପିଠିର ତଳ ଅଂଶ, ଗୋଡ଼ ଓ ମାଂସପେଶୀରେ ଶକ୍ତି ଓ ଘନତ୍ୱ କମିଯାଏ ଯାହାଦ୍ୱାରା ଫ୍ୟାକଚର ଆଶଙ୍କା ବଢ଼େ। ତେଣୁ ସୁନୀତା ଠିଆ ହେବା ଚାଲିବାରେ ସନ୍ତୁଳନ ରକ୍ଷା କରିବାରେ ସମସ୍ୟାକୁ ସାମ୍ନା କରିପାରିନ୍ତି। ମହାକାଶରେ ହୃତପିଣ୍ଡକୁ ଅଧିକ ପରିଶ୍ରମ କରିବାକୁ ପଡ଼େ ନାହିଁ ଏହାଦ୍ୱାରା ମାଂସପେଶୀର କ୍ଷତି ହୋଇପାରେ। ସୂକ୍ଷ୍ମ ମାଧ୍ୟାକର୍ଷଣରେ ହୃତପିଣ୍ଡ ନିଜର ଆକାର ବଦଳାଇ ପାରେ ତେଣୁ ପୃଥିବୀକୁ ଫେରିବା ପରେ ମହାକାଶଚାରୀ ସୁନୀତାଙ୍କ ହୃଦ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ସେହିପରି ମହାକାଶରେ ଲମ୍ବା ସମୟ ରହିବା ଦ୍ୱାରା ଦୃଷ୍ଟି ଶକ୍ତି ପ୍ରଭାବିତ ହୋଇପାରେ କାରଣ ମୁଣ୍ଡରେ ଚାପ ବଢ଼ିବା ଯୋଗୁଁ ଅପ୍ଟିକ ନର୍ଭ ଉପରେ ପ୍ରଭାବ ପଡ଼େ। କିଛି ମହାକାଶଚାରୀଙ୍କୁ ଧୂଆଁଳିଆ ଦିଶେ। ଦୀର୍ଘ ସମୟ ଧରି ଏକୁଟିଆ ରହିବା ଯୋଗୁଁ ମାନସିକ ଚାପ, ଚିନ୍ତା ଓ ଅବସାଦର ଶିକାର ମଧ୍ୟ ସେମାନେ ହୋଇପାରନ୍ତି। ମହାକାଶରେ ଉଚ୍ଚଶକ୍ତି ସମ୍ପନ୍ନ ବିକିରଣର ସାମ୍ନା କରିବାକୁ ପଡ଼େ ଯାହା ପୃଥିବୀରେ ପ୍ରତିଦିନ ଛାତିର ଗୋଟିଏ ଏକ୍ସରେ ସହ ସମାନ ଅର୍

ଦିଲ୍ଲୀର ୩ ମନ୍ଦିର ଉପରେ ବୁଲଡୋଜର ଆକ୍ସନ

ରୋକ୍ ଲଗାଇବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୩: ଦିଲ୍ଲୀର ତିନିଟି ମନ୍ଦିର ଉପରେ ବୁଲଡୋଜର ଚଳାଇବା ବିରୋଧରେ ଆଗତ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ ଦିଲ୍ଲୀ ହାଇକୋର୍ଟ ଯିବାକୁ କହିଛନ୍ତି। ବିଳମ୍ବିତ ରାତିରେ ଦାୟର କରାଯାଇଥିବା ଆବେଦନକୁ ଏକ ସ୍ୱତନ୍ତ୍ର ଅନୁରୋଧରେ ସକାଳେ ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠ ସମ୍ମୁଖରେ ତାଲିକାଭୁକ୍ତ କରାଯାଇଥିଲା। ଖଣ୍ଡପୀଠର ନେତୃତ୍ୱ ନେଉଥିବା ବିଚାରପତି ବିକ୍ରମ ନାଥ ପ୍ରଥମେ ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଶଙ୍କର ଜୈନଙ୍କୁ କହିଥିଲେ ଯେ ଶୁଣାଣି ଅପରାହ୍ନ ୨ଟାରେ ହେବ। ସେ ଏହା ମଧ୍ୟ କହିଥିଲେ ଯେ ତାଙ୍କୁ ତାଙ୍କ ଆବେଦନର ଏକ କପି ଦିଲ୍ଲୀ ବିକାଶ ପ୍ରାଧିକରଣ (ଡିଡିଏ)ର ଓକିଲଙ୍କୁ ଦେବା ଉଚିତ ଯାହାଦ୍ୱାରା ସେ ଏଥିରେ ନିଜର ପକ୍ଷ ରଖିପାରିବେ, କିନ୍ତୁ ଏହା ପରେ ଜଷ୍ଟିସ୍ ବିକ୍ରମ ନାଥ ତାଙ୍କ ସହଯୋଗୀ ବିଚାରପତି ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ସନ୍ଦୀପ ମେହେଟାଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କର ମତ ପରିବର୍ତ୍ତନ ହୋଇଥିଲା। ସେ ଆବେଦନକାରୀଙ୍କ ଓକିଲଙ୍କୁ କହିଥିଲେ ଯେ ତାଙ୍କୁ ହାଇକୋର୍ଟ ଯିବା ଉଚିତ। ପୂର୍ବ ଦିଲ୍ଲୀର ମୟୂର ବିହାର ଫେଜ୍-୨ ରେ ଥିବା ତିନୋଟି ମନ୍ଦିର - ପୂର୍ବୋ ଦିଲ୍ଲୀ କାଳୀ ବାଡ଼ି, ଅମରନାଥ ମନ୍ଦିର ଏବଂ ବଦ୍ରିନାଥ ମନ୍ଦିର - ପାଇଁ ଓକିଲ ବିଷ୍ଣୁ ଜୈନ ଜରୁରୀକାଳୀନ ପରିସ୍ଥିତିର ଉଦାହରଣ ଦେଇଥିଲେ। ସେ କହିଛନ୍ତି ଯେ ରାତି ୯ଟାରେ ମନ୍ଦିରଗୁଡ଼ିକରେ ନୋଟିସ ଲଗାଯାଇଥିଲା ଏବଂ ସକାଳେ ୫୦୦ରୁ ଅଧିକ ପୋଲିସ କର୍ମଚାରୀଙ୍କ ସହିତ ଏକ ବୁଲଡୋଜର ସ୍ପାଡ୍ ସେଠାରେ ପହଞ୍ଚିଥିଲା। ଓକିଲ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସୁପ୍ରିମକୋର୍ଟ ଦିଲ୍ଲୀର ଜାହାଙ୍ଗୀରପୁରୀର ଏକ ମସଜିଦ ଉପରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନର ତୁରନ୍ତ ଶୁଣାଣି କରି କାର୍ଯ୍ୟାନୁଷ୍ଠାନକୁ ବନ୍ଦ ଅଟାଇଦେଇଥିଲେ ।

ପରିବାର ସହ ସମ୍ପର୍କ ଛିନ୍ନ କଲେ ବଲିଉଡ୍ କଣ୍ଠଶିଳ୍ପୀ ଅମାଲ ମଲିକ୍

ମୁମ୍ବାଇ, ୨୦।୩: ବଲିଉଡ୍ କଣ୍ଠଶିଳ୍ପୀ ଅମାଲ ମଲିକ୍ ନିଜ ପରିବାର ସହ ସଂପର୍କ ଛିନ୍ନ କରିଥିବା ନେଇ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ବର୍ଷ ବର୍ଷ ଧରି ବିଭିନ୍ନ ଆହ୍ୱାନର ସାମ୍ନା କରିବା ପରେ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସେ କହିଛନ୍ତି ଯେ, ଏବେ ତାଙ୍କ ପରିବାର ସହିତ କେବଳ ବୃତ୍ତିଗତ ସଂପର୍କ ରହିବ। ଅମାଲ ମଲିକ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି, 'ମୁଁ ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ମୁଁ ଭୋଗିଥିବା ଯନ୍ତ୍ରଣା ବିଷୟରେ ଆଉ ଚୁପ୍ ରହିପାରିବି ନାହିଁ। ବର୍ଷ ବର୍ଷ ଧରି ମୋତେ ନିକୃଷ୍ଟ ଅନୁଭବ କରାଯାଉଥିଲା। ଯଦିଓ ମୁଁ ମୋ ପ୍ରିୟଜନଙ୍କ ପାଇଁ ଏକ ସୁରକ୍ଷିତ ଜୀବନ ଲାଗି ଦିନରାତି କଠିନ ପରିଶ୍ରମ କରୁଛି। ମୋର ସମସ୍ତ ସ୍ୱପ୍ନ ଭାଙ୍ଗି ଯାଇଛି ଏବଂ ଲୋକମାନେ ମୋ ବିଷୟରେ ନକାରାତ୍ମକ କଥା କହୁଛନ୍ତି ଏବଂ ମୁଁ ଏପର୍ଯ୍ୟନ୍ତ କ'ଣ କରିଛି ତାହା ଉପରେ ପ୍ରଶ୍ନ ଉଠାଉଛନ୍ତି। ଗତ ଦଶନ୍ଧୀ ମଧ୍ୟରେ ମୁଁ ମୋର ରକ୍ତ, ଝାଳ ଏବଂ ଲୁହ ବୁହାଇ ୧୨୬ଟି ଗୀତର ସ୍ୱର ସୃଷ୍ଟି କରିଛି।

ସେ ଆହୁରି ଲେଖିଛନ୍ତି, ' ଆଜି ମୁଁ ଏପରି ଏକ ସ୍ଥାନରେ ଠିଆ ହୋଇଛି ଯେଉଁଠାରେ ମୋର ଶାନ୍ତି ଛଡ଼ାଇ ନିଆଯାଇଛି। ମୁଁ କ୍ଲାନ୍ତ ହୋଇଗଲିଣି ଏବଂ ହୁଏତ ଆର୍ଥିକ ଦୁଃସ୍ଥିତିରେ ରହିଛି। କିନ୍ତୁ ଏଥିପ୍ରତି ଚିନ୍ତା ନାହିଁ। ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସବୁ କାରଣରୁ ମୁଁ କ୍ଲିନିକାଲ୍ ଡିପ୍ରେସନ୍‌ରେ ରହିଛି। ହଁ, ମୋର କାର୍ଯ୍ୟ ପାଇଁ ମୁଁ କେବଳ ନିଜକୁ ଦାୟୀ କରିବି। କିନ୍ତୁ ମୋ ନିକଟତର ଲୋକଙ୍କ କାର୍ଯ୍ୟ ମୋ ଆତ୍ମାକୁ କଷ୍ଟ ଦେଇଛି। ମୋର ମୂଲ୍ୟକୁ ଅନେକ ଗୁଣ ହ୍ରାସ କରିଛି। ଆଜି ଭାରାକ୍ରାନ୍ତ ହୃଦୟରେ ମୁଁ ଘୋଷଣା କରୁଛି ଯେ, ମୁଁ ମୋର ବ୍ୟକ୍ତିଗତ ସମ୍ପର୍କରୁ ଦୂରେଇ ଯାଉଛି। ଏବେ ମୋ ପରିବାର ସହିତ ମୋର ସମ୍ପର୍କ କେବଳ ବୃତ୍ତିଗତ ହେବ।'

ଇଫତାର ପାର୍ଟିର ମଜା ନେଲେ ବିରୋଧୀଦଳ ନେତା

ନୂଆଦିଲ୍ଲୀ,୨୦।୩: ରାଜଧାନୀ ଦିଲ୍ଲୀରେ ଗୁରୁବାର ଇଣ୍ଡିଆନ ୟୁନିଅନ ମୁସଲିମ ଲିଗ ଦ୍ୱାରା ଏକ ଇଫତାର ପାର୍ଟିର ଆୟୋଜନ କରାଯାଇଥିଲା। କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଏମପି ଜୟା ବଚ୍ଚନ ଏଥିରେ ଅଂଶଗ୍ରହଣ କରିଥିଲେ।

ଗତ କିଛି ଦିନ ମଧ୍ୟରେ ଭାଜପା ସମେତ ଅନ୍ୟ ଅନେକ ଦଳର ନେତାମାନେ ଇଫତାର ପାର୍ଟିରେ ଯୋଗ ଦେଇଛନ୍ତି। ଦିଲ୍ଲୀ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ରବିବାର (୧୬ ମାର୍ଚ୍ଚ, ୨୦୨୪) ଏକ ଇଫତାର ପାର୍ଟିର ଆୟୋଜନ କରିଥିଲା, ଯେଉଁଥିରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିକୁ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେ କହିଥିଲେ ଯେ ଆମକୁ ରମଜାନ ମାସରେ ଭଲ କଥା କହିବା ଉଚିତ। ସେ କହିଛନ୍ତି ଯେ ୱାକଫ ସଂଶୋଧନ ବିଲ ସମ୍ପର୍କରେ, ମୁଁ ଦେଶର ମୁସଲମାନମାନଙ୍କୁ କହିବାକୁ ଚାହୁଁଛି ଯେ ସେମାନେ କୌଣସି ପ୍ରକାରର ଗୁଜବରେ ଧ୍ୟାନ ଦିଅନ୍ତୁ ନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର (୧୭ ମାର୍ଚ୍ଚ ୨୦୨୫) ଫୁରଫୁରା ସରିଫ ପରିଦର୍ଶନ କରିଥିଲେ। ଏଠାରେ ସେ ଧର୍ମଗୁରୁମାନଙ୍କ ସହିତ ଏକ ବୈଠକ ଏବଂ ଏକ ଇଫତାର ଭୋଜିରେ ଯୋଗ ଦେଇଥିଲେ। ଫୁରଫୁରା ସରିଫ ପଶ୍ଚିମବଙ୍ଗର ମୁସଲିମ ସମ୍ପ୍ରଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳ ଏବଂ ଏହାର ପ୍ରଭାବ ମୁସଲିମ ଭୋଟରଙ୍କ ଉପରେ ବହୁତ ଗଭୀର। ଫୁରଫୁରା ସରିଫ ମୁସଲିମ ସମ୍ପ୍ରଦାୟରେ ଗଭୀର ମୂଳ ରଖିଛି ଏବଂ ଆଗାମୀ ନିର୍ବାଚନରେ ଏହାର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏହି ଧାର୍ମିକ ସ୍ଥଳ ଗସ୍ତ ରାଜନୈତିକ ମହଲରେ ଆଲୋଚନାର ବିଷୟ ପାଲଟିଛି।

୫୦ କୋଟିରେ କୁକୁର କିଣିଲେ ବେଙ୍ଗାଲୁରୁର ଏସ୍ ସତୀଶ

ନୂଆଦିଲ୍ଲୀ, ୨୦।୩: କର୍ଣ୍ଣାଟକ ବେଙ୍ଗାଲୁରୁର କୁକୁର ବ୍ରିଡ଼ର ଏବଂ ଇଣ୍ଡିଆନ୍ ଡଗ୍ ବ୍ରିଡର୍ସ ଆସୋସିଏସନର ସଭାପତି ଏସ୍ ସତୀଶ, ସମ୍ପ୍ରତି ୫୦ କୋଟି ଟଙ୍କାରେ ଏକ ବିରଳ କୁକୁର କିଣିଛନ୍ତି, ଯାହାକୁ ବିଶ୍ୱର ସବୁଠାରୁ ମହଙ୍ଗା କୁକୁର ବୋଲି ବିବେଚନା କରାଯାଏ। କାଡାବୋମ୍ବ ଓକାମି ହେଉଛି ଏମିତି ଏକ କୁକୁର ଯାହା ଗଧିଆ ଏବଂ କକେସିଆନ୍ ସେଫର୍ଡ ପ୍ରଜାତିର ମିଳନରେ ଜନ୍ମ ହୋଇଛି। ଏହି ବିରଳ ପ୍ରଜାତିଟି ଆମେରିକାରେ ଜନ୍ମ ହୋଇଥିଲା ଏବଂ ମାତ୍ର ଆଠ ମାସ ବୟସରେ ଏହାର ଓଜନ ୭୫ କିଲୋଗ୍ରାମରୁ ଅଧିକ ରହିଛି। ଏହି କୁକୁରଟି ପ୍ରତିଦିନ ପ୍ରାୟ ୩ କିଲୋଗ୍ରାମ କଞ୍ଚା ମାଂସ ଖାଏ। ସତୀଶ ଏହି କୁକୁରକୁ କିଣିବା ପାଇଁ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ସେ କହିଥିଲେ, "ମୁଁ ଏହି କୁକୁରଛୁଆକୁ କିଣିବା ପାଇଁ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛି କାରଣ ମୁଁ କୁକୁରଙ୍କୁ ପ୍ରେମ କରେ ଏବଂ ମୁଁ ଭାରତକୁ ଅନନ୍ୟ କୁକୁର ଆଣିବାକୁ ପସନ୍ଦ କରେ। ସତୀଶଙ୍କର ସାତ ଏକର ଫାର୍ମ ଅଛି, ଯେଉଁଠାରେ ପ୍ରତ୍ୟେକ କୁକୁରଙ୍କ ପାଇଁ ୨୦ ଫୁଟରେ ୨୦ ଫୁଟର ଏକ କୋଠରୀ ଅଛି। ଏହି ସମସ୍ତ କୁକୁରଙ୍କ ଯତ୍ନ ନେବା ପାଇଁ ଛଅ ଜଣଙ୍କୁ ନିଯୁକ୍ତ କରାଯାଇଛି। ସତୀଶଙ୍କ ଅନୁସାରେ, "ସେମାନଙ୍କ ପାଇଁ ଚାଲିବା ଏବଂ ଦୌଡ଼ିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ଅଛି।" ତାଙ୍କର ଯତ୍ନ ନେବା ପାଇଁ ଛଅ ଜଣ ଲୋକ ଅଛନ୍ତି, ଯେଉଁମାନେ ଦିନରାତି ତାଙ୍କ ସହିତ ରୁହନ୍ତି। ଏସ୍ ସତୀଶ ବେଙ୍ଗାଲୁରୁର ବାସିନ୍ଦା ଏବଂ ଜଣେ ପ୍ରସିଦ୍ଧ କୁକୁର ବ୍ରିଡ଼ର। ତାଙ୍କ ପାଖରେ ପୂର୍ବରୁ ବିଭିନ୍ନ ପ୍ରଜାତିର ୧୫୦ରୁ ଅଧିକ କୁକୁର ଅଛନ୍ତି। ସେ ଭାରତୀୟ ଡଗ୍ ବ୍ରିଡର୍ସ ଆସୋସିଏସନର ସଭାପତି ମଧ୍ୟ ଅଛନ୍ତି। ସତୀଶ ବିରଳ ଏବଂ ଅନନ୍ୟ କୁକୁର ପାଳନ କରିବାକୁ ଭଲ ପାଆନ୍ତି, ଯାହାକୁ ସେ ବିଭିନ୍ନ ଡଗ୍ ଶୋ'କୁ ନେଇ ଯାଆନ୍ତି।

ସ୍ତ୍ରୀ ଅଶ୍ଳୀଳ ଭିଡିଓ ଦେଖୁଥିବାରୁ ସ୍ୱାମୀ କଲେ ଛାଡପତ୍ର ଆବେଦନ

କୋର୍ଟ କହିଲେ ହୋଇପାରିବନି ଛାଡପତ୍ର

ଚେନ୍ନାଇ, ୨୦।୩: କୋର୍ଟରେ ଅଧିକାଂଶ ଛାଡପତ୍ର ହେବା ଆମେ ସମସ୍ତେ ଜାଣିଛନ୍ତି। ସେଥି ମଧ୍ୟରେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ପାରସ୍ପରିକ ସମ୍ମତି କିମ୍ବା ଦୁଇଜଣଙ୍କ ମଧ୍ୟରୁ ଜଣଙ୍କ ଦ୍ୱାରା ଅତ୍ୟାଚାରର ଶିକାର ହେଉଥିବା କାରଣରୁ ପ୍ରାୟତଃ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ବିଚ୍ଛେଦ ହୋଇଥାଏ। ତେବେ ଏଭଳି ଏକ ଘଟଣା ସାମନାକୁ ଆସିଛି। ଯାହାକୁ ଜାଣିଲେ ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବେ।

ତେବେ ଏଭଳି ଏକ ଘଟଣା ତାମିଲନାଡୁରେ ଘଟିଛି। ଯେଉଁଠାରେ ସ୍ତ୍ରୀ ଅଶ୍ଳୀଳ ଭିଡିଓ ଦେଖୁଥିବା ଯୋଗୁଁ ସ୍ୱାମୀ ଛାଡପତ୍ର ଦେଇଛନ୍ତି। ଏହି କାରଣ ଯୋଗୁଁ ସ୍ୱାମୀ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ମାଡ୍ରାସ ହାଇକୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ସ୍ତ୍ରୀ ଅଶ୍ଳୀଳ ଭିଡିଓ ଦେଖିବା ଛାଡପତ୍ରର କାରଣ ହୋଇପାରିବ ନାହିଁ।ଏକରିପୋର୍ଟ ଅନୁଯାୟୀ ନିମ୍ନ ଅଦାଲତର ନିଷ୍ପତ୍ତି ବିରୁଦ୍ଧରେ ହାଇକୋର୍ଟରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ଉପରେ ମାଡ୍ରାସ ହାଇକୋର୍ଟ ୧୯ ମାର୍ଚ୍ଚ ୨୦୨୫ରେ ଏହି ନିଷ୍ପତ୍ତି ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ମହିଳାମାନଙ୍କର ମଧ୍ୟ ହସ୍ତମୈଥୁନ କରିବାର ଅଧିକାର ଅଛି ଏବଂ ସେମାନେ ବିବାହ ପରେ ସେମାନଙ୍କର ଯୌନ ସ୍ୱତନ୍ତ୍ରତା ତ୍ୟାଗ କରନ୍ତି ନାହିଁ। ତେଣୁ ପର୍ଣ୍ଣୋଗ୍ରାଫି ଦେଖିବା ଛାଡପତ୍ରର କାରଣ ଭାବରେ ବିବେଚନା କରାଯାଇପାରିବ ନାହିଁ। ହାଇକୋର୍ଟ ଛାଡପତ୍ର ଦେବାକୁ ମନା କରିଦେଇଥିଲେ। ତାମିଲନାଡୁର ଜଣେ ପୁରୁଷଙ୍କ ମାମଲା ତାଙ୍କ ପତ୍ନୀଙ୍କ ଦ୍ୱାରା ନିଷ୍ଠୁରତା ଅନେକ କାର୍ଯ୍ୟ ଉପରେ ଆଧାରିତ ଥିଲା। ଯିଏ ଅଶ୍ଳୀଳ ଭିଡିଓ ଦେଖିବା ସମୟରେ ହସ୍ତମୈଥୁନ କରିବାରେ ନିଶାଗ୍ରସ୍ତ ବୋଲି ସେ ଦାବି କରିଥିଲେ। ଆବେଦନକୁ ଖାରଜ କରି ମାଡ୍ରାସ ହାଇକୋର୍ଟ ତାଙ୍କ ରାୟ ଶୁଣାଇଲେ "ଆତ୍ମ-ସୁଖ ଏକ ନିଷିଦ୍ଧ ଫଳ ନୁହେଁ।" କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେତେବେଳେ ପୁରୁଷମାନଙ୍କ ମଧ୍ୟରେ ହସ୍ତମୈଥୁନକୁ ସାର୍ବଜନୀନ ବୋଲି ବିବେଚନା କରାଯାଏ ସେତେବେଳେ ମହିଳାଙ୍କ ଦ୍ୱାରା ହସ୍ତମୈଥୁନକୁ କଳଙ୍କିତ କରାଯାଇପାରିବ ନାହିଁ। ସେ ଆହୁରି କହିଛନ୍ତି ଯେ ବିବାହ ପରେ ମଧ୍ୟ ଜଣେ ମହିଳା ତାଙ୍କର ବ୍ୟକ୍ତିଗତ ପରିଚୟ ବଜାୟ ରଖନ୍ତି ଏବଂ ଜଣେ ବ୍ୟକ୍ତି ଭାବରେ ତାଙ୍କର ମୌଳିକ ଅଧୀକାର ଜଣେ ମହିଳା ଭାବରେ ତାଙ୍କର ବୈବାହିକ ସ୍ଥିତି ଦ୍ୱାରା ପ୍ରଭାବିତ ହୁଏ ନାହିଁ।

ମାଡ୍ରାସ ହାଇକୋର୍ଟ ଯୁକ୍ତି ଦେଇଥିଲେ ଯେ ପର୍ଣ୍ଣୋଗ୍ରାଫି ନିଶା ଖରାପ ଏବଂ ଏହାକୁ ନୈତିକ ଦୃଷ୍ଟିରୁ ଯଥାର୍ଥ କରାଯାଇପାରିବ ନାହିଁ କିନ୍ତୁ ଏହା ଛାଡପତ୍ର ପାଇଁ ଆଇନଗତ ଆଧାର ନୁହେଁ। ଭାରତର ଅଧିକାଂଶ ସ୍ଥାନରେ ଛାଡପତ୍ର ନିଷିଦ୍ଧ। ଯେଉଁଠାରେ ପ୍ରତି ୧୦୦ ବିବାହରେ କେବଳ ଗୋଟିଏ ବିବାହ ଛାଡପତ୍ରରେ ଶେଷ ହୁଏ। ପାରିବାରିକ ଏବଂ ସାମାଜିକ ଚାପ ଯୋଗୁଁ, ଲୋକମାନେ ପ୍ରାୟତଃ ଇଚ୍ଛା ନ ଥିଲେ ମଧ୍ୟ ବିବାହକୁ ବଜାୟ ରଖିବାକୁ ପଡ଼ିଥାଏ।

ସ୍ୱାମୀଙ୍କ କଟାମୁଣ୍ଡ ଧରି ପ୍ରେମିକ ଘରେ ପହଞ୍ଚିଥିଲେ ମହିଳା

ମିରଟ, ୨୦।୩: ମିରଟରୁ ଏକ ଲୋମଟାଙ୍କୁରା ଘଟଣା ସାମ୍ନାକୁ ଆସିଛି। ଜଣେ ସ୍ତ୍ରୀ ତାଙ୍କ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ସହିତ ମୃତଦେହକୁ ୧୫ଖଣ୍ଡ କରି ଏକ ଡ୍ରମରେ ଭର୍ତ୍ତି କରି ସିମେଣ୍ଟରେ ମୁଦି ଦେଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ମୁସ୍କାନ ଏବଂ ସାହିଲ। ମୃତକଙ୍କ ନାମ ୨୯ ବର୍ଷୀୟ ସୌରଭ ରାଜପୁତ ବୋଲି ଚିହ୍ନଟ କରାଯାଇଛି। ସୌରଭ ମର୍ଚ୍ଚାଣ୍ଟ ନେଭିରେ କାମ କରୁଥିଲେ। ପୁଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତ ପତ୍ନୀ ତାଙ୍କ ପ୍ରେମିକଙ୍କ ସହିତ ମିଶି ପ୍ରଥମେ ତାଙ୍କ ସ୍ୱାମୀଙ୍କୁ ନିଦ ବଟିକା ଦେଇଥିଲେ। ଏହା ପରେ ସେ ତାଙ୍କୁ ଏକ ଛୁରୀରେ ହତ୍ୟା କରିଥିଲେ। ସୌରଭଙ୍କ ହତ୍ୟା ପରେ ମୁସ୍କାନ ସ୍ୱାମୀଙ୍କ ଖଣ୍ଡଖଣ୍ଡ ଶରୀର ଓ କଟାମୁଣ୍ଡକୁ ଧରି ପ୍ରେମିକ ସାହିଲଙ୍କ ଘରେ ପହଞ୍ଚିଥିଲେ। ସ୍ୱାମୀଙ୍କ କଟାମୁଣ୍ଡକୁ ପ୍ରେମିକ ଘରେ ରଖି ମୁସ୍କାନ ଖୁବ ମଜାରେ ରାତି ଭୋଜନ କରି ପ୍ରେମିକ ସହିତ ସମୟ ବିତାଇବା ସହିତ ମୃତଦେହକୁ ଏଣେତେଣେ ଫିଙ୍ଗିବାର ଯୋଜନା କରିଥିଲେ। କିନ୍ତୁ ଏହି ଯୋଜନା ପଣ୍ଡ ହୋଇଯିବା ପରେ ମୁସ୍କାନ ଓ ସାହିଲ ଏକ ଡ୍ରମରେ ଭର୍ତ୍ତି କରି ସିମେଣ୍ଟରେ ମୁଦି ଦେଇଲେ।

ମହାକାଶରେ କ'ଣ ଖାଉଥିଲେ ସୁନୀତା ଓ ତାଙ୍କ ସହଯୋଗୀ

ନୂଆଦିଲ୍ଲୀ, ୨୦।୩: ନାସାର ମହାକାଶଚାରୀ ସୁନୀତା ୱିଲିୟମ ଏବଂ ବୁଚ୍ ୱିଲମୋର ଦୀର୍ଘ ୯ମାସ ବିତାଇ ସୁରକ୍ଷିତ ଭାବେ ପୃଥିବୀପୃଷ୍ଠରେ ଆସି ପହଞ୍ଚିଛନ୍ତି। ନାସାର ମେଡିକାଲ ଟିମ୍ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ଯାଞ୍ଚ କରୁଛି। ଏହି ସମୟରେ ତାଙ୍କ ସହ ଭେଟିବାକୁ କାହାକୁ ଅନୁମତି ଦିଆଯିବ ନାହିଁ। ମହାକାଶଚାରୀ ମାନେ ଯାନ୍ତ୍ରିକ ତ୍ରୁଟି ଫଳରେ ପୃଥିବୀ ପୃଷ୍ଠରେ ପହଞ୍ଚିବାକୁ ବିଫଳ ହୋଇଥିଲେ। ଡ୍ରାଗନ୍ କ୍ୟାପସୁଲ୍ ମାଧ୍ୟମରେ ମଙ୍ଗଳବାର ଆମେରିକାରେ ସମୟାନୁସାରେ ସୁରକ୍ଷିତ ଭାବେ ଆସି ପୃଥିବୀପୃଷ୍ଠରେ ପହଞ୍ଚିଥିଲେ।

ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ ପୃଥିବୀଠାରୁ ୪୦୯ କିଲୋମିଟର ଦୂରରେ ଅବସ୍ଥିତ। ଯାହା ଗତ ୨୫ ବର୍ଷ ଧରି ସାରା ବିଶ୍ୱର ମହାକାଶଚାରୀଙ୍କ ସୁବିଧା ସୁଯୋଗ ଦେଇଆସୁଛି। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ରାଷ୍ଟ୍ର ରିସର୍ଚ୍ଚ ଲ୍ୟାବରେ ଏହାର ପରିଚାଳନା ହେଉଛି। ମହାକାଶରେ ୯ ମାସ ବିତାଇବା ସୁନିତା ୱିଲିୟମ ଏବଂ ବୁଚ୍ ୱିଲମୋରଙ୍କ ପାଇଁ ସହଜ ନଥିଲା। ଯାହା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି। ସୁନୀତା ୱିଲିୟମ ମହାକାଶରୁ ଫେରିବା ପରେ ତାଙ୍କର ହାଡ ଓ ମାଂସପେଶୀରେ ଦୁର୍ବଳତା, କୀଡନୀରେ ସମସ୍ୟା, ଦୃଷ୍ଟିଶକ୍ତି ହ୍ରାସ ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଏଥିପାଇଁ ନାସାର ମେଡିକାଲ ଟିମ୍ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି। ସୂଚନାନୁକ୍ରମେ, ସୁନୀତା ୱିଲିୟମ ଏବଂ ବୁଚ୍ ୱିଲମୋର ୯ ମାସ ଧରି ISSରେ ବ୍ରେକଫାଷ୍ଟ ସହ ୩ ଥର ସେମାନଙ୍କୁ ସ୍ପେସ୍ ଷ୍ଟେସନରେ ଖାଇବାକୁ ମିଳୁଥିଲା। ବ୍ରେକଫାଷ୍ଟରେ ଗହମଜାତୀୟ ଖାଦ୍ୟ ସହ ପାଉଡର କ୍ଷୀର ଖାଉଥିଲେ। ପିଜା, ରୋଷ୍ଟ ଚିକେନ, ଚିଙ୍ଗୁଡି କଟଲେଟ ଖାଉଥିଲେ। କମ୍ ପରିମାଣର ଫଳ, ପନିପରିବା ଖାଉଥିଲେ ସୁନୀତା ଏବଂ ତାଙ୍କ ସହଯୋଗୀ। ସେଠାରେ ପ୍ୟାକିଙ୍ଗ ହୋଇଥିବା ଫଳ ଓ ପରିବା ଉପଲବ୍ଧ ରହୁଥିଲା। ପ୍ରତି ତିନି ମାସରେ ଥରେ ସ୍ପେସ୍ ଷ୍ଟେସନକୁ ଖାଦ୍ୟ ଯାଉଥିଲା। ପୃଥିବୀରେ ରନ୍ଧା ହୋଇ ଖାଦ୍ୟକୁ କଣ୍ଟେନରରେ ସେଠାକୁ ପଠାଯାଏ ଏବଂ ମହାକାଶଚାରୀମାନେ ଉକ୍ତ ଖାଦ୍ୟକୁ କେବଳ ଗରମ କରି ଖାଆନ୍ତି। ମହାକାଶଚାରୀଙ୍କୁ ସ୍ପେସକ୍ରାଫ୍ଟରେ ରନ୍ଧା ହୋଇଥିବା ଖାଦ୍ୟ ଦିଆଯାଇଥାଏ। ଯାହାକି ଗରମ କରିବା ପାଇଁ ଜରୁରୀ ହୋଇଥାଏ। ମହାକାଶଚାରୀଙ୍କ ଖାଦ୍ୟ ମୁଖ୍ୟତଃ ଶୁଖିଲା ରହୁଥିଲା । ସେମାନେ ଏହି ଖାଦ୍ୟକୁ ଗରମ କରି ଖାଉଥିଲେ ମହାକାଶଚାରୀ। ମାଂସ ଓ ଅଣ୍ଡା ପୃଥିବୀରୁ ରନ୍ଧା ହୋଇ ପଠାଯାଉଥିଲା। ମହାକାଶରେ ଅଛି ଖାଇବା ପାଇଁ କକ୍ଷ, ଯେଉଁଠି ମ୍ୟାଗନେଟିକ୍ ଟ୍ରେରେ ଖାଦ୍ୟ ପ୍ରସ୍ତୁତ କରି ମହାକାଶଚାରୀମାନେ ଖାଆନ୍ତି। ଏକ ଚେୟାରରେ ନିଜ ନିଜକୁ ବାନ୍ଧି ସେମାନେ ସେହି ଟ୍ରେରେ ଚାମଚ ଏବଂ ଛୁରୀ ଜରିଆରେ ଖାଦ୍ୟ ଖାଆନ୍ତି। ସ୍ପେସ୍ ଷ୍ଟେସନରେ ପିଇବା ପାଇ

ଚାମ୍ପିଅନ୍ସ ଟ୍ରଫି-୨୦୨୫

ଭାରତୀୟ ଟିମ୍‌କୁ ୫୮ କୋଟି ଟଙ୍କାର ପୁରସ୍କାର ରାଶି ଦେଲା ବିସିସିଆଇ

ନୂଆଦିଲ୍ଲୀ, ୨୦।୩: ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ କ୍ରିକେଟ୍ ଦଳ ଉପରେ କୋଟି କୋଟି ଟଙ୍କା ବର୍ଷା ହେବାକୁ ଯାଉଛି। ଭାରତୀୟ କ୍ରିକେଟ ଦଳ ପାଇଁ ବିସିସିଆଇ ୫୮ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ଭାରତ ମାର୍ଚ୍ଚ ୯ ତାରିଖରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହା ଭାରତର ତୃତୀୟ ଚାମ୍ପିଅନ୍ସ ଟ୍ରଫି ଥିଲା। ଗତବର୍ଷ ଜୁନ୍ ୨୯ ତାରିଖରେ ଭାରତ ଟି-୨୦ ବିଶ୍ୱକପ୍ ମଧ୍ୟ ଜିତିଥିଲା।

ଟିମ୍‌ର ଏତେ ବଡ଼ ବଡ଼ ସଫଳତାକୁ ଦେଖି ଗୁରୁବାର ଟିମ୍ ଇଣ୍ଡିଆକୁ ଦିଆଯିବାକୁ ଥିବା ପୁରସ୍କାର ରାଶି ଘୋଷଣା କରିଛି ବିସିସିଆଇ। ଏହି ପୁରସ୍କାର ରାଶି ଖେଳାଳିମାନଙ୍କ ସହିତ ପ୍ରଶିକ୍ଷକ, ସହାୟକ

କର୍ମଚାରୀ ଏବଂ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟିର ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯିବ। ବିସିସିଆଇ ତା'ର ବିବୃତିରେ ପୁରସ୍କାରର ବିସ୍ତୃତ ବିବରଣୀ ଦେଇନାହିଁ। ହେଲେ ବିସିସିଆଇ ସଭାପତି ରୋଜର ବିନ୍ନି ଏକ ପ୍ରେସ୍ ରିଲିଜ୍ ଜାରି କରି କହିଛନ୍ତି, "କ୍ରମାଗତ ଦୁଇଟି ଆଇସିସି ଟାଇଟଲ୍ ଜିତିବା ସ୍ୱତନ୍ତ୍ର। ଏହି ପୁରସ୍କାର ଟିମ୍ ଇଣ୍ଡିଆର ପ୍ରତିବଦ୍ଧତା ଏବଂ ଉତ୍କର୍ଷତାର ସ୍ୱୀକୃତି ଦେବ।"

ପୂର୍ବରୁ ବିସିସିଆଇ, ଆଇସିସି ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳକୁ ୧୨୫କୋଟି ଟଙ୍କାର ପୁରସ୍କାର ରାଶି ଦେଇଥିଲା। ଏହି ରାଶି ଖେଳାଳିମାନଙ୍କ ସହିତ ପ୍ରଶିକ୍ଷକ, ସହାୟକ କର୍ମଚାରୀ ଏବଂ ଚୟନ କମିଟିର ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଟି-୨୦ ବିଶ୍ୱକପ୍ ପାଇଁ ଏକ ୪୨ ଜଣିଆ ଭାରତୀୟ ଦଳ ଯାଇଥିଲା। ସେମାନଙ୍କ ମଧ୍ୟରେ ୧୫ ଜଣ ଖେଳାଳି ଥିଲେ। ପ୍ରତ୍ୟେକ ଖେଳାଳିଙ୍କୁ ୫ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା।

୧ନଂଠାରୁ ୧ ପଏଣ୍ଟ୍ ଦୂରରେ ବରୁଣ

ଦୁବାଇ, ୨୦।୩: ଯୁବ ଓପନର୍ ଅଭିଷେକ ଶର୍ମା ଏବଂ ବିସ୍ମୟ ସ୍ପିନର୍ ବରୁଣ ଚକ୍ରବର୍ତ୍ତୀ ଆଇସିସି ଟ୍ୱେଣ୍ଟି-୨୦ ମାନ୍ୟତାରେ ନିଜନିଜ କ୍ୟାରିୟର୍ ଶ୍ରେଷ୍ଠ ମାନ୍ୟତା ବଜାୟ ରଖିଛନ୍ତି। ଉଭୟ ଯଥାକ୍ରମେ ବ୍ୟାଟ୍ସମ୍ୟାନ୍ ଓ ବୋଲର୍ ତାଲିକାର ଦ୍ୱିତୀୟ ସ୍ଥାନରେ ଦୃଢ଼ ରହିଛନ୍ତି। ତେବେ ବୋଲର୍ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ୱେଷ୍ଟଇଣ୍ଡିଜ୍‌ର ଅକିଲ ହୁସେନଙ୍କଠାରୁ ବରୁଣ ମାତ୍ର ଗୋଟିଏ ପଏଣ୍ଟ୍ ପଛରେ ରହିବା ସବୁଠାରୁ ଉଲ୍ଲେଖନୀୟ କଥା ହୋଇଛି। ବରୁଣ ୭୦୭ ଏବଂ ଅକିଲ ୭୦୬ ପଏଣ୍ଟ୍‌ରେ ରହିଛନ୍ତି। ସେପଟେ ହାର୍ଦିକ ପାଣ୍ଡ୍ୟା ମଧ୍ୟ ଅଲରାଉଣ୍ଡର୍ ମାନ୍ୟତାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଟ୍ୱେଣ୍ଟି-୨୦ ମାନ୍ୟତାର ତିନିଟି ଯାକ ବର୍ଗର ଶୀର୍ଷ ଦୁଇ ସ୍ଥାନରେ ଭାରତୀୟ ଖେଳାଳି ରହିବା ବି ଅପୂର୍ବ ସଂଯୋଗ ନେଇ ଆସିଛି। ଟ୍ୱେଣ୍ଟି-୨୦ ବୋଲର୍ ମାନ୍ୟତାରେ ଅକିଲ ଓ ବରୁଣଙ୍କ ପରେ ଇଂଲଣ୍ଡର ଆଦିଲ ରସିଦ (୭୦୫), ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା (୭୦୦), ଅଷ୍ଟ୍ରେଲିଆର ଆଡାମ ଜାମ୍ପା (୬୯୪), ଭାରତର ରବି ବିଷ୍ଣୋଇ (୬୭୪) ପଛକୁ ପଛ ତୃତୀୟରୁ ଷଷ୍ଠ ସ୍ଥାନ ମଧ୍ୟରେ ରହିଛନ୍ତି। ଶ୍ରେଷ୍ଠ ୧୦ ଭିତରର ତୃତୀୟ ଭାରତୀୟ ବୋଲର ଭାବେ ଅର୍ଶଦୀପ ସିଂହ (୬୫୩) ନବମ ସ୍ଥାନ ଅଧିକାର କରିଛନ୍ତି। ଅଲରାଉଣ୍ଡର୍ ମାନ୍ୟତାରେ ହାର୍ଦିକ (୨୫୩) କିନ୍ତୁ ଦ୍ୱିତୀୟ ସ୍ଥାନରେ ଥିବା ନେପାଳର ଦୀପେନ୍ଦର ସିଂହ ଆଇରି (୨୩୩)ଙ୍କଠାରୁ ୨୦ ପଏଣ୍ଟ୍ ଉଚ୍ଚରେ ରହିଛନ୍ତି। ଅଲରାଉଣ୍ଡର୍ ମାନ୍ୟତାର ଶୀର୍ଷ ୧୦ ଭିତରେ କିନ୍ତୁ ଅନ୍ୟ କୌଣସି ଭାରତୀୟ ନାହାନ୍ତି। ତେବେ ଟ୍ୱେଣ୍ଟି-୨୦ ବ୍ୟାଟର୍ ମାନ୍ୟତାର ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ (୭୩୯) ଦ୍ୱିତୀୟ ଭାରତୀୟ ଭାବେ ପଞ୍ଚମ ସ୍ଥାନରେ ରହିଛନ୍ତି।

ଦିନକ ପରେ ଆରମ୍ଭ ହେବ ଆଇପିଏଲ ମହାଯୁଦ୍ଧ

ଟ୍ରଫି ସହ ଫଟୋଶୁଟ୍ କଲେ କ୍ୟାପଟେନ୍

ନୂଆଦିଲ୍ଲୀ, ୨୦।୩: ଆଉ ଦିନକ ପରେ ଆରମ୍ଭ ଆଇପିଏଲ। ମୈଦାନରେ ଆଇପିଏଲ ମହାଯୁଦ୍ଧର ମଜା ନେବେ ଦର୍ଶକ। ଫଟାଫଟ କ୍ରିକେଟ୍ ସହ ନିଜ ନିଜର ସମର୍ଥିତ ଦଳକୁ ନେଇ ଚର୍ଚ୍ଚା ଆଲୋଚନା କରିବେ କ୍ରିକେଟ୍ ପ୍ରେମୀ। ମାର୍ଚ୍ଚ ୨୨ରୁ ଆଇପିଏଲ ମହାଯୁଦ୍ଧ ଆରମ୍ଭ ହେଉଥିବା ବେଳେ ମେ ୨୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ତେବେ ମ୍ୟାଚ୍ ଆରମ୍ଭ ପୂର୍ବରୁ ସାମ୍ନାକୁ ଆସିଛି ଆଇପିଏଲ ଟ୍ରଫି ସହ ଫଟୋସୁଟ୍। ୧୦ଟି ଟିମର କ୍ୟାପଟେନ୍ ଟ୍ରଫି ସହ ଫଟୋସୁଟ୍ କରିଥିଲେ। ଏଥିସହ ନୂଆ ଜର୍ସିରେ ବି ନଜର ଆସିଛନ୍ତି ନୂଆ କ୍ୟାପଟେନ୍। ତେବେ ଆଇପିଏଲର ଚଳିତ ସିଜିନରେ ବି ୧୦ଟି ଭାଗନେବା ସହ ୬୫ ଦିନରେ ଫାଇନାଲ ମ୍ୟାଚ ସମେତ୍ ମୈଦାନରେ ମୋଟ୍ ୭୪ଟି ମୁକାବିଲା ଦେଖିବାକୁ ମିଳିବ। ସମସ୍ତ ମ୍ୟାଚ୍ ଭାରତର ୧୩ଟି ଭେନ୍ୟୁରେ ଖେଳାଯିବାକୁ ଥିବା ବେଳେ ୬୨ଟି ମ୍ୟାଚ୍ ସନ୍ଧ୍ୟା ସମୟରେ ଏବଂ ୧୨ଟି ମ୍ୟାଚ୍ ଅପରାହ୍ଣ ରେ ଖେଳାଯିବା ନେଇ ଧାର୍ଯ୍ୟ ହୋଇଛି। ତେବେ ଅପରାହ୍ଣ ରେ ଖେଳାଯିବାକୁ ଥିବା ମ୍ୟାଚ୍ ୩.୩୦ରୁ ଆରମ୍ଭ ହେବ। ସେହିପରି ସନ୍ଧ୍ୟାରେ ଖେଳାଯିବାକୁ ଥିବା ମ୍ୟାଚ୍ ସାଢେ ୭ଟାରୁ ଆରମ୍ଭ ହେବ।

ଆନୁଷ୍ଠାନିକ ଭାବେ ଅଲଗା ହେଲେ ଚହଲ-ଧନଶ୍ରୀ



ମୁମ୍ବାଇ,୨୦।୩: ସେଲିବ୍ରିଟି ଦମ୍ପତି ଯୁଜଭେନ୍ଦ୍ର ଚହଲ ଏବଂ ଧନଶ୍ରୀ ବର୍ମାଙ୍କ ଛାଡ଼ପତ୍ର ରିପୋର୍ଟ ଗତ କିଛି ମାସ ଧରି ଖବରରେ ରହିଛି। ଗୁରୁବାର, ମୁମ୍ବାଇର ବାନ୍ଦ୍ରା ପରିବାର କୋର୍ଟରେ ଉଭୟ ଆନୁଷ୍ଠାନିକ ଭାବରେ ଛାଡ଼ପତ୍ର ହୋଇଥିଲା ବେଳେ ଓକିଲ ଏହା ନିଶ୍ଚିତ କରିଥିଲେ। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଓକିଲ କହିଥିଲେ, "ଛାଡ଼ପତ୍ର ହୋଇସାରିଛି। ବିବାହ ଭାଙ୍ଗିଯାଇଛି। ଖବର ଆସିଥିଲା ଯେ ଧନଶ୍ରୀ ୪.୫୦ କୋଟି ଟଙ୍କା ଭରଣପୋଷଣ ପାଇବେ। ଯେତେବେଳେ କୋର୍ଟ ବାହାରେ ଗଣମାଧ୍ୟମ ଓକିଲଙ୍କୁ ଭରଣପୋଷଣ ପରିମାଣ ବିଷୟରେ ପ୍ରଶ୍ନ କରିଥିଲେ, ସେ ଆଉ କୌଣସି ସୂଚନା ଦେଇ ନ ଥିଲେ।"

ଆଇପିଏଲ୍ ୨୦୨୫: ରାଜସ୍ଥାନ ରୟାଲ୍ସର ବଡ଼ ନିଷ୍ପତ୍ତି

ସାମସନଙ୍କ ସ୍ଥାନରେ ରିୟାନ ହେଲେ ଅଧିନାୟକ

ନୂଆଦିଲ୍ଲୀ,୨୦।୩: ଆଇପିଏଲ୍ ସିଜିନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ସହ ଏକ ବଡ଼ ବିପର୍ଯ୍ୟୟ ଘଟିଛି। ଦଳର ଅଧିନାୟକ ସଞ୍ଜୁ ସାମସନ ତାଙ୍କ ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଏହି କାରଣରୁ ରାଜସ୍ଥାନ ରୟାଲ୍ସ ଏକ ବଡ଼ ନିଷ୍ପତ୍ତି ନେଇ ଅଧିନାୟକତ୍ୱ ପରିବର୍ତ୍ତନ କରିଛି ଏବଂ ଷ୍ଟାର ଅଲରାଉଣ୍ଡର ରିୟାନ ପରାଗଙ୍କୁ ଦଳର କମାଣ୍ଡ ହସ୍ତାନ୍ତର କରିଛି। ଏଣୁ ସାମସନଙ୍କୁ ରିୟାନ ପରାଗଙ୍କ ଅଧିନାୟକତ୍ୱରେ ଖେଳିବାର ଦେଖାଯିବ। ରାଜସ୍ଥାନ ରୟାଲ୍ସର ପ୍ରଥମ ମ୍ୟାଚ୍ ୨୩ ମାର୍ଚ୍ଚରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ହେବ। ପ୍ରଥମ ଥର ପାଇଁ ରିୟାନ ଅଧିନାୟକତ୍ୱର ଦାୟିତ୍ୱ ନେବେ। ଗତ କିଛି ସପ୍ତାହ ଧରି ଆଙ୍ଗୁଠି ଆଘାତରେ ପୀଡିତ ସଞ୍ଜୁ ସାମସନ ଏପର୍ଯ୍ୟନ୍ତ ଏଥିରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ସାମସନଙ୍କୁ ବିସିସିଆଇର ସେଣ୍ଟର ଅଫ ଏକ୍ସଲେନ୍ସରୁ ବ୍ୟାଟିଂ ପାଇଁ ଅନୁମତି ମିଳିଛି କିନ୍ତୁ ଏପର୍ଯ୍ୟନ୍ତ ୱିକେଟକିପିଂ ପାଇଁ ସବୁଜ ସଙ୍କେତ ମିଳିନାହିଁ। ଏପରି ପରିସ୍ଥିତିରେ ରାଜସ୍ଥାନ ଅଧିନାୟକତ୍ୱ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ଫ୍ରାଞ୍ଚାଇଜ ଗୁରୁବାର ମାର୍ଚ୍ଚ ୨୦ ତାରିଖରେ ଘୋଷଣା କରିଥିଲା ଯେ ରିୟାନ ପ୍ରଥମ ୩ଟି ମ୍ୟାଚ୍ ପାଇଁ ଦଳର ନେତୃତ୍ୱ ନେବେ। ଯେତେବେଳେ ସଞ୍ଜୁ ସାମସନ ଜଣେ ବ୍ୟାଟ୍ସମ୍ୟାନ ଭାବରେ ଖେଳିବା ଜାରି ରଖିବେ। ତଥାପି ସଞ୍ଜୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ହିଁ ଅଧିନାୟକ ଭାବରେ ଫେରିବେ। ସାମସନ ନିଜେ ସମଗ୍ର ଦଳର ସାମ୍ନାରେ ରିୟାନ ପରାଗଙ୍କୁ ଅଧିନାୟକ ଭାବେ ଘୋଷଣା କରିଥିଲେ। ଗତ ମାସରେ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟି-୨୦ ମ୍ୟାଚ୍ ସମୟରେ ସାମସନଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଏହା ପରେ ସେ ପଡ଼ିଆ ବାହାରକୁ ଚାଲିଯାଉଥିଲେ। ତଥାପି ବିସିସିଆଇ ଡାକ୍ତରୀ ଦଳ ଦ୍ୱାରା ବ୍ୟାଟିଂ ପାଇଁ ଫିଟ୍ ଘୋଷିତ ହେବା ପରେ ସେ ସମ୍ପ୍ରତି ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷଣକୁ ଫେରିଛନ୍ତି। କିନ୍ତୁ ପ୍ରଶ୍ନଟି ତାଙ୍କ ୱିକେଟକିପିଂ ବିଷୟରେ ଥିଲା, ଯେଉଁଠାରେ ସେ ଏବେ ବି ବିସିସିଆଇରୁ ଫିଟନେସ ପ୍ରମାଣପତ୍ର ପାଇବାକୁ ଅପେକ୍ଷା କରିଛନ୍ତି। ରିୟାନ ପ୍ରଥମ ଥର ପାଇଁ ରାଜସ୍ଥାନ ରୟାଲ୍ସର ଅଧିନାୟକ ହେବେ।

କଳାହାଣ୍ଡି କପ୍: କୋରାପୁଟ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ବିଜୟୀ

ସାଇ ଶୁଭମ୍‌ଙ୍କ ଶତକ: ବିଶ୍ୱଜିତ, ସ୍ୱୟାଂଶୁ, ସୁମିତ, ଅଭିଜିତଙ୍କୁ ୫ୱିକେଟ୍

କଟକ, ୨୦।୩: କଳାହାଣ୍ଡି କପ୍ ଅନ୍ତଃଜିଲ୍ଲା ବରିଷ୍ଠ କ୍ରିକେଟ୍ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ଦିବସରେ ଖେଳା ଯାଇଥିବା ୯ଟି ମ୍ୟାଚ୍‌ରେ ମୟୂରଭଞ୍ଜ, କୋରାପୁଟ, ଯାଜପୁର, କଟକ, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର ଓ ସୁନ୍ଦରଗଡ଼ ବିଜୟୀ ହୋଇଥିବା ବେଳେ ଭୁବନେଶ୍ୱର ଖେଳାଳି ସାଇ ଶୁଭମ୍‌ଙ୍କ ଶତକ (୧୦୨ରନ୍), କଟକ-ଏ'ର ବିଶ୍ୱଜିତ ମହାପାତ୍ର, କେନ୍ଦୁଝରର ସ୍ୱୟାଂଶୁ ପଟ୍ଟନାୟକ ଓ ଖୋର୍ଦ୍ଧାର ସୁମିତ ମହାରଣା ପ୍ରତ୍ୟେକ ୫ ୱିକେଟ୍ ଅକ୍ତିଆର କରିବା ଉଲ୍ଲେଖନୀୟ ସଫଳତା ରହିଛି।

ମୟୂରଭଞ୍ଜ ୨୪ ରନ୍‌ରେ ପୂର୍ବତଟ ରେଳବାଇକୁ ପରାସ୍ତ କରିଛି। ମୟୂରଭଞ୍ଜ ୪୭.୩ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୬ରନ୍ ସଂଗ୍ରହ କରିଥିଲା। ମାରୀ ଲୋକନାଥ ସର୍ବାଧିକ ୪୮ ରନ୍ କରିଥିଲେ। ଜବାବରେ ପୂର୍ବତଟ ରେଳବାଇ ୨୭.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୨ ରନ୍ କରି ମ୍ୟାଚ୍‌କୁ ହାତଛଡା କରିଥିଲା। କୋରାପୁଟ ୨ ୱିକେଟ୍‌ରେ କନ୍ଧମାଳଠାରୁ ବିଜୟୀ ହୋଇଛି। କନ୍ଧମାଳ ୩୬.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୧ ରନ୍ କରିଥିଲା। ଜବାବରେ କୋରାପୁଟ ୨୮.୨ ଓଭର ଓ ୮ ୱିକେଟ୍ ବିନିମୟରେ ୧୩୪ ରନ୍ କରି ମ୍ୟାଚ୍‌ଜୁ ଜିତିଥିଲା। ଚିନ୍ମୟ ପଣ୍ଡା ୧୪ ରନ୍ ସହ ୨ଟି ୱିକେଟ୍ ଅକ୍ତିଆର କରିଥିଲେ।

ଯାଜପୁର ଗୋଟିଏ ୱିକେଟରେ ନବରଙ୍ଗପୁରଠାରୁ ବିଜୟୀ ହୋଇଛି। ନବରଙ୍ଗପୁର ୨୫ ଓଭରରେ ୧୦୭ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ପପୁ ରାୟ ୪ଟି ଓ ଶେଖ୍ ଆଜାରୁଦ୍ଦିନ୍ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଯାଜପୁର ୩୩.୧ ଓଭରରେ ୯ ୱିକେଟ୍ ହରାଇ ମ୍ୟାଚ୍‌କୁ ଜିତି ନେଇଥିଲେ। କଟକ-ଏ' ୭୩ ରନ୍‌ରେ ବୌଦ୍ଧକୁ ପରାସ୍ତ କରିଛି। କଟକ-ଏ' ୪୫.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୬ରନ୍ କରିଥିଲା। କଟକ ପକ୍ଷରୁ ପ୍ରଦୀପ୍ତ ଦାଶ ୬୫ ରନ୍ ଓ ସମ୍ବିତ ବେଜା ୬୪ ରନ୍ କରିଥିବା ବେଳେ ଅନୁରାଗ ୪ଟି ଓ ଲକ୍ଷ୍ମୀଧର ପ୍ରଧାନ ୩ଟି ୱିକେଟ୍ ନେଇଥିଲେ। ଜବାବରେ ବୌଦ୍ଧ ୪୬.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୩ ରନ୍ କରି ମ୍ୟାଚକୁ ହାତଛଡ଼ା କରିଥିଲା। ବିଶ୍ୱଜିତ ମହାପାତ୍ର ସର୍ବାଧିକ ୫ଟି ୱିକେଟ୍ ନେଇ ବୌଦ୍ଧ ବ୍ୟାଟିଂରେ ରୋକ୍ ଲଗାଇଥିଲେ। କେନ୍ଦୁଝର ୭ ୱିକେଟ୍‌ରେ ଜଗତସିଂହପୁରଠାରୁ ବିଜୟୀ ହୋଇଛି। ଜଗତସିଂହପୁର ୨୬.୨ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୧ ରନ୍ କରିଥିଲା। କିଶାନ ରଥ ୫୯ ରନ୍ କରିଥିବା ବେଳେ କେନ୍ଦୁଝର ଖେଳାଳି ସ୍ୱୟାଂଶୁ ପଟ୍ଟନାୟକ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ କେନ୍ଦୁଝର ୨୨.୪ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା।

ଖୋର୍ଦ୍ଧା ୭ ୱିକେଟ୍‌ରେ ନୂଆପଡ଼ାକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡ଼ା ୩୧.୧ ଓଭରରେ ୧୨୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଖୋର୍ଦ୍ଧା ପକ୍ଷରୁ ସୁମିତ ମହାରଣା ୫ଟି ୱିକେଟ୍ ନେଇଥିଲେ। ଜବାବରେ ଖୋର୍ଦ୍ଧା ୨୦.୧ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଜଟଣୀ ରେଳବାଇ ପଡ଼ିଆରେ ନୟାଗଡ଼ ୪ ରନ୍‌ରେ ପାରାଦୀପକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ଼ ୪୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୨ ରନ୍ କରିଥିଲା। ନୟାଗଡ଼ ପକ୍ଷରୁ ଦିବ୍ୟଜ୍ୟୋତି ପଟ୍ଟନାୟକ ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ପାରାଦୀପ ୪୫.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୮ରନରେ ସୀମିତ ରହିଯାଇଥିଲା।

ଭୁବନେଶ୍ୱର-ବି ୭ ୱିକେଟ୍‌ରେ କଳାହାଣ୍ଡିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କଳାହାଣ୍ଡି ୪୪ ଓଭରରେ ସମସ୍ତ ୱିକେଟ୍ ହରାଇ ୨୧୫ ରନ୍ କରିଥିଲା। କଳାହାଣ୍ଡି ଖେଳାଳି ରୋନକ୍ ବଣୁଆ ସର୍ବାଧିକ ୯୫ ରନ୍ କରିଥିଲେ। ଜବାବରେ ଭୁବନେଶ୍ୱର-ବି ଦଳ ୩୨.୩ ଓଭରରେ ଖେଳି ମାତ୍ର ୩ ୱିକେଟ ହରାଇ ମ୍ୟାଚକୁ ଜିତିଥିଲା। ଭୁବନେଶ୍ୱର ପକ୍ଷରୁ ସାଇ ଶୁଭମ୍ ୯୭ ବଲ୍‌ରୁ ଶତକ (୧୦୨ରନ୍) କରିଥିଲେ। ସେହିପରି ସୁନ୍ଦରଗଡ଼ ୭୦ ରନ୍‌ରେ ଗଜପତିକୁ ପରାସ୍ତ କରିଛି। ସୁନ୍ଦରଗଡ଼ ୩୩.୧ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୬ରନ୍ କରିଥିଲା। ଅଭିଜିତ ପାଣ୍ଡେ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଗଜପତି ୨୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୬ ରନ୍ କରିବାକୁ ସମର୍ଥ ହୋଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଏନକାଉଣ୍ଟରରେ...

ମାତ୍ରାରେ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

ଅନ୍ୟପକ୍ଷରେ ଯବାନଙ୍କ ଏପରି ସଫଳତାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ପ୍ରଶଂସା କରିବା ସହ ଦେଶରେ ନକ୍ସଲମୁକ୍ତ ଅଭିଯାନକୁ ଏହା ବଳ ଦେବ ବୋଲି ମତ ଦେଇଛନ୍ତି। ସେ ଏହି ଏନ୍‌କାଉଣ୍ଟର୍ ପରେ ତାଙ୍କ ପ୍ରତିକ୍ରିୟା ଦେଇ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି ଯେ ଆଜି ଆମ ଯବାନମାନେ 'ନକ୍ସଲ ମୁକ୍ତ ଭାରତ ଅଭିଯାନ' ଦିଗରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି। ଛତିଶଗଡ଼ର ବିଜାପୁର ଏବଂ କାଙ୍କେରରେ ଆମର ସୁରକ୍ଷା ବାହିନୀ ଦୁଇଟି ପୃଥକ ଅପରେସନରେ ୩୦ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି, ଯାହା ଆମ ପାଇଁ ବଡ଼ କଥା। ମୋଦି ସରକାର ନକ୍ସଲଙ୍କ ବିରୁଦ୍ଧରେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ସହ ସେମାନଙ୍କ ବିରୋଧରେ ଶୂନ୍ୟସହନଶୀଳତା (ଜିରୋ ଟଲରାନ୍ସ) ନୀତି ଆପଣେଇଛନ୍ତି ବୋଲି ଶାହ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଶ୍ରୀ ଆଉ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ଦେଶ ନକ୍ସଲମୁକ୍ତ ହେବାକୁ ଯାଉଛି।

ମୂଳରୁ ତଦନ୍ତ...

ଗୁରୁତର ଥିଲା, ଭୁବନେଶ୍ୱରକୁ ଏୟାରଲିଫ୍ଟିଂ ପାଇଁ କେଉଁଠୁ ନିର୍ଦ୍ଦେଶ ଆସିଲା, ନବଙ୍କ ସହ କିଏ କିଏ ଯାଇଥିଲେ, ଏସବୁ ପ୍ରଶ୍ନ ଗୋଟି ଗୋଟି କରି ସେତେବେଳର ସିଡିଏମ୍‌ଓ ଥିବା ଡୋଳାମଣି ପଟେଲଙ୍କୁ ପଚାରିଛି ଟିମ୍।

ନବ ଦାସଙ୍କୁ ଚିକିତ୍ସା କରିଥିବା ଅନ୍ୟ ଦୁଇ ଜଣ ଡାକ୍ତର, ମେଡିସିନ୍ ସ୍ପେଶାଲିଷ୍ଟ ରଞ୍ଜନ ପଟେଲ ଓ ସର୍ଜରୀ ସ୍ପେଶାଲିଷ୍ଟ ଜିତେନ ପଟେଲଙ୍କଠାରୁ ବିଏନଏସଏସ ଧାରା ୧୬୧ରେ ବୟାନ ରେକର୍ଡ କରିଛି। ଏଥିସହିତ ଏୟାରଲିଫ୍ଟିଂ ସମୟରେ ସାଥିରେ ଯାଇଥିବା ନର୍ସଙ୍କୁ ମଧ୍ୟ ପଚରା ଉଚରା କରାଯାଇଛି। ଯଦିଓ ତତ୍କାଳୀନ ସିଡିଏମ୍‌ଓ କ୍ରାଇମବ୍ରାଞ୍ଚ୍ ତନାଘନା ସମ୍ପର୍କରେ ପଦୁଟିଏ ବି ମୁହଁ ଖୋଲୁନାହାନ୍ତି, ହେଲେ ଡାକ୍ତର ଜିତେନ ପଟେଲ କହିଛନ୍ତି ଏଏୟାରଲିଫ୍ଟିଂ ବେଳେ ନବଙ୍କ ଅବସ୍ଥା କ୍ରିଟିକାଲ ଥିଲା। ଯେହେତୁ ଗୋପାଳ ମାରିଥିବା ଗୁଳିଟି ଏଯାଏଁ ମିଳୁନାହିଁ, ତେଣୁ ସେ ରହସ୍ୟ ଭେଦିବାକୁ ପ୍ରାଣପଣେ ଲାଗିପଡ଼ିଛି କ୍ରାଇମବ୍ରାଞ୍ଚର ନୂଆ ତଦନ୍ତକାର

ଓଡ଼ିଆ ମନ ବୁଝେ ପଖାଳ କଂସା

କାକଟପୁର/ଅସ୍ତରଙ୍ଗ, ୨୦।୩ (ସଂଚାର ବ୍ୟୁରୋ) : "ଲଙ୍ଗଳ କଥା ବୁଝୁଛି କ୍ଷେତ, କ୍ଷେତ କଥା ବୁଝେ ଚଷା, ଓଡ଼ିଆ ମନ ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା, ଓଡିଶା ମୋ ଓଡିଶା ଏଭଳି ଅନେକ ଗୀତ ପଖାଳକୁ ନେଇ ରହିଛି। ପଖାଳ ଏକ ଖାଦ୍ୟ ନୁହେଁ, ଏହା ପ୍ରତିଟି ଓଡିଆଙ୍କର ଆବେଗ। ପୂର୍ବରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ ହେଉନଥିବାରୁ ଏହାର ଉତ୍ପତି ବିଷୟରେ ବିଶେଷ ତଥ୍ୟ କାହାରି ପାଖରେ ନାହିଁ। ତେବେ ଏହା ଯେ ଓଡିଆଙ୍କ ପ୍ରିୟ। ସେଥିରେ କୌଣସି ଦ୍ୱିମତ ନାହିଁ। ୨୦୧୧ମସିହାରୁ କିଛି ଖାଦ୍ୟ ପ୍ରେମୀ ଏହି ଦିବସ ପାଳନ କରିଥିଲେ। ୨୦୧୫ମସିହାରେ ପ୍ରଥମ କରି ପଖାଳ ଦିବସ ପାଇଁ ଟୁଇଟର ଟ୍ରେଣ୍ଡ ଆରମ୍ଭ ହୋଇଥିଲା। ତେଣୁ ମାର୍ଚ୍ଚ ୨୦ରେ ପାଳନ ହେଉଛି ପଖାଳ ଦିବସ।

'ସବୁଜ ଶାଖା' ପରିସରରେ ପଖାଳ ଦିବସ
ଆମେ ଓଡ଼ିଆ, ଆମ ପଖାଳ ବଢ଼ିଆ

ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା' ଆନୁକୂଲ୍ୟରେ ୩ୟ ବର୍ଷ ପଖାଳ ଦିବସ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତି, କବି, କବିୟତ୍ରୀ ଓ ସମାଜସେବୀମାନଙ୍କୁ ନେଇ ଏକ ଭବ୍ୟ କାର୍ଯ୍ୟକ୍ରମରେ କବି ଓ କବିୟତ୍ରୀମାନଙ୍କ ଦ୍ୱାରା ପଖାଳ ସମ୍ବନ୍ଧୀୟ କବିତା ଆବୃତ୍ତି କରାଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ପିଜା, ବର୍ଗର ଓ ନୁଡୁଲ୍ସ ଭିତରେ ଅଣନିଶ୍ୱାସୀ ହୋଇ ପଡ଼ିଥିବା ପଖାଳ ଏବେ ନିଜର ପୂର୍ବ ଗୌରବ ଫେରିପାଇଛି। ଅସ୍ତରଙ୍ଗ ସବୁଜ ଶାଖା ପରିସରରେ ମାନ୍ୟଗଣ୍ୟ ଅତିଥିମାନଙ୍କ ଉପସ୍ଥିତରେ ପଖାଳ ଦିବସରେ ଦହି ପଖାଳ ସହ ୩୫ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପରସା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସବୁଜ ଶାଖାର ଉପଦେଷ୍ଟା ଦିବାକର ଛାଟୋଇ, ସାମ୍ବାଦିକ ବିପିନି ଦାଶ, ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ବିଜୟ ବେହେରା,ପରିବେଶବିତି ସୋମ୍ୟରଞ୍ଜନ ବିଶ୍ୱାଳ,ଶିକ୍ଷାବିତି ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

ରେଡିଓ ନମସ୍କାର ତରଫରୁ ବିଶ୍ୱ ପଖାଳ ଦିବସ

କୋଣାର୍କ, ୨୦।୩ (ସଂଚାର ବ୍ୟୁରୋ): ଆଜି ବିଶ୍ୱ ପଖାଳ ଦିବସ, ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାର୍ଚ୍ଚ ୨୦ ତାରିଖରେ ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାର ପକ୍ଷରୁ କୁରୁଜଙ୍ଗ ଗ୍ରାମ ପଂଚାୟତ ଅନ୍ତର୍ଗତ ବାମେରା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି ପଖାଳ ଦିବସ ପାଳନ ଅବସରରେ ଗ୍ରାମର ସମସ୍ତ ମହିଳାମାନେ ପଖାଳ ସହ ବିଭିନ୍ନ ପ୍ରକାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଯେପରି ଶାଗ ଭଜା , କଖାରୁ ଫୁଲ ପିଠଉ, ଆଳୁ ଭଜା ,ଆଳୁ ବାଇଗଣ କସା, ବଢି ବୁରା, ଭେଣ୍ଡି ଆଳୁ ଭଜା ,ଧନିଆ ଚଟଣି, କଲରା ଭଜା, ଗୋଟା କଲରା ଭଜା, ଟମାଟୋ ଚଟଣି, ଆମ୍ବ ଚଟଣି, ଚିପ୍ସ୍ ଭଳି ଶହେରୁ ଅଧିକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ।

ସଭା ପ୍ରାରମ୍ଭରେ ହିଂସାକୁ କରିବା ନାଁର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ ନୂଆଦିଲ୍ଲୀ ସ୍ମାର୍ଟ ଅନୁଷ୍ଠାନ ପକ୍ଷରୁ ଯୋଗ ଦେଇଥିଲେ ଦୁଇ ପର୍ଯ୍ୟବେକ୍ଷକ ମାନସୀ ଚୋଧୁରୀ, ଶୋଭା ଡୋଗ୍ରା, ପୁରୀ ଜିଲ୍ଲା ସଖୀ ୱାନ୍ ଷ୍ଟପ ସେଣ୍ଟରର କେଶ୍ ୱାର୍କର ଇତିବାଳା ପ୍ରଧାନ,ଆକାଂକ୍ଷା ମିଶ୍ର, ସୁଶାନ୍ତି ଜେନା। ଏହି କାର୍ଯ୍ୟକ୍ରମରେ ରେଡ଼ିଓ ନମସ୍କାରର ସଂଯୋଜିକା ଏସ୍ କାଜଲ, କୁରୁଜଙ୍ଗ ଗ୍ରାମପଂଚାୟତ ମହିଳା ମହାସଂଘର ସଭାନେତ୍ରୀ ଝରଣା ପରିଡା ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ଘରୋଇ ହିଂସା, ବାଲ୍ୟ ବିବାହ ନିରୋଧ ଆଇନ, ଶିଶୁ ସୁରକ୍ଷା, ଆଇନ ,ବୃଦ୍ଧ ଓ ବୃଦ୍ଧାଙ୍କ ସହାୟତା ସଂପର୍କିତ ଦରକାରୀ ସୂଚନା ଇତ୍ୟାଦି ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନତା କରାଯାଇଥିଲା । ପରେ ପରେ ମହିଳାମାନଙ୍କ ସ୍ନେହ, ଶ୍ରଦ୍ଧାର ସହ ପ୍ରସ୍ତୁତ ଓଡିଆ ପଖାଳ କଂସା ଅତିଥି ମାନଙ୍କୁ ପରସି ଦିଆଯାଇଥିଲା।

ଏହି ଭଳି କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ପ୍ରତିବର୍ଷ ରେଡ଼ିଓ ନମସ୍କାର ପାଳନ କରିବା ସହ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା ମୂଳକ ପଦକ୍ଷପ ଜାରି ରଖିଛି। ଯାହାକି ବିଭିନ୍ନ ସମୟରେ ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାର (କୋଣାର୍କ) କୁ ଜାତୀୟ ସ୍ତରରେ ସମ୍ମାନୀତ ହେବାର ସୁଯୋଗ ପାଇଛି । ଏହି କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ସଂପାଦାନ କରିଥିଲେ ରେଡ଼ିଓ ନମସ୍କାର କାର୍ଯ୍ୟନିର୍ବହୀ ଅଧିକାରୀ ରୋଜାଲିନି ପ୍ରଧାନ,ରାନୁ ସେଠୀ , ବୈଶାଖୀ ଗୁରୁ, ବିଶ୍ୱ ରଞ୍ଜନ ବିଶ୍ୱଶ୍ରୀ, ଋତୁରାଜ ସ୍ୱାଇଁ ।

ଅଗ୍ନିକାଣ୍ଡରେ ୪ ବଖରା ଘର ସମେତ ଆସବାବପତ୍ର ପୋଡ଼ି ପାଉଁଶ

କୁଜଙ୍ଗ, ୨୦।୩ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱଳୀ ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଭୟା ବହ ଅଗ୍ନିକାଣ୍ଡ ଘଟି ଦାଦା ଓ ପୁତୁରାଙ୍କ ୪ ବଖରା ଚାଳ ଘର ସମେତ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି। ଘଟଣାରୁ ପ୍ରକାଶ ଆଜି ମଧ୍ୟାହ୍ନ ସମୟରେ ପୁତୁରା ଉଲ୍ଲାସ ତରାଇଙ୍କ ଘରୁ ହଠାତ ନିଆଁ ଜଳିବା ଆରମ୍ଭ କରିଥିଲା। ଖରାଦିନ ଓ ପବନ ଯୋଗୁଁ ନିଆଁ ନିମିଷକ ମଧ୍ୟରେ ଉଲ୍ଲାସଙ୍କ ଘରକୁ ଲାଗି କି ଥିବା ତାଙ୍କ ଦାଦା ମଧୁସୂଦନ ତରାଇଙ୍କ ଘରକୁ ବ୍ୟାପୀ ଥିଲା । ଯାହାଫଳରେ ଉଭୟ ଦାଦା ପୁତୁରାଙ୍କ ୪ ବଖରା ଚାଳ ଘର ସମେତ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ପୋଡି ପାଉଁଶ ହୋଇଗଲା। କୁଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଘଟଣା ସ୍ଥଳରେ ବିଶ୍ୱାଲି ସରପଞ୍ଚ ମନୋରମା ମଲ୍ଲ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଗତ ପରିବାରକୁ ସମବେଦନା ଜଣାଇବା ସାଙ୍ଗକୁ ଆଇନ ଅନୁଯାୟୀ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅଗ୍ନିକାଣ୍ଡ ର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ହୋଇଥିବା କୁହାଯାଉଛି ।

ପୁସ୍ତକ 'ଗୁଡ଼ି ଯାଆ ଉଡ଼ି' ଉନ୍ମୋଚିତ

ବାଲିଅନ୍ତା, ୨୦।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ସାଗୁଆ ଗ୍ରାମ ସ୍ଥିତ ମା ଉପୁଳେଇ ପୀଠ ପରିସରରେ ଆଜି ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକଙ୍କ ଦ୍ୱାରା ରଚିତ 'ଗୁଡ଼ି ଯାଆ ଉଡି ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଭାରତ ସରକାରଙ୍କ ନ୍ୟାସନାଲ ବୁକ ଟ୍ରଷ୍ଟ,ଇଣ୍ଡିଆ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ହିନ୍ଦୀ ଭାଷାରେ ଅନୁଦିତ ହୋଇଛି । ଏହା ସହିତ ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ୍ୟ ଅନୁଦିତ ହେବକୁ ଯାଉଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ସଂଳାପକାର ଡ. ରଜନୀ ରଞ୍ଜନ ଦାଶ, ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ, ବିଶିଷ୍ଟ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ବରିଷ୍ଠ ଶିଶୁ ସାହିତ୍ୟିକ ଅରୁଣ ଚନ୍ଦ୍ର ମହାନ୍ତି,ବାଲିଅନ୍ତା ପ୍ରେସ କ୍ଲବ ସଭାପତି ସୋମନାଥ ସ୍ୱାଇଁ,ରାଧାଶ୍ୟାମ ମହାନ୍ତି ଏବଂ ଜଗତଜୀବନ ମାଳି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ମଧ୍ୟରେ ସ୍ଥାନ ପାଇଥିବା ବିଷୟ ବାସ୍ତୁ ପିଲାଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ । ଲେଖକ ଶ୍ରୀ ନାୟକ ଗୁଡିର ଇତିହାସ, ପ୍ରକାର ଭେଦ,ସ୍ୱତନ୍ତ୍ର ଗୁଡ଼ିଉଡା ଦିବସ ଓ ପର୍ବ ପର୍ବାଣୀରେ ଗୁଡିର ପରମ୍ପରା ଆଦି ୩୧ଗୋଟି ବିଷୟ ଉପରେ ସରଳ ସାବଲୀଳ ଭାଷାରେ ବର୍ଣ୍ଣନା କରାଯାଇଥିବା ସୂଚନା ଦେଇଥିଲେ । ସଭାରେ ଅନୂପ ଶୁଭଙ୍କର ଧନ୍ୟବାଦ ପ୍ରଦାନ କରିଥିଲେ ।

ସରିଲା ମିଳିତ ସମରାଭ୍ୟାସ 'ସାଗର କବଚ'

କାକଟପୁର /ଅସ୍ତରଙ୍ଗ, ୨୦।୩ (ସଂଚାର ବ୍ୟୁରୋ) : ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ଅଥବା 'ସି ଭିଜିଲ' ସମାପ୍ତ ହୋଇଛି । ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ମାର୍ଚ୍ଚ ୧୯ ଓ ମାର୍ଚ୍ଚ ୨୦ ତାରିଖ ସକାଳ ଠାରୁ ଆରମ୍ଭ ହୋଇଥିବା ସମରାଭ୍ୟାସ 'ସାଗର କବଚ' ଆରମ୍ଭ ହୋଇଥିଲା । ୨୬/୧୧ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷାବ୍ୟବସ୍ଥାକୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ'। ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷି ବାହିନୀ, ମେରାଇନି ପୁଲିସ, ଅସ୍ତରଙ୍ଗ ପୁଲିସ ସହ ବିଭିନ୍ନ ଥାନା ପୁଲିସ ଏଥିରେ ସାମିଲ ହୋଇଥିଲେ।

ନୟାଗଡ଼ ମଥାରେ କଳଙ୍କ ଟିକା
ମେଡିକାଲ ପାଇଖାନାରେ ମୃତ ପିଲାକୁ ଜନ୍ମଦେଲେ ଛାତ୍ରୀ

ନୟାଗଡ଼, ୨୦।୩ (ସଂଚାର ବ୍ୟୁରୋ): ନୟାଗଡ଼ ପାଇଁ କଳଙ୍କ ଟିକା । ମେଡିକାଲ ପାଇଖାନାରେ ମୃତ ଛୁଆକୁ ଜନ୍ମ ଦେଇଛି ଜଣେ କଲେଜ ପଢୁଆ ଛାତ୍ରୀ। ଛାତ୍ରୀ ଜଣକ ଯୁକ୍ତ ତିନିର ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ। ଏଭଳି ଲଜ୍ଜାକର ଘଟଣାକୁ ନେଇ ଜିଲ୍ଲା ସାରା ଚର୍ଚ୍ଚା ଯୋର ଧରିଛି ।

ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପାଇଖାନା ଭିତରେ ମୃତଛୁଆ ଜନ୍ମ କରିଛନ୍ତି ଯୁକ୍ତ ତିନି ଛାତ୍ରୀ। ଛାତ୍ରୀଜଣକ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବାବେଳେ ତାଙ୍କ ଘର କନ୍ଧମାଳ ଜିଲ୍ଲା ରାଇକିଆ ଅଞ୍ଚଳରେ ବୋଲି ଜଣାପଡିଛି। ପ୍ରସବ କରିଥିବା ଛାତ୍ରୀଜଣକ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ହୋଇଥିବାବେଳେ ଛାତ୍ରୀନିବାସରେ ୨ବର୍ଷ ହେଲା ରହୁଛନ୍ତି। ଆଜି ସକାଳୁ ଛାତ୍ରୀ ଜଣଙ୍କର ପେଟ କାଟିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ଛାତ୍ରୀଜଣକ ପରିତ୍ରା କରିବାକୁ ଯାଇ ଶୌଚାଳୟ ଭିତରେ ଏକ ମୃତ ଛୁଆକୁ ଜନ୍ମ ଦେଇଥିଲେ । ବର୍ତ୍ତମାନ ଛାତ୍ରୀଜଣକ ମେଡିକାଲର

ମାତୃଶିଶୁ ବିଭାଗରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଅବସ୍ଥା ଭଲ ଥିବା ଡାକ୍ତର କହିଛନ୍ତି । ସେପଟେ ଛାତ୍ରୀଜଣକ ପୂର୍ବରୁ ଗର୍ଭବତୀ ଥିବା ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷ କିଛି ଜାଣିନଥିବା ସୁପରିଣ୍ଟେଣ୍ଡେଣ୍ଟ ପ୍ରକାଶ କରିଛନ୍ତି । ହଷ୍ଟେଲକୁ କିଛି ଦିନ ବ୍ୟବଧାନରେ ଚେକ୍ ଅପ୍ ପାଇଁ ଡାକ୍ତର ଆସୁଥିଲେ ମଧ୍ୟ ଘଟଣା ସମ୍ପର୍କରେ କିପରି କିଛି ଜଣାପଡିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ହଷ୍ଟେଲ୍ କର୍ତ୍ତୁପକ୍ଷ ଛାତ୍ରୀଙ୍କର ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିବା ସେ କହିଛନ୍ତି । ଏଭଳି ଜଘନ୍ୟ ଘଟଣାର ପ୍ରକୃତ ତଦନ୍ତ ହେଲେ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିବ । ଏବଂ ଛାତ୍ରୀ ଜଣଙ୍କୁ ନ୍ୟାୟ ମିଳିବ ବୋଲି ଆଲୋଚନା ହେଉଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପରିବାର ଲୋକ କିମ୍ବା ହଷ୍ଟେଲ ପକ୍ଷରୁ କୌଣସି ଅଭିଯୋଗ ହୋଇନଥିବା ନେଇ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି ।

ରାସ୍ତା ଅବରୋଧ କଲେ ଚାଷୀ

ରାଇଘର, ୨୦।୩ (ସଂଚାର ବ୍ୟୁରୋ): ଲୋଭଲ୍ଟେଜ ସମସ୍ୟା ଯୋଗୁଁ ରାଇଘର ଉମରକୋଟ ରାସ୍ତା ଅବରୋଧ କଲେ ଶତାଧିକ ଚାଷୀ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ସରଗୁଲି ନର୍ସରୀ ଛକ ଠାରେ ଚାଷୀମାନେ ଜଳ ସେଚନ ଅଭାବ ଯୋଗୁଁ ଶୁଖିଲା ପଡି ଯାଇଥିବା ମକା ଗଛ ନେଇ ରାସ୍ତା ଅବରୋଧ କରିଛନ୍ତି। ସୂଚନା ଅନୁଯାଇ ରାଇଘର ବ୍ଲକର ବିଭିନ୍ନ ପଂଚାୟତର ଗ୍ରାମ ଗୁଡିକରେ କିଛି ଦିନ ହେବ ଲୋ ଭୋଲ୍ଟେଜ ଅଘୋଷିତ ବିଦ୍ୟୁତ କାଟ ସମସ୍ୟା ଲାଗି ରହୁଥିବାରୁ ଚାଷ କରିଥିବା ଫସଲରେ ପାଣି ନ ଦେଇପାରିବାରୁ ଖରାରେ ଚାଷ ପୋଡି ନଷ୍ଟ ହେବାକୁ ଲାଗିଲାଣି ଯାହାଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଫଳରେ ସରଗୁଲି ଆଦିବାସୀ ଏବଂ ସରଗୁଲି ଡିଏନ୍‌କେ ଗ୍ରାମର ଶତାଧିକ ଚାଷୀ ରାସ୍ତା ଅବରୋଧ କରି ଆନ୍ଦୋଳନରେ ବସିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକ ରହିଛି। ଘଟଣାସ୍ଥଳରେ ବିଦ୍ୟୁତ ବିଭାଗର କର୍ମଚାରୀ ପହଂଚି ନାହାନ୍ତି। ଯେତେବେଳେ ପର୍ଯ୍ୟନ୍ତ ସମସ୍ୟାର ସାମଧାନ ହୋଇ ନାହିଁ ସେତେବେଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଚିଲିକା ଗସ୍ତ ପୂର୍ବରୁ ମନ୍ତ୍ରୀ ଓ ସାଂସଦଙ୍କ କ୍ଷେତ୍ର ପରିଦର୍ଶନ

ଖୋର୍ଦ୍ଧା, ୨୦।୩ (ସଂଚାର ବ୍ୟୁରୋ) : ରାଜ୍ୟ ସରକାରଙ୍କ ତରଫରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତି ଗ୍ରାମ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ସମୁଦାୟ ୬,୭୯୪ ଟି ବିଦ୍ୟାଳୟ ନିର୍ମାଣ ହେବାର ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ଠାରେ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ" ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ କରାଯିବ।

ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ର ଗୁରୁବାର ଦିନ ଉକ୍ତ ବିଦ୍ୟାଳୟର କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥା ପାଇଁ ସ୍ଥାନ ନିରୂପଣ କରିବା ସହ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲାପାଳ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବାଣପୁରର ମଣ୍ଡଳ ଶିକ୍ଷା ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଡକାୟତ ଗ୍ୟାଙ୍ଗକୁ ଧରିଲା ଇଟାମାଟି ପୁଲିସ
ପିସ୍ତଲ, ଗୁଳି, ଭୁଜାଲି ଓ ଲଙ୍କାଗୁଣ୍ଡ ଜବତ, ୪ ଗିରଫ

ନୟାଗଡ଼, ୨୦।୩ (ସଂଚାର ବ୍ୟୁରୋ) : ନୟାଗଡ଼ ଜିଲ୍ଲା ଇଟାମାଟି ପୁଲିସ ଡକାୟତୀ ଯୋଜନା କରୁଥିବା ଏକ ଗ୍ୟାଙ୍କ ଉପରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଏକ ପିସ୍ତଲ, ୪ ଟି ଜୀବନ୍ତ ଗୁଳି, ଭୁଜାଲି ଓ ଲଙ୍କାଗୁଣ୍ଡ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରଣପୁର ଥାନା ଡମସାହି ଗ୍ରାମର ଭାସ୍କର ରେଡି, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଥାନା କୁହୁଡ଼ିର ପ୍ରଦୀପ ଶିକାରୀ, ଜଙ୍କିଆ ଥାନା ଛଣଗିରି ଗ୍ରାମର ଟୁକୁନା ରେଡି, ନିରାକାରପୁର ଥାନା ଖଜୁରିପଦା ଗ୍ରାମର ମୁକତାର୍ ଅଲ୍ଲୀ ଶାହା ।

ଗତକାଲି ବିଳମ୍ବିତ ରାତିରେ ଇଟାମାଟି ପୁଲିସ ନୋତର ଓ ଶଙ୍ଖେଇ ଅଞ୍ଚଳରେ ପ୍ରେଟୋଲିଂ କରୁଥିବା ସମୟରେ ୯ରୁ ୧୦ ଜଣ ବ୍ୟକ୍ତି ଶଙ୍ଖେଇ ହାଇସ୍କୁଲ ନିକଟରେ ଏକାଠି ହୋଇଥିବା ଖବର ପାଇ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ୪ ଜଣ ବ୍ୟକ୍ତିଙ୍କୁ ସେ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ୫ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି। ଫେରାର ଅଭିଯୁକ୍ତମାନେ ହେଲେ ନିରାକାରପୁରର ରାଜୁ ପ୍ରଧାନ, ଶରଣକୁଳ ଥାନା ସାନଖୁଣ୍ଟୁଣି ଗ୍ରାମର ସ୍ୱାଧିନ ପ୍ରଧାନ, ଜଙ୍କିଆ ଥାନା ଛଣ

ସଂଚାର THE SANCHAR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏମ୍‌ଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଓ ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆନିମଲ୍ ଆଡପ୍ଟନ୍ ପାଇଁ ୧ କୋଟି ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

୨୨ରେ ଡା. ଦେବେନ୍ଦ୍ର ପ୍ରଧାନଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ରାଜ୍ୟ ସଭାପତିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ବିଶିଷ୍ଟ ରାଜନେତା, ବିଜେପିର ପୂର୍ବତନ ରାଜ୍ୟ ସଭାପତି, ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ଗତ ୧୭ ତାରିଖରେ ୮୩ ବର୍ଷ ବୟସରେ ଦିଲ୍ଲୀଠାରେ ପରଲୋକ ହୋଇଛି। ଏହି ଅନୁସାରେ ଆସନ୍ତା ୨୨ ତାରିଖ ସଂଧ୍ୟା ୫ଟାରେ ଡା. ପ୍ରଧାନଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଓଁୟୁଏଟି ପରିସରସ୍ଥ 'କୃଷି ଶିକ୍ଷା ସଦନ'ଠାରେ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ଏହାଛଡ଼ା ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ, ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବେ। ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ, ଆପ୍ ଆଦି ଦଳର ବରିଷ୍ଠ ଓ ପ୍ରମୁଖ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ, ଧାର୍ମିକ ସଂଗଠନ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ସାମ୍ବାଦିକ, ଡାକ୍ତର, ଅଧିବକ୍ତାମାନେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବେ। ଏଥିସକାଶେ ଆଜି ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସାଧାରଣ ସମ୍ପାଦକ ଶାରଦା ଶତପଥୀ ଓ ଡ. ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ସୁଦୀପ୍ତ ରାୟ, ଅନୀଲ ବିଶ୍ୱାଳ, ବରିଷ୍ଠ ନେତା ଅଶୋକ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ୍, ସାଂସ୍କୃତିକ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପିଙ୍କି ପ୍ରଧାନ, ହିତେଶ ମହାପାତ୍ର ଉପସ୍ଥିତ ଥିଲେ। ଏହି ସଭାରେ ସମସ୍ତ କାର୍ଯ୍ୟକର୍ତ୍ତା ତଥା ଶୁଭେଚ୍ଛୁ ଉପସ୍ଥିତ ରହି ସ୍ୱର୍ଗତଃ ଡା. ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ନିବେଦନ କରିଛନ୍ତି।

● ଏଥର ବିଏଡ୍/ଏମ୍‌ଏଡ୍/ବିଏଡ୍‌ଏଡ୍‌ରେ ସଅଳ ନାମଲେଖା

ଦୁଇବର୍ଷିଆ ପାଠ୍ୟକ୍ରମ ପାଇଁ ୨୪ରୁ ଆବେଦନ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଆଗାମୀ ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଦୁଇବର୍ଷିଆ ବିଏଡ୍/ଏମ୍‌ଏଡ୍/ବିଏଡ୍‌ଏଡ୍ ପାଠ୍ୟକ୍ରମରେ ନାମଲେଖା ପ୍ରକିୟା ଶୀଘ୍ର ଆରମ୍ଭ କରିବା ସକାଶେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକିୟାକୁ ଶୀଘ୍ର ଆରମ୍ଭ କରିବା ସକାଶେ ଉଚ୍ଚଶିକ୍ଷା ବିଭାଗ ଆସନ୍ତା ୨୪ ତାରିଖରୁ ସିଏଏଫ୍ (କମନ୍ ଆପ୍ଲିକେସନ୍ ଫର୍ମ) ପୂରଣ ପ୍ରକିୟା ଆରମ୍ଭ ହେବ। ବିଗତ ବର୍ଷ ଭଳି ଆଗାମୀ ଶିକ୍ଷାବର୍ଷ ପାଇଁ ମଧ୍ୟ ଦୁଇବର୍ଷିଆ ବିଏଡ୍/ଏମ୍‌ଏଡ୍/ବିଏଡ୍‌ଏଡ୍ ପାଠ୍ୟକ୍ରମରେ ନାମଲେଖା ଓ ଚୟନ ପ୍ରକିୟା ଏଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷାର ମାର୍କ ଆଧାରରେ ହିଁ କରାଯିବ। ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ୍ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଏଥିସହ ଆଗାମୀ ଶିକ୍ଷାବର୍ଷରେ ଦୁଇବର୍ଷିଆ ବିଏଡ୍/ଏମ୍‌ଏଡ୍/ବିଏଡ୍‌ଏଡ୍ ପାଠ୍ୟକ୍ରମକୁ ଆସନ୍ତା ୨୪ ଜୁଲାଇ ସୁଦ୍ଧା ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ସଠିକ ସମୟରେ ପାଠ୍ୟକ୍ରମ ଆରମ୍ଭ ହୋଇ ଧାର୍ଯ୍ୟ ସମୟରେ ପରୀକ୍ଷା ଆୟୋଜନ ପୂର୍ବକ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

ମୋବାଇଲ ଟାୱାରକୁ ଓହଳି ଯୁବକଙ୍କ ଆତ୍ମହତ୍ୟା

ସଇଁତଲା,୨୦।୩ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲା ସଇଁତଲା ଥାନା ଅଧୀନ କଅଁସର ଗ୍ରାମରେ ଗୁରୁବାର ଏକ ଅଘଟଣ ଘଟିଛି। ଜଣେ ଯୁବକ ମୋବାଇଲ ଟାୱାରରେ ଚଢ଼ି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ସେ ହେଲେ କଅଁସର ଗ୍ରାମର କୁଞ୍ଜବିହାରୀ ରଣା। ସଇଁତଲା ପୁଲିସ ଏସ୍‌ଆଇ ଆଲୋକ ଭୋଇ ଦେଇଥିବା ସୂଚନାନୁସାରେ, କୁଞ୍ଜବିହାରୀ ଗୁରୁବାର ନିଶାସକ୍ତ ଅବସ୍ଥାରେ ଗାଁ ନିକଟରେ ଥିବା ଏକ ମୋବାଇଲ ଟାୱାର୍ ଉପରକୁ ଚଢ଼ିଯାଇଥିଲେ। ଗ୍ରାମବାସୀ ଏହା ଦେଖି ତାଙ୍କୁ ଟାୱାରରୁ ତଳକୁ ଓହ୍ଲାଇ ଆସିବାକୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ସେ ଗ୍ରାମବାସୀଙ୍କ କଥାକୁ ଖାତିର କରି ନ ଥିଲେ ଓ ଶେଷରେ ଧରିଥିବା ଏକ ଗାମୁଛାରେ ଦଉଡ଼ି ଲଗାଇ ତଳକୁ ଝୁଲିପଡ଼ିଥିଲେ। ଏନେଇ ତୁରନ୍ତ ଗ୍ରାମବାସୀ ସଇଁତଲା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ସଇଁତଲା ପୁଲିସ, ଅଗ୍ନିଶମ ବିଭାଗ ଏବଂ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ସଇଁତଲା ଅଗ୍ନିଶମ କର୍ମଚାରୀ କୁଞ୍ଜବିହାରୀଙ୍କୁ ତଳକୁ ଆଣି ତୁରନ୍ତ ସଇଁତଲା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଇଁତଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ପଖାଳ ଦିବସ ପାଳିଲେ ଉପମୁଖ୍ୟମନ୍ତ୍ରୀ

ବିଶ୍ୱର ଯେଉଁ କୋଣେ ଓଡ଼ିଆ, ସେଠି ପହଞ୍ଚିଛି ପଖାଳ

ଭୁବନେଶ୍ୱର,୨୦।୩୯(ସଂଚାର ବ୍ୟୁରୋ): ବିଶ୍ୱରେ ଯେଉଁସବୁ ସ୍ଥାନରେ ଓଡ଼ିଶାର ଲୋକେ ବସବାସ କରୁଛନ୍ତି, ସେଠାରେ ପଖାଳ ପହଞ୍ଚିପାରିଛି। କାରଣ ଓଡ଼ିଆଙ୍କ ପାଇଁ ପଖାଳ ହେଉଛି ଜୀବନ ଧନ। ପଖାଳ ସହ ମା'ର ସ୍ନେହ ଓ ଭାବ ଯୋଡ଼ି ହୋଇ ରହିଛି। ବିଭିନ୍ନ ରୋଗ ଓ ବାର୍ଦ୍ଧକ୍ୟଜନିତ ସମସ୍ୟାର ଉପଶମ ଦିଗରେ ପଖାଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ବର୍ତ୍ତମାନର ଅତ୍ୟାଧୁନିକ ଜୀବନଶୈଳୀରେ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ଓ ସନ୍ତୁଳନ ରକ୍ଷା ନିମନ୍ତେ ପଖାଳ ଅତ୍ୟାବଶ୍ୟକ ହୋଇପଡ଼ିଛି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଆଜି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ସହଭାଗିତାରେ ଏଠାରେ ଆୟୋଜିତ ବିଶ୍ୱ ପଖାଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଛପନ ଭୋଗରେ ପଖାଳ ଓ ଟଙ୍କ ପାଣିର ମହତ୍ତ୍ୱ ରହିଛି। ଆମ ଅସ୍ମିତା ଆମ ସଂସ୍କୃତି ପଖାଳ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ଶ୍ରୀମତୀ ପରିଡ଼ା କହିବା ସହ ରାଜ୍ୟର ଯୁବପିଢ଼ି ପଖାଳର ଉପାଦେୟତାକୁ ବୁଝି ବ୍ଲଗ୍ ଓ ସୋସିଆଲ ମିଡିଆ ମାଧ୍ୟମରେ ପଖାଳ ଓ ଏଥିସହ ଜଡ଼ିତ ଓଡିଆ ସାହିତ୍ୟର ପ୍ରଚାର ପ୍ରସାର ସକାଶେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କହିଛନ୍ତି ଯେ ପଖାଳ ଆମ ପରିବେଶ ଅନୁକୂଳ ଖାଦ୍ୟ। କିନ୍ତୁ ଏବେ ଖାଦ୍ୟର ଟ୍ରେଣ୍ଡ ବଦଳିଯାଇଛି। ବଡ଼ ବଡ଼ ହୋଟେଲ ମଧ୍ୟ ପଖାଳ ନାଁରେ ନୂଆ ଖାଦ୍ୟ ଢାଞ୍ଚା ଆଣିଛନ୍ତି। ବିଶ୍ୱ ପଖାଳ ଦିବସ ପାଳନ ଦ୍ୱାରା ଆମେ ପଖାଳକୁ ବିଶ୍ୱର କୋଣେ ଅନୁକୋଣେ ପହଞ୍ଚାଇପାରିବା ବୋଲି ଶ୍ରୀ ସିଂ ଆଶା କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କଳିଙ୍ଗ ହସ୍ପିଟାଲରେ ମୁଖ୍ୟ ଡାଇଟିସିଆନ ଅଞ୍ଜନା ତ୍ରିପାଠୀ କହିଛନ୍ତି ଯେ ଖରାଦିନିଆ ଡାଏଟ୍‌ରେ ପଖାଳ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ପଖାଳରେ ପ୍ରାକୃତିକ ପ୍ରୋ- ବାୟୋଟିକ୍ସ ରହିଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ପଖାଳ ଖାଇଲେ ଆମକୁ ବାରମ୍ବାର ଭୋକ ଲାଗିନଥାଏ, ଯାହାଦ୍ୱାରା ଶରୀରରେ କ୍ୟାଲେରୀ ନିୟନ୍ତ୍ରିତ ହୋଇଥାଏ। କିନ୍ତୁ ପଖାଳ ସହ ଆମେ ତୈଳଯୁକ୍ତ ଖାଦ୍ୟକୁ ଏଡ଼ାଇବା ଉଚିତ। ପଖାଳ ସହ ଶାଗ ଭଜା, ଡାଲି ବରା, କାକୁଡି, ଲେମ୍ବୁ ଓ ଦହି ଖାଇବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ଓଡ଼ିଆ ଫୁଡ୍ ବ୍ଲଗର ଯୋଗଦେଇଥିବା ବେଳେ ଏହି ଓଡ଼ିଆ ଖାଦ୍ୟକୁ ଇଣ୍ଟରନେଟ ଜରିଆରେ ଦେଶ ବିଦେଶରେ ପହଞ୍ଚାଇପାରିଥିବା ୬ ଜଣ ପ୍ରମୁଖ ବ୍ଲଗର୍‌ଙ୍କୁ ସେମାନଙ୍କ ଏହି ପଦକ୍ଷେପ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ସେନୋରିଟା ଦାସ, ଅଙ୍କିତା ତ୍ରିପାଠୀ, ମେହେକ ମହାପାତ୍ର, ସାନ ଶେଖ, ଆୟୁଷ କୁମାର ଓ ଆଲୋକ ପ୍ରସାଦ ମହାପାତ୍ର। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ବଲୱନ୍ତ ସିଂ ସ୍ୱାଗତ ଭାଷଣରେ ପଖାଳ ଆମ ଓଡ଼ିଆ ଖାଦ୍ୟର ଏକ ଅନନ୍ୟ ଉତ୍ସବ ବୋଲି କହିବା ସହ ଆସନ୍ତା ସପ୍ତାହରେ ସୋନି ଟିଭିରେ ପ୍ରସାରିତ ହେଉଥିବା 'ମାଷ୍ଟର ଶେଫ୍' କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଓଡ଼ିଶା ବ୍ୟଞ୍ଜନ ଉପରେ ଆଧାରିତ ହେବ ବୋଲି ସୂଚନା ଦେଇଛନ୍ତି। ପରିଶେଷରେ ପର୍ଯ୍ୟଟନ ନିର୍ଦ୍ଦେଶିକା ମାନସୀ ନିମ୍ୱାଲ୍ ଧନ୍ୟବାଦ ଦେଇଥିଲେ।

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଦିଲ୍ଲୀପ ରାୟ

● ରଖିଲେ ୩ ପ୍ରମୁଖ ଦାବି

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଆଜି ନୂଆଦିଲ୍ଲୀଠାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ରାଉରକେଲାର ପୂର୍ବତନ ବିଧାୟକ ଦିଲ୍ଲୀପ ରାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ଅବସରରେ ଶ୍ରୀ ରାୟ ୩ଟି ପ୍ରମୁଖ ଦାବି ଉପସ୍ଥାପନ କରିଛନ୍ତି। ଏହି ତିନିଟି ଦାବି ହେଉଛି ରାଉରକେଲାରେ ରେଳବାଇ ଡିଭିଜନ, ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ ଓ ବିମାନବନ୍ଦରର ଉନ୍ନତିକରଣ ଓ ସମ୍ପ୍ରସାରଣ। ଏ ସଂକ୍ରାନ୍ତରେ ଶ୍ରୀ ରାୟ ପ୍ରଧାନମନ୍ତ୍ରୀଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି। ତାଙ୍କ ଦାବିରେ ଶ୍ରୀ ରାୟ ଦର୍ଶାଇଛନ୍ତି ଯେ ରାଉରକେଲା ଓ ଏହାର ଆଖପାଖ ଜିଲ୍ଲାଗୁଡ଼ିକ ରେଳବାଇକୁ ବେଶ୍ ମୋଟା ଅଙ୍କର ରାଜସ୍ୱ ଦେଉଛନ୍ତି। କିନ୍ତୁ ଉକ୍ତ ଅଞ୍ଚଳରେ ରେଳବାଇର ଉତ୍ତମ ଭିତ୍ତିଭୂମି ଓ ଅପେକ୍ଷାକୃତ ଉଚ୍ଚ ମାନର ଯାତ୍ରୀସେବା ମିଳୁନାହିଁ। ତେଣୁ ପୂର୍ବତଟ ରେଳବାଇ ଅଧୀନରେ ରାଉରକେଲାରେ ଏକ ନୂଆ ରେଳବାଇ ଡିଭିଜନ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ରାୟ ଦର୍ଶାଇଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ୩୦ ହଜାର କୋଟି ଟଙ୍କା ବ୍ୟୟରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ଠପ୍ ହୋଇଯାଇଛି। ଏ ଦିଗରେ ପଦକ୍ଷେପ ସ୍ୱରୂପ ଭାରତୀୟ ଷ୍ଟିଲ୍ ପ୍ରାଧିକରଣ ଲିମିଟେଡ୍ (ସେଲ୍) ଅଧୀନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ତ୍ୱରିତ ସମ୍ପ୍ରସାରଣ କରାଯିବାକୁ ଶ୍ରୀ ରାୟ ଦାବି କରିଛନ୍ତି। ଏହାଛଡ଼ା ଶିଳ୍ପ, ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ରାଉରକେଲାରେ ଅନେକ ସମ୍ଭାବନା ରହିଛି। ରାଉରକେଲାରେ ବିମାନବନ୍ଦରଟିଏ ମଧ୍ୟ ନିର୍ମାଣ କରାଯାଇଛି। କିନ୍ତୁ ଅଦ୍ୟାବଧି ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇନାହିଁ। ତେଣୁ ରାଉରକେଲା ବିମାବନ୍ଦରର ବିଧିବଦ୍ଧ ଉନ୍ନତିକରଣ ସହ ଏହାର ସମ୍ପ୍ରାସାରଣ ପୂର୍ବକ ଏହାକୁ ୪ସି କାଟାଗୋରୀର ସାମିଲ୍ କରିବା ସକାଶେ ଶ୍ରୀ ରାୟ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପରେ ଖୁବ୍‌ଶୀଘ୍ର କେନ୍ଦ୍ର ସରକାର ରାଉରକେଲାର ବିକାଶ ଦିଗରେ ପଦକ୍ଷେପ ନେବେ ବୋଲି ଶ୍ରୀ ରାୟ ଆଶା ପ୍ରକାଶ କରିଛନ୍ତି।

ପୁଲିସ୍ ଅଧିକାରୀଙ୍କ ଘରେ ବେଆଇନ ବାଣ ଗୋଦାମ ଠାବ

ବିପୁଳ ପରିମାଣର ବାଣ ଓ ବାରୁଦ ଜବତ

ପୁରୀ,୨୦।୩(ସଂଚାର ବ୍ୟୁରୋ): ରକ୍ଷକ ଏଠାରେ ସାଜିଛି ଭକ୍ଷକ। କୌଣସି ସ୍ଥାନରେ କିଛି ବି ବେଆଇନ କାର୍ଯ୍ୟକଳାପ ରୋକିବା ସକାଶେ ପୁଲିସ୍ ବିଭାଗକୁ ଦାୟିତ୍ୱ ମିଳିଥିଲେ ହେଁ ଜିଲ୍ଲାରେ ଜନୈକ ପୁଲିସ୍ ଅଧିକାରୀଙ୍କ ଭଡ଼ାଘରେ ବେଆଇନ ବାଣ ଗୋଦାମ ଚାଲିଥିବା ଜଣାପଡ଼ିଛି। ଦୀର୍ଘ ୨ ବର୍ଷ ହେବ ଏହି ବାଣ ଗୋଦାମ ଚାଲିଥିଲେ ହେଁ ଏ ସମ୍ପର୍କରେ କେହି କିଛି ବି ଜାଣିପାରନଥିଲେ। ପୁରୀ କୁମ୍ଭାରପଡ଼ା ବାଡ଼ା ସାହି କନକଦୁର୍ଗା ଲେନ୍‌ରେ ଅବସରପ୍ରାପ୍ତ ପୁଲିସ ଡିଏସପି ସ୍ୱର୍ଗତଃ ଚକ୍ରଧର ମହାପାତ୍ରଙ୍କ ଘରେ ଦୁଇ ବର୍ଷ ହେବ ପୂଜା ସାମଗ୍ରୀ ଗୋଦାମ ନାଁରେ ଏହି ବେଆଇନ ବାଣ ଗୋଦାମ ଚାଲିଥିଲା। ଆଜି ସେଠାରେ ସ୍ଥାନୀୟ ପୁଲିସ୍ ଚଢ଼ାଉ କରିବା ସହ ବିପୁଳ ପରିମାଣର ବାଣ, ବାରୁଦ, ବାଣ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି। ଉକ୍ତ ଘରଟିକୁ ସ୍ୱର୍ଗତଃ ମହାପାତ୍ରଙ୍କ ପୁଅ ସନ୍ତୋଷ ଭଡା ସୂତ୍ରରେ ଦେଇଥିଲେ। ସେଠାରେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବା ନେଇ ପୁଲିସ୍ ସୂଚନା ପାଇବା ପରେ ଆଜି ଚଢ଼ାଉ କରିବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ସ୍ପ୍ରେ କରାଯାଇ ଜବତ ବାଣଗୁଡ଼ିକୁ ନଷ୍ଟ କରାଯାଇଛି। ତେବେ କୁମ୍ଭାରପଡ଼ା ଏକ ଘନ ଜନବସତିପୂର୍ଣ୍ଣ ଅଞ୍ଚଳ ହୋଇଥିଲେ ମଧ୍ୟ ସେଠାକାର କୌଣସି ଲୋକ କିପରି ଭାବେ ଏତେ ବଡ଼ ବାଣଗୋଦାମ ଚାଲୁଥିବା ନେଇ କିପରି କିଛି ବି ଜାଣିପାରିନଥିଲେ, ତା' ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଉକ୍ତ ଘରଟିକୁ ଲେଙ୍କା ସାହିର ଅଜିତ ସେନାପତି ନାମକ ବ୍ୟକ୍ତି ଦୀର୍ଘ ୨ ବର୍ଷ ହେବ ଭଡ଼ା ସୂତ୍ରରେ ନେଇ ଏହି କାରବାର କରୁଥିଲେ। ଉକ୍ତ ଘରଟି ପୂଜା ସାମଗ୍ରୀ ଗୋଦାମ ବୋଲି ସମସ୍ତଙ୍କୁ କୁହାଯାଉଥିଲେ ହେଁ ଏବେ ପୁଲିସ୍‌ର ଚଢ଼ାଉ ପରେ ଶ୍ରୀ ସେନାପତିଙ୍କ ଅସଲ କାରବାର ଉପରୁ ପରଦା ହଟିଛି। ଚଢ଼ାଉ ପରେ ପୁଲିସ୍ ତାଙ୍କୁ ଅଟକ ରଖିଛି। ଆଇନ ଅନୁଯାୟୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଘର ମାଲିକ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବେ ବୋଲି ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ ଚଢ଼ାଉ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେବା ସମୟରେ କହିଛନ୍ତି। ବିଶେଷକରି ଶ୍ରୀକ୍ଷେତ୍ର ଭଉଁରୀ ଦିନ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ କୁମ୍ଭାରପଡ଼ା ପରି ଏକ ଜନବସତି ଅଞ୍ଚଳରେ ଭଡ଼ାଘରେ କିଭଳି ବାଣ ଗୋଦାମ ଚାଲିଥିଲା, ତାହା ସମସ୍ତଙ୍କ ମନରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଚଢ଼ାଉ ପରେ ଆଜି ପ୍ରଶାସନ ପକ୍

ଲଞ୍ଚ ହେଲା ଇଲେକ୍ଟ୍ରିକ୍ ସ୍କୁଟର ଟେସେରାକ୍ଟ

୧୪ ଦିନରେ ୫୦୦୦୦ ବୁକିଂ ସରିଲାଣି

ନୂଆଦିଲ୍ଲୀ, ୨୦।୩: ଇଲେକ୍ଟ୍ରିକ ସ୍କୁଟର ନିର୍ମାତା ଅଲଟ୍ରାଭାୟୋଲେଟର ନୂତନ ଇଲେକ୍ଟ୍ରିକ୍ ସ୍କୁଟର ଟେସେରାକ୍ଟ ଲଞ୍ଚ ହେବା ମାତ୍ରେ ବଜାରରେ ଝଡ଼ ସୃଷ୍ଟି କରିଛି। ବିଶେଷ କଥା ହେଉଛି ଏହା ଲଞ୍ଚ ହେବାର ମାତ୍ର ୧୪ ଦିନ ମଧ୍ୟରେ ୫୦୦୦୦ ବୁକିଂ ପାଇଛି। ଲୋକଙ୍କ ମଧ୍ୟରେ ଏହି ସ୍କୁଟର ପାଇଁ ଏକ ପ୍ରବଳ କ୍ରେଜ୍ ରହିଛି। ଏହା ଏକ ଉନ୍ନତ ସ୍କୁଟର ଯେଉଁଥିରେ ଅନେକ ଆଶ୍ଚର୍ଯ୍ୟଜନକ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ, ଏହା ଲଞ୍ଚ ହେବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ୨୦୦୦୦ ବୁକିଂ ପାଇଥିଲା। ଟେସେରାକ୍ଟ ଇଲେକ୍ଟ୍ରିକ୍ ସ୍କୁଟରର ମୂଲ୍ୟ ମାତ୍ର ୧.୨୦ ଲକ୍ଷ ଟଙ୍କା (ପ୍ରାରମ୍ଭିକ ମୂଲ୍ୟ) ରଖାଯାଇଛି ଯାହା ପ୍ରଥମ ୫୦,୦୦୦ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ପ୍ରଥମ ୫୦ ହଜାର ବୁକିଂ ପାଇଁ ଏହି ସ୍କୁଟରର ଏକ୍ସ-ସୋରୁମ୍ ମୂଲ୍ୟ ୧.୨୦ ଲକ୍ଷ ଟଙ୍କା ରଖାଯାଇଥିଲା ଏବଂ ଏହା ପରେ ଏହାର ଏକ୍ସ-ସୋରୁମ୍ ମୂଲ୍ୟ ୧.୪୫ ଲକ୍ଷ ଟଙ୍କାରୁ ଆରମ୍ଭ ହେବ। ଏବେ ଦେଖିବାକୁ ବାକି ରହିଲା ଯେ କମ୍ପାନୀ ଏହାର ମୂଲ୍ୟ ସମ୍ପର୍କରେ କି ପଦକ୍ଷେପ ନେଉଛି। ଅଲଟ୍ରାଭାୟୋଲେଟ୍ ଟେସେରାକ୍ଟକୁ ପୂର୍ଣ୍ଣ ଚାର୍ଜରେ ୨୬୧ କିଲୋମିଟର ପର୍ଯ୍ୟନ୍ତ ଚଳାଇହେବ। ଏଥିରେ ୨୦ଏଚପି ଶକ୍ତି ପ୍ରଦାନ କରିବା ପାଇଁ ଏକ ବୈଦ୍ୟୁତିକ ମୋଟର ଲଗାଯାଇଛି। ଏହି ସ୍କୁଟରଟି ମାତ୍ର ୨.୯ ସେକେଣ୍ଡରେ ୦ ରୁ ୬୦ କିଲୋମିଟର ଘଣ୍ଟା ବେଗରେ ଗତି କରିପାରିବ ଏବଂ ଏହାର ସର୍ବାଧିକ ଗତି ଘଣ୍ଟା ପ୍ରତି ୧୨୫

କିଲୋମିଟର । କମ୍ପାନୀ ଦାବି କରିଛି ଯେ ଏହି ସ୍କୁଟରଟି ୧୦୦ ଟଙ୍କାରେ ୫୦୦ କିଲୋମିଟର ଚାଲିବ। ନୂତନ ଟେସେରାକ୍ଟ ଇଲେକ୍ଟ୍ରିକ୍ ସ୍କୁଟର ବଜାଜ ଚେତକ, ଟିଭିଏସ ଏବଂ ଓଲାକୁ କଡା ଟକ୍କର ଦେଇପାରେ।

ଏହି ଅଲ୍ଟ୍ରାଭାୟୋଲେଟ୍ ଟେସେରାକ୍ଟ ଇଲେକ୍ଟ୍ରିକ୍ ସ୍କୁଟରରେ ସମନ୍ୱିତ ରାଡାର ଏବଂ ଡ୍ୟାସକ୍ୟାମ୍ ରହିଛି ଯାହା ଏହାକୁ ଆହୁରି ସ୍ୱତନ୍ତ୍ର କରିଥାଏ। ଏହି ନୂତନ ଇଲେକ୍ଟ୍ରିକ୍ ସ୍କୁଟର ଟେସେରାକ୍ଟ ମଧ୍ୟ ଫାଇଟର ଜେଟ୍ ଦ୍ୱାରା ଅନୁପ୍ରାଣିତ ହୋଇ ଡିଜାଇନ୍ କରାଯାଇଛି। ଅଲଟ୍ରାଭାୟୋଲେଟର ସିଇଓ ଏବଂ ସହ-ପ୍ରତିଷ୍ଠାତା ନାରାୟଣ ସୁବ୍ରମଣ୍ୟମ କହିଛନ୍ତି, "ଟେସେରାକ୍ଟ ପାଇଥିବା ପ୍ରତିକ୍ରିୟାରେ ଆମେ ବହୁତ ଖୁସି।

ଆଜିର ସୁନା ଦର

ଉପର ମୁହାଁ ସୁନା ଦର। ଦିନକୁ ଦିନ ନୂଆ ରେକର୍ଡ କରି ଚାଲିଛି ସୁନା। ବର୍ତ୍ତମାନ ଲକ୍ଷେ ମୁହାଁଇଲାଣି ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧ୍ୟରେ ହୁ ହୁ ହୋଇ ବଢିଚାଲିଛି ଦର। ଗୋଲ୍ଡ କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରିବାକୁ ପଡୁଛି। ଆଜି ପୁଣି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ୯୦ ହଜାର ଛୁଇଁଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୦ ହଜାର ୬୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୩ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ହଜାର ୬୬୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୩, ୧୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୩,୧୦୦ ଟଙ୍କା ଓ ୯୦,୬୬୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୩, ୨୫୦ ଟଙ୍କା ଓ ୯୦, ୮୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୩,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୦, ୬୬୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୩,୧୦୦ ଓ ୯୦,୬୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୫,୧୦୦ ଟଙ୍କା ହୋଇଛି।

ଭାରତରେ ଲଞ୍ଚ ହେଲା ଗୁଗୁଲ୍ ପିକ୍ସେଲ ୯ଏ

ନୂଆଦିଲ୍ଲୀ,୨୦।୩: ଗୁଗୁଲ ଭାରତରେ ଏହାର ନୂତନ ପିକ୍ସେଲ ଫୋନ୍ ଗୁଗୁଲ୍ ପିକ୍ସେଲ୍ ୯ଏ ଲଞ୍ଚ କରିଛି। ଏହି ଫୋନ୍‌ଟି ସୁଲଭ ଫୋନ ବର୍ଗରେ ପ୍ରଚଳନ କରାଯାଇଛି। ଏହି ଫୋନରେ ପିକ୍ସେଲ୍ ୯ଏ ସିରିଜ ପରି ସମାନ ଚିପସେଟ୍ ଉପଲବ୍ଧ। ଏହା ବ୍ୟତୀତ ଫୋନରେ ଏକ ୪୮ଏମପି ପ୍ରାଥମିକ ପଛ କ୍ୟାମେରା ଏବଂ ଏକ ବଡ଼ ୫୧୦୦ଏମଏଏଚ ବ୍ୟାଟେରୀ ଅଛି। ଏହି ଫୋନର ସବୁଠାରୁ ଖାସ କଥା ହେଉଛି ଯେ କମ୍ପାନୀ ଏଥିରେ ୭ ବର୍ଷର ଅପଡେଟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ଗୁଗୁଲ୍ ପିକ୍ସେଲ୍ ୯ଏ ଚାରୋଟି ଆକର୍ଷଣୀୟ ରଙ୍ଗ ବିକଳ୍ପରେ ଉପଲବ୍ଧ। ଏଥିରେ ରହିଛି ୨୫୬ଜିବି ଷ୍ଟୋରେଜ ଭାରିଆଣ୍ଟ ଏବଂ ଏହାର ମୂଲ୍ୟ ୪୯,୯୯୯ ଟଙ୍କା। ଏହି ଫୋନ ଏପ୍ରିଲ ମାସରୁ କିଣା ପାଇଁ ଉପଲବ୍ଧ ହେବ। ପିକ୍ସେଲ ୯ଏରେ ଏକ ବଡ଼ ୬.୩-ଇଞ୍ଚ ଡିସପ୍ଲେ ଅଛି, ଯାହା ୧୨୦ଏଚଜେଡ୍ ରିଫ୍ରେସ ରେଟ ଏବଂ ୨୭୦୦ ନିଟସ୍ ପର୍ଯ୍ୟନ୍ତ ସର୍ବାଧିକ ଉଜ୍ଜ୍ୱଳତା ସହିତ ଆସିଥାଏ। ଏହି ସ୍ମାର୍ଟଫୋନ୍‌ଟି ଗୁଗୁଲ ଟେନସର ଜି୪ ଚିପସେଟ ଦ୍ୱାରା ପରିଚାଳିତ। ପିକ୍ସେଲ୍ ୯ଏରେ ଆଣ୍ଡ୍ରଏଡ ୧୫ ରହିଛି ଏବଂ କମ୍ପାନୀ ଏହା ସହିତ ୭ ବର୍ଷର ଓଏସ ଅପଡେଟ ଏବଂ ପିକ୍ସେଲ ଡ୍ରପ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି।

ନୂତନ ଗୁଗୁଲ ପିକ୍ସେଲ ଫୋନରେ ୪୮ଏମପି ମୁଖ୍ୟ କ୍ୟାମେରା ଏବଂ ୧୩ଏମପି ଅଲଟ୍ରାୱାଇଡ ଲେନ୍ସ ସହିତ ଡୁଆଲ କ୍ୟାମେରା ସେଟଅପ ରହିଛି। ସାମ୍ନାରେ, ସେଲଫି ଏବଂ ଭିଡିଓ କଲ ପାଇଁ ଏକ ୧୩ଏମପି ଫ୍ରଣ୍ଟ କ୍ୟାମେରା ଅଛି। ଏହି ଫୋନଟି ୫୧୦୦ଏମଏଏଚ ବ୍ୟାଟେରୀ ଏବଂ ୩୩ଡବ୍ଲ୍ୟୁ ତାରଯୁକ୍ତ ଚାର୍ଜିଂ ସପୋର୍ଟ ସହିତ ଆସିଥାଏ।

ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍‌କୁ ନାଲ୍‌କୋର ଆର୍ଥିକ ସହାୟତା

ଜିଲ୍ଲାପାଳଙ୍କୁ ୧୦.୧୦ କୋଟି ଟଙ୍କାର ଚେକ୍ ହସ୍ତାନ୍ତର

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ର ସିଏସଆର କାର୍ଯ୍ୟକ୍ରମ ଅଂଶବିଶେଷ ଓ ନିରନ୍ତର ବିକାଶ ପ୍ରତି ପ୍ରତିବଦ୍ଧତାର ଅଂଶସ୍ୱରୂପ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍)କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତକାଲି ଏ ବାବଦରେ ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲଙ୍କ ସହ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚଆଣ୍ଡଏ) ଆଶୁତୋଷ ରଥ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ୧୦ କୋଟି ୧୦ ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି। ଏହି ଅବସରରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ତଥା ଡିନ୍ ଏବଂ ପ୍ରିନ୍ସିପାଲ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ନାଲକୋର ସିଏସଆର ଶାଖା

'ନାଲକୋ ଫାଉଣ୍ଡେସନ' ମାଧ୍ୟମରେ ପ୍ରଦାନ କରାଯାଇଥିବା ଏହି ଅର୍ଥ ରାଶି ହସ୍ପିଟାଲର ବିଭିନ୍ନ ବିଭାଗରେ ରୋଗୀସେବାକୁ ଉନ୍ନତ କରିବା ପାଇଁ ଅତ୍ୟାବଶ୍ୟକ ସୁବିଧା ଏବଂ ଉନ୍ନତ ଚିକିତ୍ସା ଉପକରଣ କ୍ରୟ ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ନିମନ୍ତେ ବ୍ୟବହୃତ ହେବ। ସୂଚନାଯୋଗ୍ୟ ଯେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ କୋରାପୁଟ ଜିଲ୍ଲାର ଅଧିବାସୀଙ୍କୁ, ବିଶେଷ କରି ଆଦିବାସୀ ସମ୍ପ୍ରଦାୟକୁ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଆସିଛି। ନାଲକୋର ଆର୍ଥିକ ସହାୟତା ହସ୍ପିଟାଲର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ସମଗ୍ର ଜିଲ୍ଲା ତଥା ପରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଆବଶ୍ୟକୀୟ ସୁବିଧାସୁଯୋଗ କ୍ଷେତ୍ରରେ ଉନ୍ନତି ଆଣିବ ବୋଲି ଆଶା କରାଯାଇଛି।

ଆଜିର ପେଟ୍ରୋଲ, ଡିଜେଲ ଦର

ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

୧୮ରୁ କ୍ରେଡାଇର ହୋମ୍ ଆଣ୍ଡ୍ ଡେକୋର ଏକ୍ସପୋ

ଭୁବନେଶ୍ୱର, ୨୦।୩: କନ୍‌ଫେଡେରେସନ ଅଫ୍ ରିୟଲ ଇଷ୍ଟେଟ ଡେଭଲପର ଆସୋସିଏସନ ଅଫ୍ ଇଣ୍ଡିଆ (କ୍ରେଡାଇ) ଓଡ଼ିଶା ଚାପ୍ଟର ପକ୍ଷରୁ ଏପ୍ରିଲ ୧୮ରୁ ୨୭ ଯାଏ ହୋମ୍ ଆଣ୍ଡ୍ ଡେକୋର ପ୍ରଦର୍ଶନୀ ସ୍ଥାନୀୟ ଜନତା ମୈଦାନଠାରେ ଅନୁଷ୍ଠିତ ହେବ। ବିଲ୍ଡର, ନିବେଶକ, ଘରକ୍ରେତା, ଇଣ୍ଟେରିୟର ଡିଜାଇନର, ବିଲ୍ଡିଂ ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନିଗୁଡ଼ିକ ଲାଗି ଏହା ରାଜ୍ୟର ସର୍ବବୃହତ୍ ଏକ୍ସପୋ। ରିୟଲ ଇଷ୍ଟେଟ ଏବଂ ହୋମ ଡେକୋର କ୍ଷେତ୍ରରେ ସର୍ବୋତ୍ତମ ଟ୍ରେଣ୍ଡ୍ ସହ ଏହା ଘର କ୍ରେତା ଏବଂ ନିବେଶକଙ୍କ ଲାଗି ୱାନ୍ ଷ୍ଟପ ଡେଷ୍ଟିନେସନ ହେବ। ୧୦ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଏକ୍ସପୋରେ ୩୦୦ରୁ ଊର୍ଦ୍ଧ୍ୱ ଡେଭଲପର ସେମାନଙ୍କ ପ୍ରପର୍ଟି ପ୍ରଦର୍ଶନ କରିବେ ବୋଲି କ୍ରେଡାଇ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଘର କ୍ରେତା, ରିୟଲ ଇଷ୍ଟେଟ

ନିବେଶକ ଏବଂ ଶିଳ୍ପ ପ୍ରଫେଶନାଲଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ ଡି.ଏସ୍. ତ୍ରିପାଠୀ ସୂଚନା ଦେଇଛନ୍ତି। ଏଥିରେ ରେସିଡେନ୍‌ସିଆଲ, କମର୍ସିଆଲ ପ୍ରପର୍ଟିର ବିସ୍ତୃତ ପ୍ରକଳ୍ପ, ସ୍ମାର୍ଟସିଟି ବିକାଶ, ଲକ୍‌ଜ୍ୟୁରୀ ଭିଲା ପ୍ରକଳ୍ପ ସହ ଘରକ୍ରେତାଙ୍କୁ ଠିକ୍ ନିଷ୍ପତ୍ତି ନେବା ଦିଗରେ ପ୍ରଫେସନାଲଙ୍କ ଦ୍ୱାରା ପରାମର୍ଶ ମଧ୍ୟ ମିଳିବ। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ଝାରସୁଗୁଡା, ବାଲେଶ୍ୱର, ପୁରୀ ଭଳି ସ୍ଥାନଗୁଡ଼ିକର ବିଲ୍ଡରମାନେ ପ୍ରକଳ୍ପ ସବୁ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱର ଏବଂ ରାଉରକେଲା ସ୍ମାର୍ଟ ସିଟି ବିକାଶ, ଆଇଟି ପାର୍କ ଏବଂ ରାଜ୍ୟର ଦୃଢ଼ ଭିତ୍ତିଭୂମି ଯୋଗୁ ଓଡ଼ିଶା ଏକ ରିୟଲ ଇଷ୍ଟେଟ ହବ୍ ପାଲଟୁଥିବା ଶ୍ରୀ ତ୍ରିପାଠୀ ଉଲ୍ଲେଖ କରିଛନ୍ତି। ଏ ଅବସରରେ କ୍ରେଡାଇ ଓଡ଼ିଶା ଉପାଧ୍ୟକ୍ଷ ବିନୟ କୃଷ୍ଣ ଦାସ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ସନ୍ତୋଷ କୁମାର ସାହୁ, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା, ଏକ୍ସପୋ କମିଟି ସଦସ୍ୟ ତଥା କେଡ୍ରାଇ ଭୁବନେଶ୍ୱର ସମ୍ପାଦକ ଜଗତ କୁମାର କର, ଅଶୋକ କୁମାର ପାତ୍ର, ଶେଖ ମୈରାଜୁଲ ହକ୍, ଶଶିକାନ୍ତ ବାରିକ, ପଙ୍କଜ ମୋଟୱାନି ଏବଂ କ୍ରେଡାଇ କଟକର ସଦସ୍ୟ ପିଆର୍ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ଏଣିକି ଜିଓ ହଟଷ୍ଟାରରେ ମାଗଣା ଆଇପିଏଲ ଦେଖିପାରିବେ ଦର୍ଶକ

ଭୁବନେଶ୍ୱର, ୨୦।୩: ଏଣିକି କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। ଜିଓ ଏହାର ପୁରୁଣା ଏବଂ ନୂଆ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ଆଣିଛି। ୨୯୯ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱର୍ ମୂଲ୍ୟର ପ୍ଲାନ୍ ସହିତ ନୂତନ ଜିଓ ସିମ୍ ସଂଯୋଗ ନେଇ କିମ୍ବା ଅତି କମରେ ୨୯୯ ଟଙ୍କା ମୂଲ୍ୟର ପ୍ଲାନ୍ ରିଚାର୍ଜ କରି ଜିଓ ଗ୍ରାହକ ଜିଓ ହଟ୍‌ଷ୍ଟାରରେ ମାଗଣାରେ ଆଇପିଏଲ କ୍ରିକେଟ୍ ସିଜିନ୍ ଉପଭୋଗ କରିପାରିବେ। ଏହି ଅସୀମିତ କ୍ରିକେଟ୍ ଅଫରରେ ଗ୍ରାହକ ଟିଭି କିମ୍ବା ମୋବାଇଲରେ ୯୦ ଦିନର ମାଗଣା ଜିଓ ହଟଷ୍ଟାର ସବ୍‌ସ୍କ୍ରିପସନ୍ ପାଇବେ ଏବଂ ତାହା ମଧ୍ୟ ୪କେ ଗୁଣବତ୍ତାରେ। ଏହାର ଅର୍ଥ ହେଉଛି ଗ୍ରାହକ ୨୨ ମାର୍ଚ୍ଚରୁ ଆରମ୍ଭ ହେଉଥିବା ଆଇପିଏଲ କ୍ରିକେଟ ସିଜିନ ମାଗଣାରେ ଉପଭୋଗ କରିପାରିବେ। ଜିଓ ହଟଷ୍ଟାର ପ୍ୟାକ୍ ଆସନ୍ତା ୨୨ ମାର୍ଚ୍ଚ ଅର୍ଥାତ୍ ଆଇପିଏଲ କ୍ରିକେଟ ସିଜିନର ଉଦଘାଟନୀ ମ୍ୟାଚ୍ ଦିନରୁ ୯୦ ଦିନ ପାଇଁ ବୈଧ ରହିବ। ଏହା ସହିତ ଜିଓ ଘର ପାଇଁ ଜିଓଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ମଧ୍ୟ ପ୍ରଦାନ କରିବ। ଅଲ୍ଟ୍ରା-ଫାଷ୍ଟ ଇଣ୍ଟରନେଟର ମାଗଣା ଟ୍ରାଏଲ୍ ସଂଯୋଗ ୫୦ ଦିନ ପାଇଁ ମାଗଣା ରହିବ। ଗ୍ରାହକ ୪ କେ ଗୁଣବତ୍ତାରେ ଇମର୍ସିଭ୍ କ୍ରିକେଟ୍ ଦେଖିବାର ଅନୁଭୂତି ସହିତ ଶ୍ରେଷ୍ଠ ହୋମ୍ ଏଣ୍ଟର୍‌ଟେନମେଣ୍ଟର ମଜା ନେଇପାରିବେ। ଜିଓଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ସହିତ ୮୦୦+ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ମଧ୍ୟ ମିଳିବ। ଗ୍ରାହକ ଏହି ଅଫରର ଲାଭ ୧୭ ମାର୍ଚ୍ଚରୁ ୩୧ ମାର୍ଚ୍ଚ, ୨୦୨୫ ମଧ୍ୟରେ ଉପଲବ୍ଧ କରିପାରିବେ।

ଆଉ ବର୍ଷେ ବଢ଼ିଲା ୟୁପିଆଇ ଇନ୍‌ସେଣ୍ଟିଭ୍ ସ୍କିମ୍

ନୂଆଦିଲ୍ଲୀ,୨୦।୩: ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ)କୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର କ୍ୟାବିନେଟ ୟୁପିଆଇ ଇନ୍‌ସେଣ୍ଟିଭ୍ ସ୍କିମ୍‌କୁ ଆଉ ବର୍ଷେ ବଢ଼ାଇ ଦେଇଛି। ଏ ସ୍କିମ୍ ୨୦୨୬ ମାର୍ଚ୍ଚ ୩୧ ଯାଏ ଜାରି ରହିବ ଏବଂ ଏହା ଉପରେ ପ୍ରାୟ ୧,୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ ବୈଠକ ପରେ କହିଲେ ଯେ, ଏ ସ୍କିମ୍‌ରେ ରୁପେ ଡେବିଟ୍ କାର୍ଡ ଏବଂ ଭୀମ୍-ୟୁପିଆଇ ଜରିଆରେ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ପର୍ସନ ଟୁ ମର୍ଚ୍ଚାଣ୍ଟ(ପି୨ଏମ୍) ଟ୍ରାଞ୍ଜାକ୍‌ସନ ଉପରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ୦.୧୫% ଇନ୍‌ସେଣ୍ଟିଭ୍ ମିଳିବ। ପର୍ସନ ଟୁ ମର୍ଚ୍ଚାଣ୍ଟ ୟୁପିଆଇ ଟ୍ରାଞ୍ଜାକ୍‌ସନ ଅର୍ଥ ହେଉଛି ବ୍ୟବସାୟୀ ଏବଂ ଗ୍ରାହକଙ୍କ ମଧ୍ୟରେ କରାଯାଇଥିବା ୟୁପିଆଇ ଟ୍ରାଞ୍ଜାକ୍‌ସନ। ଏ ସ୍କିମ୍ ୨୦୨୧ ଏପ୍ରିଲ ୧ରୁ କାର୍ଯ୍ୟକାରୀ ହୋଇଛି। ରୁପେ ଡେବିଟ୍ କାର୍ଡକୁ ପ୍ରୋତ୍ସାହିତ କରିବା ଦ୍ୱାରା ଏହାର ସିଧାସଳଖ ପ୍ରଭାବ ଅନ୍ତର୍ଜାତୀୟ ପେମେଣ୍ଟ କମ୍ପାନି ଯେପରି ଭୀସା ଏବଂ ମାଷ୍ଟର୍‌କାର୍ଡ ଉପରେ ପଡ଼ିବ। ଯଦି ଜଣେ ଗ୍ରାହକ ୧୦୦୦

ଫେଲ୍ ମାରିଛି ବସୁଧା ଯୋଜନା

ବର୍ଷେ ଧରି ଜଳ ଯୋଗାଣ ଠପ୍

ଖତ ଖାଉଛି ୨୦୯ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ



କଳାହାଣ୍ଡି,୨୦।୩(ସଂଚାର ବ୍ୟୁରୋ): ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧୀନରେ ନିର୍ମାଣ ହୋଇଥିବା ବସୁଧା ଯୋଜନା ଲୋକଙ୍କୁ ଆଖିଠାର। ଅଞ୍ଚଳରେ ନିର୍ମାଣ ହୋଇଥିବା ବସୁଧା ଯୋଜନା ଅନେକ ସ୍ଥାନରେ ଅଚଳ ହୋଇପଡିଛି। କେବଳ ଗାଁକୁ ଶୋଭାବର୍ଦ୍ଧନ କରିବା ବ୍ୟତୀତ ମୂଳ ଉଦ୍ଦେଶ୍ୟରୁ ବାହାରି ପଡିଛି। କହିବାକୁ ଗଲେ କଳମପୁର ଅଞ୍ଚଳ ୪୦ ପ୍ରତିଶତ ବସୁଧା ଯୋଜନା ଫେଲ ମାରିଥିବା ଚର୍ଚ୍ଚା ହେଉଛି। କେଉଁଠି ଓଭର ଟ୍ୟାଙ୍କରୁ ପାଣି ଝରୁଛି ତ କେଉଁଠି ମଟର ପୋଡି ଜଳ ଯୋଗାଣ ଠପ ପଡିଛି। ସେଭଳି କୋଉଠି ପାଇପ ଫାଟି ଯାଇଛି ତ ପୁଣି କେଉଁଠି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇପଡିଛି। ବଡ଼ ଆଶ୍ଚର୍ଯ୍ୟ ବିଷୟ ବିଭାଗ ପାଖରେ ଏସବୁ ଖବର ଥିଲେ ସୁଧା ନିରବଦ୍ରଷ୍ଟା ସାଜିଛି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ। ବିଶେଷ ଭାବେ ବିଭାଗର ଅଣଦେଖା ଓ ରକ୍ଷଣାବେକ୍ଷଣ ଅଭାବ ସମେତ ଅବହେଳା କାରଣରୁ ଅନେକ ସ୍ଥାନରେ ଜଳ ଯୋଗାଣ ଠପ୍ ସହ ବସୁଧା ଯୋଜନା ପଙ୍ଗୁ ହୋଇପଡ଼ିଥିବା ଅଭିଯୋଗ ହେଉଛି।

କଳମପୁର ବ୍ଲକ୍ ହାରାମାଲ ପଞ୍ଚାୟତର ବ୍ରାହ୍ମଣ କେନ୍ଦୁଗୁଡା ଓ ହାରାମାଲ ଗ୍ରାମରେ ଥିବା ବସୁଧା ଯୋଜନା ଦୀର୍ଘ ଏକ ବର୍ଷ ଧରି ଅଚଳ ହୋଇ ପଡିଥିବା ଅଭିଯୋଗ ହେଉଛି। ଯାହା ଗ୍ରାମରେ ଏବେ ଜଳ ସମସ୍ୟା ଦେଖାଦେଇଛି । ଗ୍ରାମରେ ବସୁଧା ଯୋଜନା ମାଧ୍ୟମରେ ବିଶୁଦ୍ଧ ଜଳ ଯୋଗାଣ ହେବା ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ହେଲେ ଲୋକଙ୍କ ଭିତରେ ସେହି ଉତ୍ସାହ ଆଉ ବେଶି ଦିନ ରହିପାରିଲାନାହିଁ। ଗତ ୨୦୨୦-୨୦୨୧ ମସିହାରେ ଗ୍ରାମ୍ୟ ଜଳ ଯୋଗାଣ ପକ୍ଷରୁ ୨୦୯ କୋଟି ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । କାର୍ଯ୍ୟ ଶେଷ ହୋଇ ଜଳ ଯୋଗାଣ ଆରମ୍ଭ ହୋଇଥିଲା । ତେବେ କିଛି ମାସ ପରେ ପୁଣି ବିଭିନ୍ନ ସ୍ଥାନରେ ପାଇପ ଫାଟି ଯିବା ଫଳରେ ଜଳ ଯୋଗାଣ ଠପ୍ ହୋଇପଡିଥିଲା ପରେ ମରାମତି କଲାପରେ ଆଉ ଥରେ ଜଳ ଯୋଗାଣ ଆରମ୍ଭ ହୋଇଥିଲା କିନ୍ତୁ ବର୍ତ୍ତମାନ ମଧ୍ୟ ସେହି ପୂର୍ବ ପରି ଅନେକ ଜାଗାରେ ପାଇପ ଫାଟି ଏକ ବର୍ଷ ହେଲା ଜଳ ଯୋଗାଣ ଠପ ହୋଇ ରହିଛି। ଯାହା ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ କଳମପୁରକୁ ପଚାରିବାରୁ ଖୁବଶୀଘ୍ର ଏହାର ମରାମତି କରାଯିବା ସହ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ଜଗନ୍ନାଥ ମନ୍ଦିରର ସୁପରିଚାଳନା ପାଇଁ ୨ଲକ୍ଷ ଟଙ୍କା ଦାନ

ନୀଳଗିରି,୨୦।୩(ସଂଚାର ବ୍ୟୁରୋ): କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥ ମହାପ୍ରଭୁ ସାରା ବିଶ୍ୱର କୋଣ ଅନୁକୋଣରେ ବିରାଜମାନ। ଦେଶ ବିଦେଶରେ ବିଭିନ୍ନ ମଠମନ୍ଦିର ମାନଙ୍କରେ ପ୍ରଭୁଙ୍କ ଆସ୍ଥାନ ରହିଥିବା ବେଳେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ଅନତି ଦୂରରେ ଅବସ୍ଥିତ ମିତ୍ରପୁର ଜଗନ୍ନାଥ ମନ୍ଦିର । ସେତେବେଳେ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ନିର୍ମିତ ଉକ୍ତ ମନ୍ଦିରର ସୁପରିଚାଳନା ପାଇଁ ସେଭଳି କୌଣସି ପାଣ୍ଠି ନଥିବା ବେଳେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ପାଇଁ ଅର୍ଥର ଆବଶ୍ୟକତା ରହିଛି। ଏଭଳି ପରିସ୍ଥିତିରେ ମିତ୍ରପୁର ଅଞ୍ଚଳର ଜଣେ ଜଗନ୍ନାଥ ପ୍ରେମୀଭକ୍ତ ସ୍ୱର୍ଗତ ସଦାନନ୍ଦ ମହାପାତ୍ରଙ୍କ ପୁଅ ଅଜୟ କୁମାର ମହାପାତ୍ର ଉକ୍ତ ମନ୍ଦିରର ସୁପରିଚାଳନା ପାଇଁ ୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କର ଏଭଳି ସହଯୋଗ ପାଇଁ ମନ୍ଦିରପରିଚାଳନା କମିଟି ଏବଂ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜଣାଯାଇଛି।

ଓକେସିଏଲ୍‌ର ସଚେତନତା ରଥ

ଖପ୍ରାଖୋଲ,୨୦।୩(ସଂଚାର ବ୍ୟୁରୋ): ଖପ୍ରାଖୋଲ ବ୍ଲକ ଅଞ୍ଚଳର ଛାତ୍ରଛାତ୍ରୀଙ୍କ କମ୍ପ୍ୟୁଟର ଶିକ୍ଷା ନିମନ୍ତେ ଓ.କେ.ସି.ଏଲ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା ନଲେକ କର୍ପୋରେସନ ଲିମିଟେଡ୍ (ଓ.କେ.ସି.ଏଲ୍) ପକ୍ଷରୁ ବାହାରିଥିବା ସଚେତନତା ରଥ ଖପ୍ରାଖୋଲ ଅଞ୍ଚଳରେ ପହଞ୍ଚିଥିଲା । ଏହି ଅବସରରେ ଓ.କେ.ସି.ଏଲ୍ ଖପ୍ରାଖୋଲ ବ୍ଲକ ସଂଯୋଜକ ନନ୍ଦକିଶୋର ବାଗ ଓ.କେ.ସି.ଏଲ୍ ପକ୍ଷରୁ ଖପ୍ରାଖୋଲର ଛାତ୍ରଛାତ୍ରୀଙ୍କ ପାଇଁ ଓଏସ୍‌ସିଆଇଟି କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ରହିଥିବା ସହିତ ଉଦିର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରମାଣପତ୍ର ଦିଆଯିବ ବୋଲି ପ୍ରକାଶ କରିଥିଲେ । ପରେ ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ବଳଭଦ୍ର ଦାଶ ସବୁଜ ପତାକା ହଲାଇ ଏହାର ଶୁଭାରମ୍ଭ କରିଥିଲେ । ଆଧୁନିକ ସମାଜରେ କମ୍ପ୍ୟୁଟରର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କମ୍ପ୍ୟୁଟର ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ହୋଇପଡିଛି ବୋଲି ମୁଖ୍ୟଅତିଥି ଶ୍ରୀ ଦାଶ ପ୍ରକାଶ କରିଥିଲେ । ହରେଶ କୁମାର ବେହେରା, ଅର୍ଜୁନ ହାତୀ, ରାକେଶ ବେହେରା, ନିବାସ ପଧାନ, ପିଙ୍କି ସେଲମା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । କ୍ଷିରୋଦ୍ର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଜମିଲା ପଞ୍ଚୁଦୋଳ ମେଳଣ

କଣାସ,୨୦।୩(ସଂଚାର ବ୍ୟୁରୋ): ଆଜି କଣାସ ଅଞ୍ଚଳର ମୁଖ୍ୟ ଆର୍କଷଣ ପଞ୍ଚୁଦୋଳ ଯାତ୍ରା କଣାସ, ଦୋକନ୍ଦା, ସିରେଇ, ଜଙ୍କିଆ, ଅଣ୍ଡାଳସିଂହ, ବକୁ ଠାରେ ପୃଥକ ପୃଥକ ଭାବେ ଜମିଥିବା ବେଳେ କଣାସ ମେଳଣର ଆରାଧ୍ୟ ଠାକୁର ବୈନାଥ ଦେବ, କଣାସ ବଡମଠର ଆରାଧ୍ୟ ଠାକୁର ରାଧାକାନ୍ତ ଦେବ, ଶ୍ରୀଲୋକନାଥ ଦେବ, ଲକ୍ଷ୍ମୀନାରାୟଣ ଦେବ, ଭଗବତ ଦେବ, ବଗବତ ବାସୁଦେବ, ଗାଣ୍ଡପଡ଼ା ଗ୍ରାମର ଭଗବତବାସୁଦେବ, ଡିମିରି ଗ୍ରାମର ଭଗବତବାସୁଦେବ, ସହନାଗ୍ରାମର ଭଗବତବାସୁଦେବ, ଚନ୍ଦପଡ଼ା ଗ୍ରାମର ଭଗବତବାସୁଦେବ, ପୋତାଘର ଗ୍ରାମର ଭଗବତବାସୁଦେବ, ବଡାସ ଗ୍ରାମର ଭଗବତବାସୁଦେବ, ବୈନାଥପାଟଣା ଗ୍ରାମର ଭଗବତବାସୁଦେବ ପୃଥକ ପୃଥକ ଭାବେ ସୁସଜ୍ଜିତ ବିମାନରେ ବସି କଣାସ ସାନମଠ ଠାରୁ ବାହାରି ମେଳଣ ପଡ଼ିଆକୁ ଆସିଥିଲେ। ଠାକୁରଙ୍କ ଆଗେ ଆଗେ ଜଗନ୍ନାଥ ସଂସ୍କୃତି ଉପରେ ଆଧ୍ୟାରିତ ଜଗନ୍ନାଥ କାର୍ଯ୍ୟକ୍ରମ, ଗୋଟିପୁଅ ନୃତ୍ୟ, ଚନ୍ଦନପୁରର ଓଡ଼ିଶି ନୃତ୍ୟ, ବଡାସ ଗ୍ରାମର ନାଗା ନୃତ୍ୟ, ଜଟଣି କଳାକାରମାନଙ୍କ ଦ୍ୱାରା ବାଘ, ଭାଲୁ, ବିଲେଇ, ବୃଷଭ, ଘୋଡାନୃତ୍ୟ, କଣାସ କଳାକାରମାନଙ୍କ ଦ୍ୱାରା ନାଗା, ପରୀ, ବୁଢାବୁଢି, ଚକ୍ରନୃତ୍ୟ ବିଶେଷ ଭାବେ ଆର୍କଷିତ କରିଥିଲା। କଣାସ ଥାନା ଆଇ.ଆଇ.ସି ପ୍ରମୋଦ କୁମାର ଜୁଝାରସିଂହ ଶାନ୍ତି ଶୃଙ୍ଖଳା ରକ୍ଷା କରିବାପାଇଁ ଉପସ୍ଥିତ ରହିଥିବା ବେଳେ ମା କୁଞ୍ଜେଶ୍ୱରୀ ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ରୋହିତ ପ୍ରଧାନ, ସମ୍ପାଦକ ପ୍ରଦୀପ ଭୋଳ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପ୍ରଧାନ, ଗୁଣ୍ଡିଚି ପ୍ରଧାନ, ଦାମୋଦର ବେହେରା, ଭାଗିରଥି ଖୁଣ୍ଟିଆ ଓ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସୁଚାରୁରୂପେ ପରିଚାଳନା କରିଥିଲେ। ବାଲେଶ୍ୱରର ଗୌରୀନନ୍ଦନ ଗଣନାଟ୍ୟ ଦୁଇଦିନ ଧରି ଯାତ୍ରା ପରିବେଷଣ କରୁଛି। ସେହିପରି ଦୋକନ୍ଦା, ସିରେଇ, ଜଙ୍କିଆ, ଅଣ୍ଡାଳସିଂହ, ବକୁ ଠାରେ ପଞ୍ଚୁଦୋଳ ଯାତ୍ରା ଆଜି ମହାସମାରୋହରେ ଜମିଥିବା ଜଣାପଡ଼ିଛି।

ଅସହ୍ୟ ଗ୍ରୀଷ୍ମ ପ୍ରବାହ

ଜଳଛତ୍ର ଖୋଲିବା ପାଇଁ ଦାବି

କଳାହାଣ୍ଡି,୨୦।୩(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲାରେ ମାର୍ଚ୍ଚ ଆରମ୍ଭରୁ ପାରା ୪୦ ଡିଗ୍ରୀ ଟପିବା ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି । ଫଳରେ ଜିଲାରେ ଅସହ୍ୟ ହେଉଛି ଗ୍ରୀଷ୍ମ ପ୍ରବାହ। ଏହି ପରିସ୍ଥିତିରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପଶୁ, ପକ୍ଷୀ ସମସ୍ତେ ଅସ୍ତବ୍ୟସ୍ତ ହୋଇଗଲେଣି । ବିଶେଷ କରି ଜିଲାର ଧର୍ମଗଡ ବ୍ଲକର ଅଧିକାଂଶ ଜଳାଶୟ ଶୁଖିବା ପଡ଼ିଛି । ଗ୍ରାମାଞ୍ଚଳରେ ଜଳର ସୁବିଧା ନଥିବାରୁ ବୁଲାପ୍ରାଣୀଙ୍କ ପାଇଁ ଜଳ ସମସ୍ୟା ଦେଖାଦେଇଛି । ଆଗକୁ ତାତି ଆହୁରି ଜଟିଳ ହେବାର ସମ୍ଭାବନା ଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ସାଧାରଣରେ ଚିନ୍ତା ବଢ଼ିବାରେ ଲାଗିଛି । ସରକାରୀସ୍ତରରେ ମଧ୍ୟ ଔପଚାରିକତା ପୂରଣ ପାଇଁ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ହେଉଛି । ଏଥିରେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଚିରାଚରିତ ଢଙ୍ଗରେ ଘୋଷଣା କରାଯାଉଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି । ଧର୍ମଗଡ ବ୍ଲକ ଅନ୍ତର୍ଗତ ୨୪ ଟି ପଞ୍ଚାୟତରେ ବିଗତ ବର୍ଷ ମାନଙ୍କରେ ରେ ଏପ୍ରିଲ ପ୍ରଥମ ସପ୍ତାହ ବେଳକୁ ପ୍ରତ୍ୟେକ ଗାଁରେ ଜଳଛତ୍ର ମଧ୍ୟମରେ ପଥିକମାନଙ୍କୁ ପିଇବା ପାଣି ଯୋଗାଉଥିଲେ । କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ମାସରୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ଚଳିତ ମାସରୁ ଜଳଛତ୍ର ଖୋଲାଗଲେ ଜନ ଉପକୃତ ହେବେ । ଏପରିକି ବ୍ଲକର ବିଭିନ୍ନ ଛକ ଗୁଡ଼ିକରେ ଥିବା ଥଣ୍ଡା ପାନୀୟ ପ୍ରକଳ୍ପ ସବୁ ଚାଲୁ ନଥିବାରୁ ପଥିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ସରକାର ଗ୍ରୀଷ୍ମ ପ୍ରବାହ ସମୟରେ କିପରି ସମସ୍ତେ ପାନୀୟ ଜଳରୁ ବଞ୍ଚିତ ନହେବେ ସେଥି ନିମନ୍ତେ ସମସ୍ତ ପଞ୍ଚାୟତକୁ ସ୍ୱତନ୍ତ୍ର ପାଣ୍ଠି ଦେଇଛନ୍ତି । କିନ୍ତୁ ଜଳଛତ୍ର ଏ ଯାଏଁ ପଞ୍ଚାୟତ ତରଫରୁ ଖୋଲା ନହେବା ଚର୍ଚ୍ଚାର ବିଷୟ। ଏଥି ପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଶୀଘ୍ର ଜଳଛତ୍ର ଖୋଲିବା ସହ ଥଣ୍ଡା ପାନୀୟ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

ଏନ୍‌ଏନ୍‌ଏମ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

କଟକ,୨୦।୩(ସଂଚାର ବ୍ୟୁରୋ): କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ୭ ଦିନିଆ ଶୀଳକାଳୀନ ସ୍ୱତନ୍ତ୍ର ଶିବିର ଅଧ୍ୟକ୍ଷା ଡ଼କ୍ଟର ସାଗରୀକା ମହାନ୍ତିଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ସେବା ମାଧ୍ୟମରେ ବ୍ୟକ୍ତିର ବିକାଶ ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ଼ା ଛନ୍ଦା କଲାଇ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପ-କାର୍ଯ୍ୟକ୍ରମ ଅଧିକାରୀ ଡ଼ା ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏଚ୍‌ଆଇଭି ସଂକ୍ରମିତ ଓ ଯୌନକର୍ମୀଙ୍କ ପାଇଁ ସାମାଜିକ ସୁରକ୍ଷା ସଚେତନତା କର୍ମଶାଳା

କନ୍ଧମାଳ,୨୦।୩(ସଂଚାର ବ୍ୟୁରୋ): ଜାତିୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥାଙ୍କ ଆକଳନ ଅନୁସାରେ ଦେଶରେ ଚିହ୍ନଟ ହୋଇଥିବା ଏଚ୍‌ଆଇଭି ସଂକ୍ରମିତଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଯୋଡି ସେମାନଙ୍କୁ ଦୀର୍ଘ ଜୀବନ ଜିଇଁବାର ରାହା ଦେବାପାଇଁ ବ୍ୟବସ୍ଥା କରିଛନ୍ତି । ଏହାକୁ ଆଖି ଆଗରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ସାମିଲ କରି ଜିଲ୍ଲାରେ ଥିବା ବିଭିନ୍ନ ବିପଦସଙ୍କୁଳ ଗୋଷ୍ଠି ଯଥା- ମହିଳା ଯୌନକର୍ମୀ, କିନ୍ନର, ଡ୍ରଗ୍ ବ୍ୟବହାରକାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହିତ ତାଙ୍କର ପରିବାରକୁ ଖାଦ୍ୟ ସୁରକ୍ଷା ଦେବା ପାଇଁ ଦାୟିତ୍ୱ ଦେଇଛନ୍ତି । ସେହିପରି କନ୍ଧମାଳ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କୁ ଲକ୍ଷ୍ୟଭେଦି ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକ୍ରମ କରିବାକୁ ସୁଯୋଗ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ସମ୍ମିଳନି କକ୍ଷରେ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତ, ଭୁବନେଶ୍ୱରଙ୍କ ସହାୟତାରେ ଏକ ଦିନିକିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଶିଶୁଙ୍କ ପାଇଁ ଆଇନ ସେବା ୟୁନିଟ୍‌ର ତାଲିମ କାର୍ଯ୍ୟକ୍ରମ

ଜଗତସିଂହପୁର,୨୦।୩(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଯୋଗଧାରୀ ସ୍ଥିତ ପ୍ରଦକ୍ଷଣ ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣର ଯୋଜନା ଅନୁଯାୟୀ ଶିଶୁଙ୍କ ଆଇନଗତ ସେବା ନିମନ୍ତେ ଗଠନ ହୋଇଥିବା ୟୁନିଟ୍‌ରେ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ପୁଲିସ ନିରିକ୍ଷକ, ଆଇନ ପରୀକ୍ଷଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ କମିଟିର ସଦସ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ ଉକ୍ତ ଯୋଜନାର ଉଦେଶ୍ୟ, ଅଭିମୁଖ୍ୟ ଓ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବାସହ ଶିଶୁଙ୍କ ପାଇଁ ଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ପୁଲିସ ନିରିକ୍ଷକ ଥାନାରେ ଶିଶୁଙ୍କୁ କିପରି ଆଇନ ସେବା ଦିଆଯାଇଥାଏ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। କିଶୋର ନ୍ୟାୟ ବୋର୍ଡ, ଶିଶୁ ଯତ୍ନ ପ୍ରତିଷ୍ଠାନ, ଶିଶୁଙ୍କ ବିଚାର ପାଇଁ ଉଦିଷ୍ଟ ଅଦାଲତ ଏବଂ ପର୍ଯ୍ୟବେକ୍ଷଣ ଗୃହରେ କିପରି ଆଇନ ସେବା ଦିଆଯାଇପାରିବ ଏହି ବିଷୟରେ ଆଇନ ପରୀକ୍ଷଣ ଅଧିକାରୀ ଆଲୋଚନା କରିଥିଲେ ।

ଅନ୍ୟତମ ବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୋଗଦେଇ ଯତ୍ନ ଓ ସୁରକ୍ଷା ଆବଶ୍ୟକ ଲୋଡୁଥିବା ଶିଶୁ କିପରି ବିଭିନ୍ନ ସ୍ଥାନରେ ଆଇନ ସେବା ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ଏହି ୟୁନିଟ୍‌ରେ ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ, ଆଇନଜୀବୀ ଏବଂ ଅଧିକାରୀ ମିତ୍ରମାନଙ୍କୁ ତାଲିମ ଦିଆଯାଇଥିଲା । ଯଦି କୌଣସି ଶିଶୁ ଆଇନ ସହାୟତା ଆବଶ୍ୟକ ଲୋଡୁଥାନ୍ତି ତେବେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସହ ଯୋଗାଯୋଗ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

ବିର୍ଲା ଟାୟାର୍ସ ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଗଣଧାରଣା

ଦାବି ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ ହେବ

ବାଲେଶ୍ୱର,୨୦।୩(ସଂଚାର ବ୍ୟୁରୋ): ବିର୍ଲା ଟାୟାର୍ସ ଶ୍ରମିକମାନଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା ଉପରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଗତ ୨ ତାରିଖ ଦିନ ପୁଲିସ୍‌ର ଅଗଣତାନ୍ତ୍ରିକ କାର୍ଯ୍ୟାନୁଷ୍ଠାନ, ଶ୍ରମିକନେତାମାନଙ୍କୁ ମିଥ୍ୟା ଅପରାଧିକ ମାମଲାରେ ଗିରଫର ପ୍ରତିବାଦ କରି ଓ ଶ୍ରମିକମାନଙ୍କୁ ସେମାନଙ୍କ ଆଇନଗତ ପ୍ରାପ୍ୟ ଏବଂ ନୂତନ କାରଖାନାରେ ନିଯୁକ୍ତି ଦାବିରେ ବାଲେଶ୍ୱର ଟ୍ରେଡ୍‌ୟୁନିୟନ୍ ଆସୋସିଏସନ୍ କୋଡ଼ିନେସନ୍‌କମିଟି (ଟିୟୁଏସିସି) ଆହ୍ୱାନରେ ଗୁରୁବାର ପୂର୍ବାହ୍ନରେ ଶ୍ରମିକମାନେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦେଇଥିଲେ। ଶ୍ରମିକମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାନଗଲେ ରାଜପଥ ଅବରୋଧ ଓ ବାଲେଶ୍ୱର ଜିଲ୍ଲା ବନ୍ଦ ପାଇଁ ଧାରଣାସ୍ଥଳରେ ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରଦାନ କରିଛନ୍ତି। ପୂର୍ବତନ

ସିନେମା

ହାଲ୍‌ଚାଲ୍

● 'ଲଭ୍ ପ୍ରମିକ୍' ଓ 'ତୁ ମୋ କମ୍‌ଜୋରୀ' ଫେମ୍ ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳଙ୍କ ନୂଆ ଓଡ଼ିଆ ସିନେମା 'ଲାଣ୍ଡୋ'ର ସୁଟିଂ ୧୦ ତାରିଖରୁ ଆରମ୍ଭ ହୋଇଯାଇଛି। ଏହାର କାହାଣୀ ଓ ଚିତ୍ରନାଟ୍ୟ ଲେଖିଛନ୍ତି ଶୁଭମ୍ ସାଗର ଓ ସୁଶାନ୍ତ ନାୟକ। ବିଜୟ ରାଉଳ ଏହାର ସଂଳାପକାର। ସୋମେଶ ଶତପଥୀ ଏହାର ସଙ୍ଗୀତକାର। ଏଥିରେ ନବାଗତ ଶୁଭମ୍ ସାଗର, ଅର୍ଲିନ୍ ଅଙ୍କିତା, ଅଶ୍ରୁମୋଚନ, କେ କେ, ସ୍ମିତା ମହାନ୍ତି, ସୋମୁ, ଚୌଧୁରୀ ବିକାଶ ଦାସ ଓ ଜୟପ୍ରକାଶ ଦାସ ମୁଖ୍ୟ ଭୂମିକାରେ ଅଛନ୍ତି।

● ପ୍ରଯୋଜିକା ଶୁଭଶ୍ରୀ ମଙ୍ଗରାଜଙ୍କ 'ଜୟହିନ୍ଦ୍'ର ସୁଟିଂ ଶେଷ ହୋଇଥିବା ଜଣାଯାଇଛି। ଏଥିରେ ଅନୁ ଚୌଧୁରୀ, ଆକାଶ ଦାସ ନାୟକ, ଅଙ୍କିତ କୁମାର, ବିଭାସ ଓ ଶକ୍ତି ବରାଳ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ଅଭିଷେକ ତ୍ରିପାଠୀ ଏହାର ନିର୍ଦ୍ଦେଶକ।

● ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତିଙ୍କ ନୂଆ ସିନେମା 'ରାକେଟ୍'ର ସମସ୍ତ ସୁଟିଂ ପରେ ପୋଷ୍ଟ୍ ପ୍ରଡକ୍‌ସନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଦୁଷ୍ମନ୍ତ, ନମ୍ରତା ଥାପ୍ପା, ଅର୍ଲିନ୍ ଅଙ୍କିତା, ପୃଥ୍ୱୀରାଜ, ସ୍ମୃତିରଞ୍ଜନ (ନଟିଆ), ଡିସ୍କୋ ରେଡ୍ଡୀ, ରାଜଶ୍ରୀ ବେହେରା ଓ ହେମନ୍ତ ପାତ୍ର ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ବିଜୟ ମଲ୍ଲ ଏହାର ସଂଳାପକାର ଓ ପ୍ରେମ୍ ଆନନ୍ଦ ସଙ୍ଗୀତକାର।

ଆଶ୍ରମ ଫେରାଇ ଦେଲା ପରିଚୟ

ପୁଣି ଚର୍ଚ୍ଚାକୁ ଫେରିଲେ ବଲିଉଡ୍ ଅଭିନେତା ବବି ଦେଓଲ୍। ୯୦ ଦଶକରେ ଅନେକ ବଡ଼ ବଜେଟ୍‌ର ଫିଲ୍ମରେ କାମ କରି ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିବା ଷ୍ଟାର୍‌ସନ୍ ବବିଙ୍କୁ ଗତ କିଛି ବର୍ଷ ହେଲାଣି ଭଲ ଫିଲ୍ମରେ ଦେଖିବାକୁ ମିଳୁ ନଥିଲା। କୌଣସି ନିର୍ମାତା ବା ନିର୍ଦ୍ଦେଶକ ତାଙ୍କୁ ଫିଲ୍ମରେ ନେବାକୁ ଚାହୁ ନଥିଲେ। ଏଭଳି ସ୍ଥିତିରେ ସେ ତାଙ୍କର ଚମକ ହରାଇସାରିଛନ୍ତି ବୋଲି ଭାବିସାରିଥିଲେ। ହେଲେ ଏହି ସମୟରେ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରି 'ଆଶ୍ରମ' ଭଳି ଏକ ୱେବ୍‌ସିରିଜ୍ ଅଫର୍ ଦେଇଥିଲେ ଜଣାଶୁଣା ନିର୍ଦ୍ଦେଶକ ପ୍ରକାଶ ଝା। ନିକଟରେ ଏହି ୱେବ୍‌ସିରିଜ୍‌ର ତୃତୀୟ ସିଜିନ୍ ରିଲିଜ୍ ହୋଇସାରିଥିବା ବେଳେ ଚାରିଆଡ଼େ ବବି ଦେଓଲ୍ ଓରଫ୍ ବାବା ନିରାଲାଙ୍କ ପ୍ରଶଂସା କରାଯାଉଛି।

ସଫଳତା ମିଳିବା ପରେ ବବି କହିଛନ୍ତି ଯେ, "ଆଶ୍ରମ ମୋ ଜୀବନକୁ ବଦଳାଇ ଦେଇଛି। ଏଥିରେ ଲୋକମାନେ ମୋତେ ଏକ ଭିନ୍ନ ଚରିତ୍ରରେ ଦେଖିଲେ। ଯେତେବେଳେ ମୋ ଜୀବନରେ ଆଉ କିଛି ବାକି ନଥିଲା, କେହି ମୋତେ ବିଶ୍ୱାସ କରୁ ନଥିଲେ, ସେତେବେଳେ ପ୍ରକାଶଜୀ ମୋତେ ବିଶ୍ୱାସ କରି ଏହି ଚରିତ୍ର ଦେଇଥିଲେ। ବାବା ନିରାଲା ଚରିତ୍ର ନିଭାଇବା ମୋ ପାଇଁ ସହଜ ନଥିଲା। କାରଣ ଏଭଳି ଚରିତ୍ରରେ ମୁଁ ପୂର୍ବରୁ କେବେ ଅଭିନୟ କରି ନଥିଲି। ପ୍ରଥମେ ମୋତେ ବହୁତ ଲାଜ ଲାଗିଥିଲା। ହେଲେ ଏବେ ଏତେ ପ୍ରଶଂସା ମିଳୁଥିବା ଦେଖି ଖୁସି ଲାଗୁଛି। ମୁଁ ବର୍ତ୍ତମାନ ବୟସର ଏପରି ପର୍ଯ୍ୟାୟରେ ପହଞ୍ଚିଛି, ଯେଉଁଠାରେ କେଉଁ ଅଭିନେତା ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ତାହା ମୋ ପାଇଁ ଗୁରୁତ୍ୱ ରଖୁନାହିଁ, ବରଂ ମୁଁ କେଉଁ ଚରିତ୍ରରେ ଅଭିନୟ କରୁଛି ତାହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅନେକ ଅଭିନେତାଙ୍କ ପାଇଁ ଓଟିଟି ପ୍ଲାଟ୍‌ଫର୍ମ ଏକ ଆଶୀର୍ବାଦ ପାଲଟିଛି।"

୨୦୨୩ ମସିହାରେ ବବିଙ୍କୁ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ଆନିମଲ୍'ରେ ଦେଖିବାକୁ ମିଳିଥିଲା। ଭୂମିକା ଛୋଟ ହୋଇଥିଲେ ହେଁ ସିନେପ୍ରେମୀଙ୍କୁ ବବିଙ୍କ ଅଭିନୟ ପସନ୍ଦ ଆସିଥିଲା।

ସୂର୍ଯ୍ୟମୟୀ ଏବେ ଗୁଲ୍‌ମାସ୍

ଚଳିତ ବର୍ଷ 'ରଙ୍ଗଶୂର'ରେ ନିଜର ନିଆରା ଗେଟ୍‌ଅପ୍ ଓ ଭିନ୍ନ ଭୂମିକା ପାଇଁ ପୁଣି ଚର୍ଚ୍ଚାରେ ଅଛନ୍ତି ଓଲିଉଡ୍‌ର ଲୋକପ୍ରିୟ ନାୟିକା ସୂର୍ଯ୍ୟମୟୀ। ଅଧିକାଂଶ ଛବିରେ ଭିନ୍ନ ଭିନ୍ନ ଭୂମିକାରେ ନଜର ଆସି ଦର୍ଶକଙ୍କୁ ଚମକାଉଥିବା ଏହି ନାୟିକା ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ପୁଣି ଧମାଲ କରିବେ ବୋଲି କୁହାଯାଉଛି। ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଏହି ସିନେମାରେ ସୂର୍ଯ୍ୟମୟୀଙ୍କ ଭୂମିକାରେ ନିଆରାପଣ ରହିଛି। ଏଥିରେ ତାଙ୍କ ଅଭିନୀତ ଚରିତ୍ରର ନାଁ ରହିଛି ଗୁଲ୍‌ମାସ୍। ଏଥିରେ କଳାପାହାଡ଼ର ସ୍ତ୍ରୀ ଭୂମିକାରେ ନଜର ଆସିବେ ସେ। ସୂର୍ଯ୍ୟମୟୀଙ୍କ ବିପକ୍ଷରେ କଳାପାହାଡ଼ ଭୂମିକାରେ ଅଛନ୍ତି 'ସୁପରଷ୍ଟାର୍-ଏ ଡ୍ରିମ୍' ଫେମ୍ ଅଭିନେତା ଅଂଶୁମାନ। ଏହା ମଧ୍ୟ ଅଂଶୁମାନ-ସୂର୍ଯ୍ୟମୟୀ ଯୋଡ଼ିର ପ୍ରଥମ ସିନେମା। କାହାଣୀ ଐତିହାସିକ ହୋଇଥିବାରୁ ତତ୍କାଳୀନ ପୋଷାକପରିଚ୍ଛଦରେ ସେ ନଜର ଆସିବେ। ଏହି ଭୂମିକାକୁ ନେଇ ଖୁବ୍ ଉତ୍ସାହିତ ବୋଲି କହିଛନ୍ତି ନାୟିକା ସୂର୍ଯ୍ୟମୟୀ।

'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ସୂର୍ଯ୍ୟମୟୀ ଓ ଅଂଶୁମାନଙ୍କ ବ୍ୟତୀତ ସିଦ୍ଧାନ୍ତ, ଶ୍ରୀତମ୍, ଜ୍ୟୋତି, ଶିବାନୀ, କେଦାର ମିଶ୍ର, ପ୍ରିୟଙ୍କା, ଦେବୁ ପଟ୍ଟନାୟକ ଓ କୁନା ତ୍ରିପାଠୀ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ସାଇଶ୍ରଦ୍ଧା ଫିଲ୍ମସ୍ ବ୍ୟାନର୍‌ରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଛନ୍ତି ବିନି ସାମଲ। ଶଙ୍କର ତ୍ରିପାଠୀଙ୍କ ରଚିତ ଏକ ଚର୍ଚ୍ଚିତ ନାଟକର କାହାଣୀକୁ ଆଧାର କରି ଏହି ସିନେମାଟି ତିଆରି ହୋଇଛି।

'କଟକ ଶେଷରୁ ଆରମ୍ଭ'ର ସିକ୍ୱେଲ୍

'କଟକ ଶେଷରୁ ଆରମ୍ଭ'ର ସିକ୍ୱେଲ୍‌ର ସୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡ଼ିଛି। ପ୍ରଥମ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ସୁଧାଂଶୁମୋହନ ସାହୁ ଦ୍ୱିତୀୟ ଭାଗର ନିର୍ଦ୍ଦେଶନା ବି ଦେଉଛନ୍ତି। ଇତିମଧ୍ୟରେ ଏହାର ସ୍କ୍ରିପ୍ଟ କାମ ଶେଷ ହୋଇଛି। ଦିଲ୍ଲୀପ ଚୌଧୁରୀ ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବା ବେଳେ ଅସଦ୍ ନିଜାମ୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସମସ୍ତ ସୁଟିଂ ରାମୋଜୀ ଫିଲ୍ମସିଟିରେ କରାଯିବ ବୋଲି ପ୍ରଯୋଜକ ପ୍ରୀତମ୍ ସାହୁ ସୂଚନା ଦେଇଛନ୍ତି। ସେ ଏହା ପୂର୍ବରୁ 'ଶେଷ ରାତି', 'ଗୁଡ୍ଡୁ ଗ୍ୟାଙ୍ଗଷ୍ଟର୍', 'ଚନ୍ଦ୍ରବଂଶୀ' ଓ 'ଦୁର୍ଗା' ଭଳି ଫିଲ୍ମର ପ୍ରଯୋଜନା କରିଛନ୍ତି। ଏହି ଫିଲ୍ମରେ ଦେବାଶିଷ, ପୁନମ୍, ସିଦ୍ଧାନ୍ତ, ଅନୁ ଚୌଧୁରୀ ଓ ଚୌଧୁରୀ ବିକାଶ ଦାସ ପ୍ରମୁଖଙ୍କୁ ପୁଣି ଦେଖିବାକୁ ମିଳିବ।

କରଣ-ଜାସ୍ମିନ୍‌ଙ୍କ ପ୍ରେମ କାହାଣୀ

କରଣ ଜଣେ ଧନୀ ବ୍ୟବସାୟୀ। ସେ ବାହା ହେବାଲାଗି ଆଦୌ ଇଚ୍ଛୁକ ନୁହନ୍ତି, ହେଲେ ଜଣେ ନୂତନ କର୍ମଚାରୀ ଜାସ୍ମିନ୍‌ଙ୍କୁ ଭେଟିବା ପରେ ନିଜ ମତ ବଦଳାନ୍ତି। ପ୍ରଥମଥର ପାଇଁ ସେ ପ୍ରକୃତ ପ୍ରେମ ଅନୁଭବ କରନ୍ତି ଏବଂ ନିଜ ଭାବନାକୁ ଜାସ୍ମିନ୍‌ଙ୍କ ନିକଟରେ ପ୍ରକାଶ କରିବାକୁ ନିଷ୍ପତ୍ତି ନିଅନ୍ତି। କିନ୍ତୁ ଜାସ୍ମିନ୍ ଜଣେ ବଡ଼ ଚଳଚ୍ଚିତ୍ର ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖୁଥାଏ। ଏହି ସ୍ୱପ୍ନ ସାକାର କରିବା ପୂର୍ବରୁ ପରିସ୍ଥିତିରେ ପଡ଼ି ସେ ଚାକିରି କରୁଥାଏ। ଏଣେ କରଣ ଜାସ୍ମିନ୍‌ଙ୍କୁ ଜୀବନସାଥୀ କରିବା ଲାଗି ପ୍ରସ୍ତାବ ଦିଅନ୍ତି। ସେ ସହଜରେ ଗ୍ରହଣ କରେ ନା ନିଜ ସ୍ୱପ୍ନ ସାକାର କରିବା ବାଟ ବାଛିନିଏ ? ନା ଜାସ୍ମିନ୍‌ଙ୍କ ଜୀବନରେ କିଛି ଗୋପନୀୟ କଥା ରହିଛି ? ଏ ସବୁର ଉତ୍ତର ମିଳିବ ନୂଆ ଓଡ଼ିଆ ସିନେମା 'ତୋର ମୋର ପ୍ରେମ'ରେ। ଏଥିରେ କରଣ-ଜାସ୍ମିନ୍‌ଙ୍କ ପ୍ରେମ କାହାଣୀ ରହିଛି। ଏଥିରେ ପ୍ରଥମଥର ଲାଗି ଦର୍ଶକ ତୁଷାର-ପୁଣ୍ୟତୋୟାଙ୍କ ଯୋଡ଼ି ଦେଖିବାକୁ ପାଇବେ। ତୁଷାର କରଣ ଭୂମିକା ନିଭାଇଥିବା ବେଳେ ପୁଣ୍ୟତୋୟା ଅଛନ୍ତି ଜାସ୍ମିନ୍ ଚରିତ୍ରରେ। ଆଗରୁ ଏ ଦୁହେଁ ମ୍ୟୁଜିକ୍ ଭିଡିଓରେ କାମ କରିଥିଲେ, ହେଲେ ବଡ଼ ପରଦାରେ ପ୍ରଥମ ଥର ଏକାଠି ହୋଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମନସ୍ୱିନୀ ପତି, ମଧୁମିତା ମହାନ୍ତି, ନୀତୁ ମିଶ୍ର, ଡିସ୍କୋ ରେଡ୍ଡୀ, ପ୍ରସନ୍ନ ପାତ୍ର, ଗୋପାଳ ଶର୍ମା, ଥିନ୍ ଓ ସ୍ମୃତିରଞ୍ଜନ ରଥ ପ୍ରମୁଖଙ୍କୁ ବି ଦେଖିବାକୁ ମିଳିବ। ବିଦିଶା କ୍ରାଫ୍ଟ ବ୍ୟାନର୍‌ରେ ନିର୍ମିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ନିଜେ ନାୟକ ତୁଷାର ସିହ୍ନା। ଏହି ସିନେମା ଚଳିତ ମାସ ୨୧ ତାରିଖରେ ମୁକ୍ତିଲାଭ କରିବ।

କେବେ ସର୍ବଂସହା କେବେ ପ୍ରତିଶୋଧର ନିଆଁ

ଶିବାନୀ ଗଣନାଟ୍ୟ ୨୦୦୬ ମସିହାରେ ପ୍ରସ୍ତୁତ କରିଥିଲା ସୁଶ୍ରୀ ହରପ୍ରିୟାଙ୍କ ରଚିତ ସୁଶାନ୍ତ ଦାସଙ୍କ ନିର୍ଦ୍ଦେଶିତ ନାଟକ 'ମୁଁ ଝିଅଟେ ମେଡ୍ ଇନ୍ ଓଡ଼ିଶା'। ପିତୃ-ମାତୃହୀନ ଝିଅ ଜାଗି ପ୍ରଚଳିତ ବ୍ୟବସ୍ଥା ବିରୋଧରେ ପ୍ରତିଶୋଧ ନେବାକୁ କିଭଳି ଆତଙ୍କବାଦୀ ପାଲଟିଯାଏ ଓ ଶେଷରେ ପ୍ରତିଶୋଧ ନିଏ ତାହା ଏଥିରେ ଦର୍ଶାଯାଇଛି। ଏହି କ୍ରମରେ ଆସେ ଯାତ୍ରା ତ୍ରିରଙ୍ଗାର ନାଟକ 'ରାତିର ରାଣୀ'। ଡାକବଙ୍ଗଳା ଚୌକିଦାର ସନିଆର ଭଉଣୀ ରାଣୀ ଥିଲା ଖୁବ୍ ସୁନ୍ଦରୀ। ବାହାସାହା ହୋଇ ସଂସାର ଗଢ଼ିବା ତା'ର ସ୍ୱପ୍ନ। କିନ୍ତୁ ଠିକାଦାର ସଂଗ୍ରାମ ରାୟଚୌଧୁରୀର ଲୋଲୁପ ଦୃଷ୍ଟିର ଶିକାର ହୁଏ ରାଣୀ। ପ୍ରତିବାଦ କରିବାକୁ ଗଳାଚିପି ମାରିଦିଏ ଠିକାଦାର। ତା' ଇସାରାରେ ପୁଲିସ୍ ବଳାତ୍କାର ଓ ହତ୍ୟା ଅପରାଧରେ ରାଣୀର ଭାଇ ସନିଆକୁ ବାନ୍ଧିନିଏ। ପରେ ରାଣୀର ପ୍ରେତାତ୍ମା ତା' ଉପରେ ଅତ୍ୟାଚାର କରିଥିବା ଚରିତ୍ରମାନଙ୍କ ଉପରେ ପ୍ରତିଶୋଧ ନିଏ। ସେହିପରି ଇଷ୍ଟର୍ଣ୍ଣ ରେଡ୍ ପ୍ରଯୋଜିତ 'ଲେଡି ଡନ୍' ଏକ ନାରୀ ପ୍ରତିଶୋଧର କାହାଣୀ। ଅଞ୍ଜଳି ନାମକ ଜଣେ ସାଧାରଣ ଗୃହିଣୀ ଯେଉଁ ହାତରେ ତୁଳସୀ ଚଉରା ମୂଳେ ସଞ୍ଜବତୀ ଜାଳି ପରିବାରର ମଙ୍ଗଳ କାମନା କରୁଥିଲା, ପରିସ୍ଥିତିରେ ପଡ଼ି ସେହି ହାତରେ ବନ୍ଧୁକ ଧରି ଡନ୍ ସାଜି ସମାଜକୁ ଭିନ୍ନ ବାର୍ତ୍ତା ଦିଏ। ପୁଣି ଏଭଳି ଅନେକ ନାଟକ ରହିଛି ଯେଉଁଥିରେ ନାରୀକୁ ତ୍ୟାଗର ପ୍ରତିଭୂ ଭାବେ ଚିତ୍ରଣ କରାଯାଇଛି। ବାଘାଯତିନ୍ ଲୋକନାଟ୍ୟର ସନ୍ତୋଷ ନାରାୟଣ ଦାସଙ୍କ ରଚନା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ବାଜେ ଝିଅକୁ ଛୁଇଁବା ମନା' ଏବଂ ଇଷ୍ଟର୍ଣ୍ଣ ଭାଓଲେଟ୍ ପ୍ରଯୋଜିତ ନାଟକ 'ମୋ ପତି ତୋ ପରମେଶ୍ୱର' ଏହି ଶ୍ରେଣୀରେ ଆସେ।

ପାନୀୟ ନିଗମରେ ଠିକା କର୍ମଚାରୀଙ୍କୁ ଶୋଷଣ ଅଭିଯୋଗ

ଭୁବନେଶ୍ୱର,୨୦।୩(ସଂଚାର ବ୍ୟୁରୋ): ଖୋର୍ଦ୍ଧା ପାନୀୟ ନିଗମରେ ଶ୍ରମିକମାନଙ୍କୁ ଶୋଷଣ କରାଯାଉଥିବାର ଅଭିଯୋଗ କରିଛନ୍ତି ୧୦ ଜଣ ଠିକା ଶ୍ରମିକ। ଦୀର୍ଘ ୫ ବର୍ଷ ହେବ ସେମାନେ ପେଟି ଉଠା ପକା କାର୍ଯ୍ୟ କରିଆସୁଥିଲେ। ଗତ ୪ ମାସ ହେବ ନୂଆ ଠିକାଦାର ଆସିବା ପରେ ଏହି ଶ୍ରମିକମାନେ ସମସ୍ତ ସୁବିଧାରୁ ବଂଚିତ ହୋଇଛନ୍ତି। ସୁପରଭାଇଜର ଗାଳି ଗୁଲଜ କରିବା ସହ କାର୍ଯ୍ୟରୁ ବାହାର କରି ଦେବାର ଧମକ ଦେଉଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଜିଲ୍ଲାପାଳ, ଶ୍ରମଆୟୁକ୍ତ ଓ ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ ବି କିଛି ସୁଫଳ ମିଳି ନାହିଁ। ନିୟମ ଅନୁଯାଇ, ଠିକାଦାର ମନୋଜ କୁମାର ରଥ ଏବଂ ଓଡିଶା ପାନୀୟ ନିଗମ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ଅନୁଶାରେ, ପେଟି ପିଛା ୧.୨୫ ପଇସା ଏବଂ ଋଚର, ଋଝଓ ର ସୁବିଧା ଶ୍ରମିକ ମାନଙ୍କୁ ଦିଆଯିବା କଥା, କିନ୍ତୁ ଆମ୍ଭେମାନେ ଦୀର୍ଘ ୨ ମାସରୁ ଅଧିକ ଦିନ ହେଲାଣି ଉପଯୁକ୍ତ ପାଉଣା କିମ୍ବା ଋଚର/ଋଝଓ ପାଇନାହୁଁ। ୨ ମାସର ପ୍ରତ୍ୟେକ ଦିନ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ଉପସ୍ଥାପନ ଖାତା ଯେଉଁଠିକି ପ୍ରବେଶ ଦ୍ୱାର (ଗେଟ) ରେ ସ୍ୱାକ୍ଷର କରି ଆସୁଥିବା ଶ୍ରମିକ ମାନଙ୍କ ସଂଖ୍ୟା ଅନୁଯାଇ ଏବଂ ପ୍ରତି ଦିନ ପେଟି ଉଠା ପକା ସଂଖ୍ୟା ଅନୁଯାଇ ଆମ ପାଖରେ ହିସାବ ଗୁଡିକ ଥିଲେ ମଧ୍ୟ ଆମକୁ ପ୍ରାପ୍ୟ ନଦେବାରୁ ଆମ୍ଭେ ମାନେ ସୁପରଭାଇଜର ପାଖରେ ଅଭିଯୋଗ କରିଥିଲୁ। ସେ ଆମକୁ ଖରାପ ଭାଷାରେ ଗାଳିଗୁଲଜ କରି କାର୍ଯ୍ୟରୁ ବାହାର କରିଦେବା ପାଇଁ ଧମକ ଦେଉଛନ୍ତି। ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଶ୍ରମିକମାଙ୍କର ଅଭିଯୋଗ ଶୁଣି ମାର୍ଚ୍ଚ ମାସ ପରେ ସମସ୍ତ ପାଉଣା ପ୍ରଦାନର ସୁବିଧା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଜିନ୍ଦଲ ଗ୍ରୁପ ଅଧ୍ୟକ୍ଷା ଏମେରିଟସ୍ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ଉତ୍ସବ ପାଳିତ

ଅନୁଗୁଳ,୨୦।୩ (ସଂଚାର ବ୍ୟୁରୋ): ଅନୁଗୁଳ ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ଠାରେ ୧୨ ଦିନ ଧରି ଚାଲିଥିବା 'ସେଲିବ୍ରେଟିଂ ଦି ଲିଗାସି' କାର୍ଯ୍ୟକ୍ରମ, ଜିନ୍ଦଲ ଗ୍ରୁପ ଅଧ୍ୟକ୍ଷା ଏମେରିଟସ୍ ଶ୍ରୀମତି ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପାଳନ ସହିତ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ଜେଏସପି ଅଧ୍ୟକ୍ଷ ଶ୍ରୀଯୁକ୍ତ ନବୀନ ଜିନ୍ଦଲଙ୍କ ସମ୍ମାନାର୍ଥେ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହୋଇଥିଲା। ଏଥିରେ ସମ୍ପ୍ରଦାୟ ଏବଂ ଶ୍ରମିକଙ୍କ ଉନ୍ନତି ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟ ରଖି ପାଳନ କରାଯାଇଥିଲା, ଯାହା ସମାଜ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା। ୧୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଦିବସ, ସଂସ୍କୃତି ଦିବସ, ପ୍ରେରଣା ଦିବସ, ଦକ୍ଷତା ଦିବସ, ଜ୍ଞାନ ଦିବସ, ରଙ୍ଗ ଦିବସ, ଏକତା ଦିବସ, କ୍ରୀଡ଼ା ଦିବସ, ସୁରକ୍ଷା ଦିବସ, ଆଧ୍ୟାତ୍ମିକତା ଦିବସ ଏବଂ ସଶକ୍ତିରକଣ ଦିବସ ଅନ୍ତର୍ଭୁକ୍ତ ଥିଲା। ଜେଏସପିର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ସମେତ ସୀମା ମଲହାନ ଏବଂ ଅନିତା ମିତ୍ତଲଙ୍କ ନେତୃତ୍ୱରେ ପରିଚାଳିତ ଜିନ୍ଦଲ ମହିଳା ସମିତିର ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଅନୁଗୁଳର ସ୍ଥାନୀୟ ମ୍ୟାନେଜମ୍ୟାଣ୍ଟ ପରିଚାଳନା କରିଥିଲା।

ଗୋପୀନାଥଙ୍କ ଶେଷ ଠିକଣା ବୃଦ୍ଧାଶ୍ରମ

ଏରସମା,୨୦।୩ (ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ଙ୍କ ସ୍ୱାର୍ଥ ଓ ସୁରକ୍ଷା କୁ ଦୃଷ୍ଟି ରେ ରଖି ଯେତେ ଆଇନ ପ୍ରଣୟନ କରାଗଲେ ମଧ୍ୟ ଦିନକୁ ଦିନ ସେମାନଙ୍କ ପ୍ରତି ପୁଅ ବୋହୂ ଙ୍କ ନିର୍ଯ୍ୟାତନା ବଢିବାକୁ ଲାଗିଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ପଂଚାୟତ ଜନାର୍ଦ୍ଦନପୁର ଗ୍ରାମର ଗୋପୀନାଥ ପାତ୍ରଙ୍କ ନିକଟରେ। ଆଜିକୁ ଦୀର୍ଘଦୀନ ହେଲା ପିଲା ମାନଙ୍କ ଦ୍ୱାରା ଅବହେଳିତ ଓ ନିର୍ଯ୍ୟାତିତ ହୋଇ ନ୍ୟାୟ ପାଇଁ ଉପଜିଲ୍ଲାପାଳ ଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ। ସହୃଦୟ ଉପଜିଲ୍ଲାପାଳ ଘଟଣାଟିକୁ ବିଚାର ବିମର୍ଷ କରି କୁଜଙ୍ଗ ଥାନା ମାଧ୍ୟମରେ ସମାଧାନ କରି ଗୋପୀନାଥ ପାତ୍ର ଙ୍କୁ ନିଜ ଘରେ ଛାଡିବା ପାଇଁ ପରାମର୍ଶ ଦେଇଥିଲେ। କୁଜଙ୍ଗ ଥାନା ଏବଂ ବ୍ୟାସ ଫାଉଣ୍ଡେସନ ର ମିଳିତ ସହଯୋଗ ରେ ଗୋପୀନାଥ ପାତ୍ର ଙ୍କୁ ନିଜ ପରିବାର ରେ ଛଡ଼ାଯାଇଥିଲା କିନ୍ତୁ ଦୁଃଖ ଓ ପରିତାପ ର ବିଷୟ ମାସେ କିମ୍ବା ଦୁଇ ମାସ ପରେ ପୂର୍ବ ଭଳି ତାଙ୍କୁ ନିର୍ଯାତନା ଦେବା ସହ ତାଙ୍କୁ ଖାଇବାକୁ ନ ଦେବା, ଚିକିତ୍ସା ପାଇଁ ଡାକ୍ତର ଙ୍କୁ ନ ଦେଖେଇବା ପରିବର୍ତ୍ତେ ତାଙ୍କୁ ମାରଧର କରିବା ଭଳି ଘଟଣା ଘାଟଉଥିଲେ। ଶେଷରେ ଏଭଳି ଜୀବନ ବଂଚିବା ଅପେକ୍ଷା ଗୋପୀନାଥ ପାତ୍ର ଅନ୍ତିମ ଜୀବନ ବୃଦ୍ଧାଶ୍ରମ ରେ କାଟିବେ ବୋଲି ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟ ରେ ସେ ବ୍ୟାସ ଫାଉଣ୍ଡେସନ ର କର୍ମକର୍ତ୍ତା ଙ୍କ ସହ ଯୋଗାଯୋଗ କରି ତାଙ୍କୁ ବୃଦ୍ଧାଶ୍ରମରେ ଛାଡିବା ପାଇଁ ଅନୁରୋଧ କରିଥିଲେ।ଆଜି ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ, ଆଇନ ପରାମର୍ଶ ଦାତା ହୃଷିକେଶ ନନ୍ଦ, ସଭ୍ୟ ସଂଗ୍ରାମ ନାୟକ, ବିପିନି ମାଝୀ ପ୍ରମୁଖ ପହଂଚି କୁଜଙ୍ଗ ଥାନା ଅଧିକାରୀ ଙ୍କ ସହ ସବିଶେଷ ଆଲୋଚନା କଲା ପରେ ଗୋପୀନାଥ ପାତ୍ର ଙ୍କ ଲିଖିତ ଦରଖାସ୍ତ ଦେଇ ଅନ୍ତିମ ଜୀବନ ଶାନ୍ତି ରେ କଟାଇବା ପାଇଁ ମୋ ଘର ବୃଦ୍ଧା ଶ୍ରମରେ ଅବସ୍ଥାପିତ କରାଇଛନ୍ତି।

ସମିତି ସଭ୍ୟଙ୍କୁ ଆକ୍ରମଣ ନେଇ ଘନଉଛି ରାଜନୀତି

ଯାଜପୁର ରୋଡ଼,୨୦।୩(ସଂଚାର ବ୍ୟୁରୋ): କୋରେଇ ବ୍ଲକ ପରିସର ସମ୍ମୁଖରେ ଗତ ୧୮ ତାରିଖରେ ବିଜେଡି ସମର୍ଥିତ ତଣ୍ଡରା ଗ୍ରାମ ପଂଚାୟତର ସମିତି ସଭ୍ୟଙ୍କୁ ହୋଇଥିବା ଆକ୍ରମଣ ଘଟଣା ଏବେ ରାଜନୀତି ପଶାପାଲିର ଚକିରେ ପେଶି ହେଲାଣି ବୋଲି ସାଧାରଣରେ ଆଲୋଚନା ହେଉଛି। କୋରେଇ ବିଜେଡି ପକ୍ଷରୁ ତଣ୍ଡରା ସମିତି ସଭ୍ୟଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କୋରେଇ ପୋଲିସ ପ୍ରଶାସନ ନିକଟରେ କରାଯାଇଥିଲା ଅଭିଯୋଗ। କିନ୍ତୁ ରାଜନୀତିର ପଶାପାଲିରେ ଛନ୍ଦି ହୋଇ ପଡୁଛି କୋରେଇ ପୋଲିସ ପ୍ରଶାସନ କଳ ବୋଲି ସାଧାରଣରେ ଛକ ବଜାରରେ ଏବେ ଆଲୋଚନା ହେଉଛି। ଏପଟେ ନ୍ୟାୟ ଅପେକ୍ଷାରେ କୋରେଇ ବିଜେଡି ବସିରହିଛି। କିନ୍ତୁ ଉଭୟ ପକ୍ଷରୁ ଥାନାରେ ମଧ୍ୟ ଅଭିଯୋଗ ହୋଇଛି ବୋଲି ଜଣାପଡ଼ିଛି। ଏପଟେ ପାଣିକୋଇଲି ସ୍ଥିତ ଯାଜପୁର ଜିଲ୍ଲାର ଏସପିଙ୍କ କାର୍ଯ୍ୟାଳୟରେ ନ୍ୟାୟ ପାଇବା ପାଇଁ ଆଜି କୋରେଇ ବିଜେଡି କାର୍ଯ୍ୟ କର୍ତ୍ତାମାନେ ଦ୍ୱାରସ୍ଥ ହୋଇଛନ୍ତି। ଖବରର ସୂଚନା ମୁତାବକ ବ୍ଲକ ପରିସର ସମ୍ମୁଖରେ କିଛି ଅସାମାଜିକ ଯୁବକ ମାନେ ତଣ୍ଡରା ସମିତିସଭ୍ୟ ସଦାଶିବ ରାଉତଙ୍କୁ ଗତ ତା୧୮ରିଖରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଘଟଣାକୁ ନେଇ ନ୍ୟାୟ ପାଇବା ଆଶାରେ ଅଭିଯୋଗକାରି ଶ୍ରୀ ରାଉତଙ୍କ ସହ କୋରେଇ ବିଜେଡି କର୍ମୀ ମାନେ କୋରେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ସେପଟେ ମଧ୍ୟ ଆକ୍ରମଣକାରୀ କାଳେ ବିଜେପି କର୍ମୀ ବୋଲି ସାଧାରଣରେ ଏଠି ସେଠି ଚର୍ଚ୍ଚା ଚାଲିଥିବା କଥା ବିଶେଷ ସୂତ୍ରରୁ ଖବର ମିଳିଛି। କିନ୍ତୁ ଏପଟେ ଦୀର୍ଘ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗକାରୀ ସମିତି ସଭ୍ୟ ଶ୍ରୀରାଉତ ଓ ବିଜେଡି କର୍ମୀ ମାନେ ଜଣାଇଛନ୍ତି'ଯେ ଏହାର କୌଣସି ତଦନ୍ତ କରାଯାଇନଥିବା ନେଇ ଅଭିଯୋଗ କରିଛନ୍ତି। କୋରେଇ ପୋଲିସ କାହା ଚାପରେ ଛନ୍ଦିହୋଇ ପକ୍ଷପାତିତା କରୁଥିବା ମଧ୍ୟ ସମିତି ମେମ୍ବର ମାନେ ଅଭିଯୋଗ କରିଛନ୍ତି।

ସବୁଜାଣି ଚୁପ ବସିଛି ମହିଳା ଓ ଶିଶୁ ବିକାଶ ବିଭାଗ

ପୁଣି କନ୍ଧମାଳରେ ଲଜ୍ଜା: ନାବାଳିକା ଗର୍ଭବତୀ

କନ୍ଧମାଳ,୨୦।୩(ସଂଚାର ବ୍ୟୁରୋ): ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ନାବାଳିକା ମାନଙ୍କ ଉପରେ ଆକ୍ରୋଶ । ଅତ୍ୟାଚାର ସହ ବାଲ୍ୟ ବିବାହ ଥମିବାର ନା ଧରୁନଥିବା ବେଳେ ଏହା ଉପରେ ପ୍ରଶାସନ ର ବ୍ୟାପକ ସଚେତନତା ସମ୍ପୂର୍ଣ୍ଣ ଫେଲ ମାରିଛି। କିଛିଦିନ ଆଗରୁ ଜିଲ୍ଲାର ଦାରିଙ୍ଗବାଡି ଅଞ୍ଚଳର ଜଣେ ନାବାଳିକା ମେଡିକାଲ ରେ ଛୁଆ ଜନ୍ମ କରି ଶୌଚାଳୟ ରେ ଫିଙ୍ଗି ଦେଇ ଚାଲିଯିବା । ପରେ ଏହି ଘଟଣାରେ ଜଣେ ଯୁବକ ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣା କୁ ମାସେ ନପୂରୁଣୁ ପୁଣି ଜଣେ ଅଷ୍ଟମ ଶ୍ରେଣୀ ରେ ପାଠ ପଢୁଥିବା ଚଉଦ ବର୍ଷ ର ନାବାଳିକା ଗର୍ଭବତୀ ହେବା ଘଟଣା ବର୍ତମାନ ସାରା ଫିରିଙ୍ଗିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣା ଟି ଘଟିଛି ଜିଲ୍ଲାର ଫିରିଙ୍ଗିଆ ଥାନା ଅନ୍ତର୍ଗତ ଜାଜେଶପାଙ୍ଗା ଅଞ୍ଚଳରେ । ପୀଡିତା ନାବାଳିକା ଜଣକ ସେହି ଜାଜେଶପାଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ

ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଜଣାପଡ଼ିଛି । ତେବେ ସୂଚନା ଅନୁସାରେ ଗତ କିଛି ମାସ ତଳେ ପୀଡିତା ନାବାଳିକା ସ୍କୁଲ ର ୟୁନିଫର୍ମ । ବହି ପତ୍ର ନେବା ପରେ ଆଉ ବିଦ୍ୟାଳୟ କୁ ଆସିନଥିଲା । ଏହି ବିଷୟରେ ପୀଡିତା ର ଅଭିଭାବକ ଙ୍କୁ ପାଚରିବାରୁ ପୀଡିତା ଜଣକ ସାଡାଙ୍ଗିଆ ପଞ୍ଚାୟତ ଅଧୀନରେ ଥିବା କିଆମୁଣ୍ଡା ଗାଁ ର ତାର ଭେଣେଇଁ ଘରେ ରହୁଥିବା ଜାଣିବାକୁ ମିଳିଥିବା ବେଳେ ପୀଡିତା ଜଣକ ଗର୍ବବତୀ ଥିବା ମଧ୍ୟ ଜଣାପଡ଼ିଥିଲା । ଘଟଣା ଜଣାପଡ଼ିବା ପରେ ଗତ ଚାରି ତାରିଖ ଦିନ ଉପର ଦାମିଙ୍ଗିଆ ର ଅଙ୍ଗନବାଡି କର୍ମୀ ସୌରେନ୍ଦ୍ରି କହଁର ଫିରିଙ୍ଗିଆ ସମନ୍ୱିନ ଶିଶୁ ବିକାଶ ଆଧିକାରିଣୀ ନିବେଦିତା ପ୍ରଧାନ ଙ୍କୁ ଲିଖିତ ଭାବରେ ମଧ୍ୟ ଲିଖିତ ଭାବରେ ଜଣେଇଥିବା ବେଳେ ସିଡିପି। ସେହି ଅଞ୍ଚଳର ଅଙ୍ଗନବାଡି ପରିଦର୍ଶିକା ଶ୍ରୀମତୀ ପ୍ରାଣିତା ଙ୍କୁ ତଦନ୍ତ ଦାୟିତ୍ୱ ମଧ୍ୟ ଦେଇଥିଲେ । କିନ୍ତୁ ପରିଦର୍ଶିକା ଜଣକ କୌଣସି ତଦନ୍ତ ନକରି ଚୁପ ହୋଇ ରହିଥିବାରୁ ବାଧ୍ୟ ହୋଇ ଶିଶୁ ସୁରକ୍ଷା । ବାଲ୍ୟ ବିବାହ ଉପରେ କାର୍ଯ୍ୟକରୁଥିବା ମେରା ବଚପନ ନାମକ ସ୍ୱେଚ୍ଛାସେବୀ ସଂଗଠନ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା । ତେବେ ପୀଡିତା ର ଏଭଳି ଅବସ୍ଥା ପାଇଁ ତାର ନିଜ ଭେଣେଇ ହିଁ ଦାୟୀ ବୋଲି ତଦନ୍ତ ରୁ ଜଣାପଡ଼ିଥିଲା । ଏନେଇ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ ଘଟଣା ଘଟଣା ବିଷୟରେ ଶିଶୁ ବିକାଶ ଅଧିକାରୀ ଙ୍କୁ ମଧ୍ୟ ଜଣେଇଥିବା ବେଳେ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ବାଧ୍ୟ ହୋଇ ମଙ୍ଗଳବାର ସ୍ୱେଚ୍ଛାସେବୀ ସଂଗଠନ ମେରା ବଚପନ ତରଫରୁ ପୀଡିତା ର ଭେଣେଇଁ ସେହି କିଆମୁଣ୍ଡା ଗାଁର ଦିଲୀପ ଦିଗାଲ ନାରେ ଫିରିଙ୍ଗିଆ ଥାନାରେ ଏକ ଲିଖିତ ଏତଲା ଦିଆଯାଇଥିବା ଜଣାପଡ଼ିଛି ।

ଗଛ ଡାଳ ପାଇଁ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ

ଦଶରଥପୁର,୨୦।୩ (ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟଟି ଯାଜପୁର -କୟାଁଗୋଲା ଜାତୀୟ ରାଜପଥ କଡ଼କୁ ଲାଗି ରହିଥିବା ବେଳେ ଏବେ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଜଣା ପଡ଼ିଛି। ଘଟଣାରୁ ପ୍ରକାଶ ଥାଉକି ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୧୨୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟ ଶ୍ରେଣୀ ଗୃହର ଅଳ୍ପ କିଛି ଦୂରତାରେ ଶ୍ରେଣୀ ଗୃହର ବାହାର ପଟେ ଏକ ବିଶାଳ ଚାକୁଣ୍ଡା ଗଛ ଜାତୀୟ ରାଜପଥ କଡରେ ରହିଛି। ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଗଛଟି ବିଦ୍ୟାଳୟକୁ ଲାଗି ରହିଥିବା ବେଳେ ଅନେକ ସମୟରେ ବାତ୍ୟା ପବନ ହେଲେ ଗଛର ଡାଳ ଭାଙ୍ଗି ବିଦ୍ୟାଳୟ ଛାତ ଉପରେ ପଡ଼ିଥାଏ। ଯାହା ଫଳରେ ବିଦ୍ୟାଳୟ ଭିତରେ ଛାତ୍ର ଛାତ୍ରୀ ପାଠ ପଢିବା ପାଇଁ ଭୟ କରୁଥିବା ବେଳେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶ୍ରେଣୀ ପ୍ରକୋଷ୍ଠ ମଧ୍ୟରେ ଶିକ୍ଷାଦାନ ଦେବାକୁ ମଧ୍ୟ ଭୟ କରିଥାନ୍ତି। ବର୍ତ୍ତମାନ ଗଛଟି ବହୁ ପୁରୁଣା ହୋଇଯାଇଥିବା ବେଳେ ଅନେକ ସମୟରେ ଗଛର ଡାଳ ଗୁଡିକ ସୁଖୀ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ବିଦ୍ୟାଳୟ ଛାତ ତଥା ବିଦ୍ୟାଳୟ ଭିତରେ ଏବଂ ବାହାରେ ପଡୁଥିବା ବେଳେ କେତେବେଳେ ଜେ କେଉଁ ଛାତ୍ର ଛାତ୍ରୀ କିମ୍ବା

ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଜୀବନ ହାନି ନ ଘଟାଇବ ଏ କଥାକୁ ଏଡାଇ ଦେଇ ହେବ ନାହିଁ। ଯାହାକୁ ନେଇ ଏବେ ଛାତ୍ର ଅଭିଭାବକ ମାନେ ଚିନ୍ତା ପ୍ରକଟ କରିବା ସହ ନିଜ ପିଲା ମାନଙ୍କୁ ବିଦ୍ୟାଳୟକୁ ଛାଡିବା ପାଇଁ ଅମଙ୍ଗ ହେଉଛନ୍ତି। ବିଦ୍ୟାଳୟର ରୋଷେଇ ଘରକୁ ଲାଗି ଏହି ବିପଦପୂର୍ଣ୍ଣ ଗଛଟି ରହିଥିବାରୁ ରୋଷେଇଆ ମାନେ ମଧ୍ୟ ଭୟ କରୁଛନ୍ତି। ସେହିପରି ବର୍ତ୍ତମାନ ଏହି ଗଛର କିଛି ବଡ଼ ବଡ଼ ଡାଳ ବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠ ଉପରେ ଓହଳି ରହିଥିବା ବେଳେ ଗଛର ଆଉ କିଛି ବଡ଼ ବଡ଼ ଡାଳ ସୁଖୀ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ ଛାତ ଉପରେ ଓହଳି ରହିଛି। ଯାହାକୁ ନେଇ ଏବେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲାପାଳ, ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ, ବନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ବିଦ୍ୟାଳୟ ପ୍ରତି ଏହି ଗଛ ସୃଷ୍ଟି କରୁଥିବା ବିପଦପୂର୍ଣ୍ଣ ଶୃଙ୍ଖଳା ଏବଂ କଞ୍ଚା ଡାଳ ଗୁଡିକୁ କାଟି ବିଦ୍ୟାଳୟ ଟିକୁ ବିପଦ ମୁକ୍ତ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଜୟପ୍ରକାଶ ନାୟକଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟାଙ୍କ ସମେତ ଅଭିଭାବକ ମହଲରେ ଦାବି ହୋଇଛି।

ଛାତ୍ରଙ୍କ ଘର ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର

ରାୟଗଡ଼ା,୨୦।୩(ସଂଚାର ବ୍ୟୁରୋ): ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ। ଘର ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର। ରାୟଗଡ଼ା ଜିଲ୍ଲା ଗୁଣପୁରର ସ୍ଥିତ ବାଲାଜି ନଗରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ର ହେଲେ ସନ୍ଦିପ୍ ପାଲକା (୧୩ ବର୍ଷ)। ନାବାଳକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ପୁରୁଣା ଗୁଣପୁର ସ୍ଥିତ ବାଲିଜି ନଗର ଠାରେ ପ୍ରଦୀପ ପାଲକା ପରିବାର ସହ ଏକ ଭଡ଼ା ଘରେ ରୁହନ୍ତି। ପ୍ରଦୀପ ପାଲକା ଓ ତାଙ୍କ ପତ୍ନୀ ଉଭୟ ଶିକ୍ଷକତା କରୁଛନ୍ତି। ନିଜ ଘର ତିଆରି ଚାଲିଥିବା ଯୋଗୁ ଘର କାମରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ ପୁଅର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ।

ଅନ୍ଧାରରେ ଜୀବନ କାଟୁଛନ୍ତି ୧୦ ପରିବାର

କନ୍ଧମାଳ,୨୦।୩(ସଂଚାର ବ୍ୟୁରୋ): ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ଏକ ବର୍ଷ ହେଲା ଅନ୍ଧାର ରେ ରହୁଛନ୍ତି ୧୦ ପରିବାର। ଏହି ଚିତ୍ର ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ଗାଜୁରିସରୁ ସାହି ରେ। ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ଏହି ୧୦ ଟି ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ସେ ମାନଙ୍କ ସମସ୍ୟା ଦ୍ୱିଗୁଣିତ ହେଉଥିବା ବେଳେ ଆଜି ବି ମହମବତୀ ସେ ମାନଙ୍କ ପାଇଁ ସାହା ପାଲଟିଛି। ପିଲା ମାନେ ରାତିରେ ପାଠ ପଢ଼ି ପାରୁନାହାନ୍ତି। ଗତ ବର୍ଷ

ଠାରୁ କୌଣସି